


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-329 ♦BHUBANESWAR ♦WEDNESDAY ♦28 MAY 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୨ ♦ସଂଖ୍ୟା-୩୨୯ ♦ଭୁବନେଶ୍ୱର ♦ବୁଧବାର ♦୨୮ ମେ ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦



Laxmi
# Vikash
## Group Of Institutions
Bhawanipatna | Jeypore | Kantabanji

AWARDED AS BEST CBSE SCHOOL IN WESTERN ODISHA BY OTV

EDUCATION WORLD RANKING 2024-25
CATEGORY CO- ED DAY-CUM-BOARDING SCHOOL
NO. 3 IN ODISHA NO. 13 IN INDIA

### CHSE +2 Science Results 2025

93 % School Topper RAKESH

92.67 % SARASWATI
92.5 % ANKITA
91.83% MUKESH
91.17 % DUSMANTA
90.83 % SANJOG
90.67 % ABHISHEK
90.67% PRATYUSH
90.33 % RITIK
90.17 % SHREYAS
90 % DHANANTARI
90 % DEEPAK

### JEE MAINS RESULT OF STD.XII
BOARD APPEARED STUDENTS 2024-25
1st Proliferative JEE Batch of Laxmi -Vikash

Subhasish Majhi (AIR- 7243)
Dharashree Sethi (AIR- 38299)
Rajendra Patra (AIR- 55223)
Rajashree Behera (AIR- 67914)

Qualified for JEE Advance

### CBSE Results 2025

### RESULTS of AISSE (X & XII) 2024-25

97 % School Topper CHANDRA SEKHAR

94.4 % IPSITA
93.8 % ANSUMAN
93.2% IPSITA
92.8 % DIVYANJAN
91.2 % MADHAV
91.2 % SOUMYA SWARUP
91 % DEVIDUTTA
92.8 % SOUMYA
92 % ANWESHA
91.8 % MOUSUMI
91.2 % DIBYANSH
90.6 % LIZIL
90.2 % MILAN
90.2 % OM PRAKASH
90 % ISIKA
90 % ANTRA
90 % SAKSHYAM

SCIENCE

93 % School Topper ARIYAN KUMAR

92 % BAISNABI
91 % SUJAL
90.2 % ABHIJIT
88.6 % RAJASHRI
88.4 % RAJENDRA
85.4 % L SUBHADRA
85 % PRATIKSHYA
85 % ASTHA

COMMERCE

89.2 % Aditya
87.6 % AKSHITA
85 % KESHAB
85 % TAMANNA
85 % PUSPANJALI

### RESULTS ANALYSIS

| | | >90% | >85% | >80% | >70% | >60% |
|---|---|---|---|---|---|---|
| CBSE | Class X | 18 | 36 | 50 | 80 | 155 |
| | XII Science | 04 | 08 | 19 | 54 | 101 |
| | XII Commers | 00 | 05 | 10 | 17 | 31 |

90% of students Scored with 1st Division in X & 80% students scored 1st Division in XII

| | | >90% | >85% | >80% | >70% | >60% |
|---|---|---|---|---|---|---|
| CHSE | +2 Science | 12 | 38 | 72 | 141 | 200 |

ABOVE 500 CLUB-55 STUDENTS
85 % OF APPEARED STUDENTS GOT FIRST CLASS

### Our Institutions
Vikash Residential School (CBSE)
Vikash Higher Secondary School (CHSE)
Saraswati +3 Science College
(Botany, Zoology, Maths, Chemistry, Physics, Hons )
Saraswati institute of IT & Management (BBA /BCA)
Vikash Nursing College (Bsc Nursing & GNM)
Laxmi Vikash Techno School, Kantabanji
Laxmi Vikash First Step, Kantabanji
Laxmi Vikash Global School, Jeypore

### Key Features
Integrated JEE/NEET Coaching For XI & XII Science
Integrated Techno syllabus from Std VI onwords
Smart Class Rooms
Globally Oriented Curriculum
Scholarship for meritorious students
Green and Ample Playground
24/7 CC TV Surveillance
A/C & Non A/C Hostel Facility
Transport facility with GPS System

Laxmi Vikash Degree College Bhawanipatna

### UNIVERSITY TOPPERS 2025
MAA MANIKESWARI UNIVERSITY, BHAWANIPATNA

1st Priyanka Majhi (BCA) 85.31 %
1st Sneha Suchitra Mund (BBA) 84.31 %
2 Shibani Mishra (B.Sc) Math 9.36 CGPA
3 Anwesha Sahu (B.Sc) Math 9.19 CGPA

Laxmi Vikash Global School, Jeypore — 9040260371
Laxmi Vikash First Step, Kantabanji — 9124575828
Laxmi Vikash Techno School, Kantabanji — 9937252999
Vikash Higher Secondary School, Bhawanipatna — 9437000408
Vikash Residential school, Bhawanipatna — 7077933733

www.laxmivikash.com
Laxmi Vikash Group of Institutions, Bhawanipatna

Contact for more information: 7077933733, 9348696536, 9124578123, 9439812131

# ADMISSIONS OPEN 2025-26
Vikash Wisdom Park, Opposite Govt. Engg. College, Kandha Bandhapala, Bhawanipatna, Pin-766002.

## ଅଡିଟ୍‌ରେ ଧରାପଡ଼ିଲା ତଞ୍ଚକତା

# ଆଇଏମ୍‌ଏରେ ୧ କୋଟି ୨୧ ଲକ୍ଷ ହେରଫେର୍

**ଭୁବନେଶ୍ୱର, ୨୭।୫ (ସମିସ):** ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଆଇଏମ୍‌ଏ)ରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଅଭିଯୋଗ ହୋଇଛି। ନିଯୁକ୍ତିରେ ଦୁର୍ନୀତି, ବେନାମୀ ବ୍ୟକ୍ତିଙ୍କୁ ଚାକିରି, ଦରମା ପ୍ରଦାନରେ ଅନୁକମ୍ପା, ବାହାର ଲୋକଙ୍କୁ ବିଭିନ୍ନ ଆଳରେ ଲକ୍ଷାଧିକ ଟଙ୍କା ଅନୁଦାନ ପରି ବହୁ ତଞ୍ଚକତା ପଦାକୁ ଆସିଛି। ୨୦୦୯ରୁ ୨୦୧୨ ପର୍ଯ୍ୟନ୍ତ ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ କରାଯାଇଥିବା ଅଡିଟ୍‌ରେ ଏହା ଧରାପଡ଼ିଛି। ରିପୋର୍ଟରେ ପ୍ରାୟ ୧କୋଟି ୨୧ଲକ୍ଷ ୩୦ହଜାର ଟଙ୍କା ହେରଫେର୍ କରାଯାଇଥିବା ଦର୍ଶାଯାଇଥିବା ବେଳେ ପ୍ରାୟ ୨୬ଲକ୍ଷ ଟଙ୍କା ଅସୁଲି କରିବାକୁ ମଧ୍ୟ କୁହାଯାଇଛି।

ପ୍ରତିଷ୍ଠାନ ପକ୍ଷରୁ ଛାତ୍ରଛାତ୍ରୀଙ୍କ ଗଣିତ ଦକ୍ଷତା ବଢ଼ାଇବାକୁ 'କାର୍ଯ୍ୟଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ' ବା 'ଦକ୍ଷତା ବିକାଶ କାର୍ଯ୍ୟକ୍ରମ' କରାଯାଉଛି। ମାଲକାନାଗିରି, କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାରେ ଏହି କାର୍ଯ୍ୟକ୍ରମ ପାଇଁ ଏସ୍.ଏଚ୍. ଅଲି ରିଜୱାନ ଓ ଡ. ଅସ୍ରଫ୍ ହୁସେନ୍‌ଙ୍କୁ ପ୍ରାୟ ୪୩ ଲକ୍ଷ ୮ ହଜାର ଟଙ୍କା ପ୍ରଦାନ କରାଯାଇଛି। ହେଲେ ଉଭୟଙ୍କ ଚୟନ ପ୍ରକ୍ରିୟାକୁ ନେଇ ଅଡିଟ୍‌ରେ ପ୍ରଶ୍ନ କରାଯାଇଛି। ଗଣିତଜ୍ଞ ବା ଅଭିଜ୍ଞତା ଥିବା ବ୍ୟକ୍ତି ବା ସଂସ୍ଥା ଏହି କାର୍ଯ୍ୟକ୍ରମ କରିପାରିବେ ବୋଲି ନିୟମ ରହିଥିଲା ବେଳେ ଓକିଲାତି କରୁଥିବା ଏସ୍.ଏଚ୍. ଅଲି ରିଜୱାନ୍‌ଙ୍କୁ କିପରି ଚୟନ କରାଗଲା ବୋଲି ପ୍ରଶ୍ନ ଉଠିଛି। ଓକିଲଙ୍କୁ ଗଣିତଜ୍ଞ କହିବା କଥା ବୁଝାପଡୁ ନଥିବା ଉଲ୍ଲେଖ କରି କଡ଼ା ଟିପ୍ପଣୀ ଦେଇଛନ୍ତି। ଉଭୟଙ୍କ ନିଯୁକ୍ତି ସମ୍ପର୍କରେ ଗଭର୍ଣ୍ଣିଂ କାଉନ୍‌ସିଲ୍‌ରେ ଉପସ୍ଥାପନ କରାଯାଇନାହିଁ କିମ୍ବା ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗକୁ ମଧ୍ୟ ଅବଗତ କରାଯାଇନାହିଁ। ପ୍ରତିଷ୍ଠାନ ସହ ଉଭୟ ଚୁକ୍ତି ମଧ୍ୟ କରିନାହାନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା, ୨୦୦୯ ପୂର୍ବରୁ ମଧ୍ୟ ଉଭୟଙ୍କୁ ବହୁ ଅନୁଦାନ ଦିଆଯାଇଛି। ମୋଟ୍ ୫୬ ଲକ୍ଷ ଟଙ୍କା ଉଭୟଙ୍କୁ ପ୍ରଦାନ କରାଯାଇଥିବା ଜଣାପଡ଼ିଛି।

ସେହିପରି ସୁରକ୍ଷା ଅଧିକାରୀ ଭାବେ ବିସି ରାଉତ ନାମକ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ତାଙ୍କର ସମ୍ପୂର୍ଣ୍ଣ ପରିଚୟ ମଧ୍ୟ ଉପଲବ୍ଧ ନାହିଁ। ତାଙ୍କୁ କେଉଁ କାରଣରୁ ନିଯୁକ୍ତି ଦିଆଯାଇଥିଲା, ନିଯୁକ୍ତି ପ୍ରକ୍ରିୟା କ'ଣ ଥିଲା ଓ କ'ଣ କାମ କରୁଥିଲେ; ସେନେଇ ମଧ୍ୟ ସଠିକ୍ ସୂଚନା ନାହିଁ। ପ୍ରତିଷ୍ଠାନର ସୁରକ୍ଷା ବାବଦକୁ ଗୋଟିଏ ଏଜେନ୍ସି ମାସିକ ପ୍ରାୟ ୭୦ରୁ ୮୦ହଜାର ଟଙ୍କା ନେଉଥିବା ବେଳେ ଗଭର୍ଣ୍ଣିଂ କାଉନସିଲ୍ ଅଜାଣତରେ କାହିଁକି ଶ୍ରୀ ରାଉତଙ୍କୁ ନିଯୁକ୍ତି ଦିଆଗଲା ବୋଲି ଅଡିଟ୍‌ରେ ପ୍ରଶ୍ନ କରାଯାଇଛି। ଏହାର ଉତ୍ତରରେ ତତ୍କାଳୀନ ନିର୍ଦ୍ଦେଶକ ଶ୍ରୀ ରାଉତଙ୍କୁ ଜଣେ ଭାରତୀୟ ଗୁଇନ୍ଦା ସଂସ୍ଥା ଅନୁସନ୍ଧାନ ଓ ବିଶ୍ଳେଷଣ ଶାଖା (ର') ଅଧିକାରୀ ଭାବେ ଦର୍ଶାଇବା ସହ ପ୍ରତିଷ୍ଠାନର ଆବଶ୍ୟକତା ଦୃଷ୍ଟିରୁ ତାଙ୍କୁ ନିଯୁକ୍ତି ଦିଆଯାଇଥିବା କହିଛନ୍ତି। ହେଲେ ପରିଚୟ ଓ ଆନୁଷଙ୍ଗିକ କାଗଜପତ୍ର ଉପଲବ୍ଧ ନଥିବାରୁ ଏହା ଗ୍ରହଣୀୟ ନୁହେଁ ବୋଲି ଅଡିଟ୍ ଅଧିକାରୀ ଉଲ୍ଲେଖ କରିଛନ୍ତି। ଯଦି ସୁରକ୍ଷା ଅଧିକାରୀ ନିଯୁକ୍ତି ଅତ୍ୟାବଶ୍ୟକ ଥିଲା, ତାହେଲେ ତାଙ୍କ ମୃତ୍ୟୁ ପରେ କାହିଁକି ସେହି ପଦରେ କାହାକୁ ନିଯୁକ୍ତି ଦିଆଯାଇନାହିଁ ବୋଲି ପ୍ରଶ୍ନ କରିଛନ୍ତି। ଦରମା ବାବଦକୁ ନେଇଥିବା ପ୍ରାୟ ୨ଲକ୍ଷ ୫୪ ହଜାର ଟଙ୍କାକୁ ଶ୍ରୀ ରାଉତ କିମ୍ବା ତତ୍କାଳୀନ ନିର୍ଦ୍ଦେଶକଙ୍କଠାରୁ ଭରଣା କରିବାକୁ କହିଛନ୍ତି।

ଅନିୟମିତତାର ଲମ୍ବା ଚିଠା ଏତିକିରେ ସରିନାହିଁ। ଚାଟାର୍ଡ ଆକାଉଣ୍ଟାଣ୍ଟ ନିଯୁକ୍ତିରେ ମଧ୍ୟ ହେରଫେର୍ କରାଯାଇଥିବା ଜଣାପଡ଼ିଛି। ପ୍ରାରମ୍ଭିକ ଭାବେ ୧୦ ହଜାର ଟଙ୍କା ଦରମା ଦିଆଯାଉଥିବା ବେଳେ ଅଚାନକ ଏହାକୁ ୨୫ ହଜାର କରିବାକୁ ନେଇ ଅଡିଟର୍ ପ୍ରଶ୍ନ କରିଛନ୍ତି। ଏହା ସମ୍ପର୍କରେ ତତ୍କାଳୀନ ନିର୍ଦ୍ଦେଶକଙ୍କ ଉତ୍ତର ସନ୍ତୋଷଜନକ ନଥିବା କହିବା ସହ ଅଧିକ ଦେଇଥିବା ୧ ଲକ୍ଷ ୮୦ହଜାର ଟଙ୍କା ଭରଣା କରିବାକୁ ଉଲ୍ଲେଖ କରିଛନ୍ତି। ସେହିପରି ଭିଜିଟିଂ ଅଧ୍ୟାପକ ଭାବେ ଅଭିଜ୍ଞାନ ରେଜ୍‌ଙ୍କୁ ପାଉଣା ନେଇ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି। ପିଏଚ୍‌ଡି କରିଥିବା ଅଧ୍ୟାପକଙ୍କୁ ମାସିକ ୪୦ ହଜାର ଟଙ୍କା ଦରମା ଦେବାର ନିୟମ ଥିବା ବେଳେ ପିଏଚ୍‌ଡି କରିନଥିବା ଶ୍ରୀ ରେଜ୍‌ଙ୍କୁ କିପରି ସମପରିମାଣର ଦରମା ଦିଆଗଲା ବୋଲି ପ୍ରଶ୍ନ କରିଛନ୍ତି। ଉତ୍ତରରେ ତତ୍କାଳୀନ ନିର୍ଦ୍ଦେଶକ କହିଛନ୍ତି ଯେ ସେ ଏକ ବିଦେଶୀ ବିଶ୍ୱବିଦ୍ୟାଳୟରୁ ପିଏଚ୍‌ଡି କରିଛନ୍ତି। ହେଲେ ଅସୁସ୍ଥତା କାରଣରୁ ସେ ଭାଇଭା ପରୀକ୍ଷା ଦେଇ ପାରି ନଥିବାରୁ ଆନୁଷ୍ଠାନିକ ଭାବେ ପିଏଚ୍‌ଡି ଡିଗ୍ରୀ ପାଇପାରି ନାହାନ୍ତି। ଏହାକୁ ଗ୍ରହଣୀୟ ନୁହେଁ ବୋଲି ଅଡିଟର୍ ଦର୍ଶାଇବା ସହ ପ୍ରାୟ ୩ଲକ୍ଷ ୧୪ହଜାର ଟଙ୍କା ଭରଣା ସମ୍ପୃକ୍ତ ବ୍ୟକ୍ତି ବା ତତ୍କାଳୀନ ନିର୍ଦ୍ଦେଶକଙ୍କଠାରୁ ଭରଣା କରିବାକୁ କହିଛନ୍ତି।

■ ଓକିଲଙ୍କୁ ଗଣିତଜ୍ଞ ଦର୍ଶାଇ ଦିଆଯାଇଛି ଲକ୍ଷାଧିକ ଟଙ୍କା
■ ୨୬ ଲକ୍ଷ ଟଙ୍କା ଅସୁଲି କରିବାକୁ ପ୍ରସ୍ତାବ

ଅନିୟମିତତା ସମ୍ପର୍କରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଯଶୋବନ୍ତ ଜେନା କହିଛନ୍ତି ଯେ ଅଡିଟ୍ ରିପୋର୍ଟରେ ଅନିୟମିତତା ହୋଇଥିବା ସମ୍ପର୍କରେ ବିଭାଗ ପକ୍ଷରୁ ମଗାଯାଉଥିବା ତଥ୍ୟ ପ୍ରଦାନ କରାଯାଉଛି। କୌଣସି କାର୍ଯ୍ୟାନୁଷ୍ଠାନ ବା ପଦକ୍ଷେପ ନେବା ତାଙ୍କ କ୍ଷମତା ପରିସରରେ ନାହିଁ। ଆଗକୁ କୌଣସି ଅନିୟମିତତା କିପରି ନ ହେବ ଏବଂ ଶୈକ୍ଷିକ ଉତ୍କର୍ଷ ହାସଲ କରିପାରିବ, ସେନେଇ ସେ ପ୍ରୟାସରତ ଥିବା କହିଛନ୍ତି। ବିଭାଗର ଜଣେ ଅତିରିକ୍ତ ସଚିବ ବିତ୍ତ ଅଧିକାରୀ ହିଁ ସେ ସମ୍ପର୍କରେ କହି ପାରବେ ବୋଲି କହିବା ସହ ପଦକ୍ଷେପ ନିଆଯାଉଥିବା ଓ ଆଉଥରେ ରିପୋର୍ଟ ମଗାଯିବ ବୋଲି କହିଛନ୍ତି।

# ମୌସୁମୀକୁ ବାଟ କଢ଼ାଉଛି ଲଘୁଚାପ

**ଭୁବନେଶ୍ୱର,୨୭।୫(ସମିସ):** ବଙ୍ଗୋପସାଗରରେ ସୃଷ୍ଟି ହୋଇଛି ମୌସୁମୀ ଋତୁର ପ୍ରଥମ ଲଘୁଚାପ। ଏହି ଲଘୁଚାପ ରାଜ୍ୟରେ ବର୍ଷା ଆରମ୍ଭ କରାଇଥିବା ବେଳେ ଏହା ମୌସୁମୀକୁ ମଧ୍ୟ ଓଡ଼ିଶାକୁ ଟାଣି ଆଣିବ। ଫଳରେ ଆସନ୍ତା ୩-୪ଦିନ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ହେବ। ଅନ୍ୟପଟେ ସୃଷ୍ଟି ହୋଇଥିବା ଲଘୁଚାପ ଅଧିକ ଘନୀଭୂତ ହେବାକୁ ଥିବାରୁ ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏନେଇ ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ସକାଳ ସାଢ଼େ ୮ଟାରେ ଓଡ଼ିଶା ଉପକୂଳର ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଲଘୁଚାପ ଧୀରେଧୀରେ ଉତ୍ତର ଦିଗ ଆଡ଼କୁ ଗତି କରିବ ଏବଂ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହେବ। ଏହା ପ୍ରଭାବରେ ଆଗାମୀ ୩-୪ ଦିନ ଯାଏଁ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିବ।

ପାଣିପାଗ ବିଭାଗର ସୂଚନା ଅନୁସାରେ, ଲଘୁଚାପ ପ୍ରଭାବରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗକୁ ବଢ଼ିବା ପାଇଁ ପାଗ ଅନୁକୂଳ ହେବ। ଆଗାମୀ ୨-୩ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁବାର ସମ୍ଭାବନା ରହିଛି। ଏହାସହ ମୌସୁମୀ କେନ୍ଦ୍ରୀୟ ଆରବ ସାଗରର ଅବଶିଷ୍ଟ ଅଂଶ, ଓଡ଼ିଶାର କିଛି ଅଂଶ, ମହାରାଷ୍ଟ୍ରର ଆହୁରି କିଛି ଅଂଶ, କର୍ଣ୍ଣାଟକର ଅବଶିଷ୍ଟ ଅଂଶ, ତେଲେଙ୍ଗାନାର କିଛି ଅଂଶ, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ପଶ୍ଚିମକେନ୍ଦ୍ରୀୟ ଏବଂ ଉତ୍ତର ବଙ୍ଗୋପସାଗରର କିଛି ଅଂଶ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକର ଅବଶିଷ୍ଟ ଅଂଶ, ପଶ୍ଚିମବଙ୍ଗ ଏବଂ ସିକିମର କିଛି ଅଂଶରେ ଆଗକୁ ବଢ଼ିବା ପାଇଁ ପରିସ୍ଥିତି ଅନୁକୂଳ ରହିଛି ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି।

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ଓ ପ୍ରାକ୍ ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଭାରି ବର୍ଷା ଜାରି ରହିଛି। ବିଶେଷକରି ଉପକୂଳ ଓଡ଼ିଶାରେ ବର୍ଷାର ପ୍ରଭାବ ଅଧିକ ରହିଛି। ମଙ୍ଗଳବାର ପାରାଦୀପରେ ୩୦ ମିମି, ଭବାନୀପାଟଣାରେ ୨୯ ମିମି, ସମ୍ବଲପୁରରେ ୨୬ମିମି, ଦାରିଙ୍ଗବାଡ଼ିରେ ୨୮ ମିମି, ଚାନ୍ଦବାଲିରେ ୧୬ ମିମି ଓ ଭଦ୍ରକରେ ୧୯ ମିମି ବର୍ଷା ରେକର୍ଡ କରାଯାଇଛି। ବୁଧବାରଠାରୁ ବର୍ଷା ସହ ପବନର ବେଗ ବଢ଼ିବାର ସମ୍ଭାବନା ରହିଛି। ବିଶେଷକରି ପୁରୀ, କଟକ, ଜଗତସିଂହପୁର, ରାୟଗଡ଼ା, କୋରାପୁଟ ଜିଲ୍ଲା ବର୍ଷାର ପ୍ରଭାବ ଅଧିକ ଆଶଙ୍କା କରି ଏହି ଜିଲ୍ଲାଗୁଡ଼ିକ ପାଇଁ ପାଣିପାଗ କେନ୍ଦ୍ର ଅରେଞ୍ଜ ଆଲର୍ଟ ଜାରି କରିଛି। ସେହିପରି ଗଞ୍ଜାମ, ଗଜପତି, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ମାଲକାନଗିରି, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ୟେଲୋୱାର୍ଣ୍ଣିଂ ଜାରି କରାଯାଇଛି।

ସୋଆ ଜଳବାୟୁ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ଏହି ଲଘୁଚାପ ଅବପାତରେ ପରିଣତ ହୋଇପାରେ।

- ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ
- ଗୁରୁବାର ସୁଦ୍ଧା ଓଡ଼ିଶା ଛୁଇଁବ ମୌସୁମୀ
- ୩୧ ପର୍ଯ୍ୟନ୍ତ ଜାରି ରହିବ ବର୍ଷା
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା, ସତର୍କ କରାଇଲେ ଏସ୍‌ଆରସି

ଏହା ପ୍ରଭାବରେ ସାରା ରାଜ୍ୟରେ ବୃଷ୍ଟିପାତ ହୋଇପାରେ ଏବଂ ବିଶେଷକରି ଉପକୂଳ ଅଞ୍ଚଳ ଏବଂ ଉତ୍ତର ଓଡ଼ିଶାର ଜିଲ୍ଲାଗୁଡ଼ିକରେ ପ୍ରବଳରୁ ପ୍ରବଳତର ବୃଷ୍ଟିପାତ ଅନୁଭୂତ ହେବାର ସମ୍ଭାବନା ରହିଛି। ଏହାସହ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଗୁରୁବାର ସୁଦ୍ଧା ଓଡ଼ିଶାରେ ପ୍ରବେଶ କରିବାର ସମ୍ଭାବନା ରହିଛି ବୋଲି କୁହାଯାଇଛି।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିଥିବାରୁ ଆସନ୍ତା ୩୧ ତାରିଖ ଯାଏଁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଏହାସହ ବର୍ଷା ସ୍ଥିତି ନେଇ ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ନିର୍ଦ୍ଦେଶ ଦେଇଛନ୍ତି। ବଜ୍ରପାତ ଅଘଟଣ ଏଡ଼ାଇବାକୁ ଲୋକଙ୍କୁ ସଚେତନ କରିବାକୁ ସମସ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ରହିଛି। କ୍ଷୟକ୍ଷତି ବାବଦରେ ତୁରନ୍ତ ରିପୋର୍ଟ ଦେବାକୁ ମଧ୍ୟ ଏସ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

# ପାଞ୍ଚଟି ପ୍ରସଙ୍ଗରେ ସରକାରଙ୍କୁ ଘେରିବ ଯୁବ କଂଗ୍ରେସ

**ଭୁବନେଶ୍ୱର,୨୭।୫(ସମିସ):** ବୁଥସ୍ତରରୁ ଯୁବ କଂଗ୍ରେସକୁ ମଜବୁତ କରାଯିବ ଓ ସରକାରଙ୍କୁ ଶାନ୍ତିରେ ନିଃଶ୍ୱାସ ମାରିବାକୁ ଦିଆଯିବ ନାହିଁ। ଯୁବ କଂଗ୍ରେସ କାର୍ଯ୍ୟକାରିଣୀ ବୈଠକରେ ଏପରି ନିଷ୍ପତ୍ତି ହୋଇଛି । ପ୍ରଦେଶ ଯୁବ କଂଗ୍ରେସର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇ ପିସିସି ସଭାପତି ଭକ୍ତଚରଣ ଦାସ ଯୁବ କଂଗ୍ରେସର ନେତୃବୃନ୍ଦମାନେ ତୃଣମୂଳସ୍ତରରେ ଯାଇ ଦଳକୁ ସଂଗଠିତ କରିବାକୁ କହିଛନ୍ତି। ସମସ୍ତ ପଞ୍ଚାୟତ ଓ ବୁଥସ୍ତରରେ ଯୁବ କଂଗ୍ରେସର କର୍ମୀମାନେ ସାଧାରଣ ଜନତାଙ୍କର ସମସ୍ୟା, ସରକାରଙ୍କର ଦୁର୍ନୀତି ଓ ଭ୍ରଷ୍ଟାଚାର, ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସୁରକ୍ଷା, ସାମାଜିକ ନ୍ୟାୟ, ଧାର୍ମିକ ସହନଶୀଳତା, ଦରଦାମ ବୃଦ୍ଧି, ବେକାରୀ, ଦାରିଦ୍ର୍ୟ ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରିବାକୁ ପରାମର୍ଶ ଦେଇଛନ୍ତି।

ପିସିସି ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଯୁବ ସଂଗଠନକୁ କଂଗ୍ରେସର ମେରୁଦଣ୍ଡ ଭାବରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଓଡ଼ିଶାରେ କଂଗ୍ରେସ ଦଳକୁ ସରକାରକୁ ଆଣିବାପାଇଁ ଯୁବ କଂଗ୍ରେସର ଅବିଶ୍ରାନ୍ତ ଓ ନିଷ୍ଠାର ସହ ସଂଗ୍ରାମ ଓ କାର୍ଯ୍ୟକ୍ରମ ଏକମାତ୍ର ମାଧ୍ୟମ। ଯୁବକମାନଙ୍କର ତ୍ୟାଗ ଓ ଆନ୍ଦୋଳନ ସରକାରକୁ ପରିବର୍ତ୍ତନ କରିବ। ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଯୁବ ବିରୋଧୀ ସରକାର। ରାଜ୍ୟରେ ଲକ୍ଷ ଲକ୍ଷ ବେକାର ଯୁବକ ଯୁବତୀ ହତାଶାରେ କାଳ କାଟୁଥିବା ବେଳେ ସେମାନଙ୍କର ସମସ୍ୟାର ସମାଧାନ ପାଇଁ ସରକାର ଚିନ୍ତା କରୁନାହାନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାଷ୍ଟ୍ରୀୟ ଯୁବ କଂଗ୍ରେସର ଓଡ଼ିଶା ପ୍ରଭାରୀ ମହେଶ ଦେଶମୁଖ କ୍ଷମତାସୀନ ସରକାରର ଦୁର୍ବଳତା, ଅପାରଗତା, ଲୁଟ ଏବଂ ଅତ୍ୟାଚାର ବିରୁଦ୍ଧରେ ପୁରପଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଆନ୍ଦୋଳନର ସ୍ୱର ପ୍ରକମ୍ପିତ ହେବ ବୋଲି କହିଛନ୍ତି। ପ୍ରଦେଶ ଯୁବ କଂଗ୍ରେସ ସଭାପତି ରଣଜିତ କୁମାର ପାତ୍ର ଆଗାମୀ ତିନିମାସରେ ରାଜ୍ୟ, ଜିଲ୍ଲା, ବିଧାନସଭା ନିର୍ବାଚନ ମଣ୍ଡଳୀ ଓ ବ୍ଲକସ୍ତର ପର୍ଯ୍ୟନ୍ତ ଯେଉଁ କାର୍ଯ୍ୟକ୍ରମ ଗ୍ରହଣ କରାଯିବ ସେ ଉପରେ ଆଲୋଚନା କହିଛନ୍ତି। ଆଜିର କାର୍ଯ୍ୟକାରିଣୀରେ ୫ଟି ପ୍ରସ୍ତାବ ଆଗତ ହୋଇଥିଲା। ବେକାରୀ, ନିଯୁକ୍ତି ଓ କର୍ମସଂସ୍ଥାନ। ଚିଟଫଣ୍ଡ କ୍ଷତିଗ୍ରସ୍ତଙ୍କ ସମସ୍ୟା। ଜାତିଭିତ୍ତିକ ଜନଗଣନା। ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ଓ ମାଗଣା ବିଜୁଳ ଆଦି ପ୍ରସ୍ତାବ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବାପରେ ସାଧାରଣ ଜନତାଙ୍କ ସ୍ୱାର୍ଥସାଧନ ଦୃଷ୍ଟିରୁ ଏହି ପ୍ରସଙ୍ଗକୁ ନେଇ ପ୍ରଦେଶ ଯୁବ କଂଗ୍ରେସ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରିବ ବୋଲି ପ୍ରସ୍ତାବ ଗ୍ରହଣ ହୋଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ତାରାପ୍ରସାଦ ବାହିନୀପତିଙ୍କ ସମେତ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ବର୍ଷିଲା ବିଜେଡି
# ଉପକୂଳ ରାଜପଥ ଟେଣ୍ଡର ବାତିଲ ରାଜ୍ୟବାସୀଙ୍କୁ ଧୋକା

**ଭୁବନେଶ୍ୱର, ୨୭।୫(ସମିସ):** ଜାତୀୟ ରାଜପଥ ପ୍ରାଧିକରଣ(ଏନଏଚ୍‌ଏଆଇ) ଦ୍ୱାରା ଓଡ଼ିଶାରେ ନିର୍ମାଣ ହେବାକୁ ଥିବା ଉଚ୍ଚାଭିଳାଷୀ ଉପକୂଳବର୍ତ୍ତୀ ରାଜପଥର ଟେଣ୍ଡରକୁ ଅଚାନକ ବାତିଲ କରାଯାଇଥିବାରୁ ବିଜେଡି ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନକୁ ଇତିମଧ୍ୟରେ ଦଶ ବର୍ଷ ବିତି



ଯାଇଥିଲେ ସୁଦ୍ଧା ପ୍ରକଳ୍ପରେ କୌଣସି ଅଗ୍ରଗତି ହୋଇନାହିଁ। ବର୍ତ୍ତମାନ ଟେଣ୍ଡର ବାତିଲ ପରେ ଏହାର ନିର୍ମାଣକୁ ନେଇ ଅନିଶ୍ଚିତତା ଦେଖା ଦେଇଛି। ବିଜେପିର 'ଡବଲ ଇଞ୍ଜିନ ଡବଲ ବିକାଶ' ନାରା ଡବଲ ଧୋକାରେ ପରିଣତ ହୋଇଛି ବୋଲି ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ ଦାସବର୍ମା ଅଭିଯୋଗ କରିଛନ୍ତି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା କହିଲେ ଯେ କେନ୍ଦ୍ର ସରକାରଙ୍କ ଉଚ୍ଚାଭିଳାଷୀ ଭାରତମାଳା ପ୍ରକଳ୍ପର ଅଂଶ ଭାବେ ଓଡ଼ିଶାରେ ପ୍ରାୟ ୪୧୩ କିଲୋମିଟରର ଦୀର୍ଘ ଉପକୂଳବର୍ତ୍ତୀ ରାଜପଥ ନିର୍ମାଣ ପାଇଁ ପରିକଳ୍ପନା କରାଯାଇଥିଲା। ପ୍ରକଳ୍ପ ସହ ରତନପୁରଠାରୁ ଚନ୍ଦନପୁର ପର୍ଯ୍ୟନ୍ତ ରାସ୍ତାକୁ ଜାତୀୟ ରାଜପଥ ଭାବେ ମାନ୍ୟତା ଦେଇ ଏହାକୁ ଉପକୂଳ ରାଜପଥ ସହିତ ସଂଯୋଗ କରାଯିବ ବୋଲି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ସୂଚନା ଦେଇଥିଲେ। ଏହି ପ୍ରକଳ୍ପ ନିର୍ମାଣ ହେଲେ ରାଜ୍ୟର ଭିତ୍ତିଭୂମି, ଗମନା ଗମନ, ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହିତ ରାଜ୍ୟ ପାଇଁ ଅନେକ ନୂଆ ସମ୍ଭାବନା ସୃଷ୍ଟି କରିବାରେ ସହାୟକ ହେବ ବୋଲି କୁହାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପର ଦୂରତା ୪୧୩ କିମିରୁ ୩୪୬ କିମିକୁ କମାଇ ଦିଆଯାଇଥିଲା। ରାମେଶ୍ୱର ଠାରୁ ରତନପୁର ପର୍ଯ୍ୟନ୍ତ ୧୭୬ କିମି ଚାରି ଲେନ ବିଶିଷ୍ଟ ରାସ୍ତା ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ରତନପୁର ଠାରୁ ୧୭୦ କିମି ରାସ୍ତା ନିର୍ମାଣର ଡିପିଆର ପ୍ରସ୍ତୁତି ସ୍ତରରେ ଅଟକି ରହିଛି। ଏହି ପ୍ରକଳ୍ପର କାମ ଆଗେଇବାରେ ଅହେତୁକ ବିଳମ୍ବ ହୋଇଥିବା ବେଳେ ଟେଣ୍ଡରକୁ ଅଚାନକ ବାତିଲ କରିବା ପ୍ରକଳ୍ପ ଅନିଶ୍ଚିତତା ଭିତରକୁ ଚାଲି ଯାଇଛି। ଶ୍ରୀ ଦାସବର୍ମା କହିଥିଲେ ଯେ ଏହି ଟେଣ୍ଡରକୁ ବାତିଲ କରିବା ପାଇଁ ପ୍ରଶାସନିକ କାରଣ ଦର୍ଶାଯାଇଥିଲେ ମଧ୍ୟ ବିଶେଷକରି ପ୍ରକଳ୍ପର ପୁନଃଆକଳନ ପରେ ପ୍ରକଳ୍ପ ଢାଞ୍ଚାରେ ପରିବର୍ତ୍ତନ କରାଯିବ ବୋଲି ସୂଚନା ମିଳିଛି। ଆରମ୍ଭରୁ ଏହି ପ୍ରକଳ୍ପରେ ନିର୍ମିତ ହେବାକୁ ଥିବା ରାଜପଥ ଚାରି ଲେନ ବିଶିଷ୍ଟ ହେବ ବୋଲି କୁହାଯାଇଥିଲା ଓ ସେହି ହିସାବରେ ଟେଣ୍ଡର ଆହ୍ୱାନ ମଧ୍ୟ କରାଯାଇଥିଲା।

■ ୨୦୧୫ରେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ ଘୋଷଣା କରିଥିଲେ
■ ଏକ ଦଶନ୍ଧି ପରେ ମଧ୍ୟ ପ୍ରକଳ୍ପ ଆରମ୍ଭ ହୋଇପାରି ନାହିଁ
■ ଚାରି ଲେନ୍ ରାସ୍ତାରୁ ଦୁଇ ଲେନ୍ କରିବା ଗ୍ରହଣୀୟ ନୁହେଁ

କିନ୍ତୁ ପ୍ରକଳ୍ପର ପୁନଃଆକଳନ ପରେ ଏହାକୁ ଦୁଇ ଲେନ କରାଯିବ ବୋଲି ସୂଚନା ମିଳିଛି, ଯାହା ଆଦୌ ଗ୍ରହଣୀୟ ନୁହେଁ। ଏହି ପ୍ରକଳ୍ପରେ ଅହେତୁକ ବିଳମ୍ବ ଘଟିବାରୁ ଓ ଏବେ ଟେଣ୍ଡର ବାତିଲ ହୋଇ ଏହାକୁ ଚାରି ଲେନ ପରିବର୍ତ୍ତେ ଦୁଇ ଲେନ କରିବା ପାଇଁ ହୋଇଥିବା ନିଷ୍ପତ୍ତି ରାଜ୍ୟର ସ୍ୱାର୍ଥ ବିରୋଧୀ। ତେଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ କେନ୍ଦ୍ର ସରକାରଙ୍କ ସହିତ ଆଲୋଚନା କରନ୍ତୁ ଓ ଏହି ପ୍ରକଳ୍ପ କିପରି ପୂର୍ବ ଯୋଜନା ଅନୁଯାୟୀ ଚାରି ଲେନ ବିଶିଷ୍ଟ ହେବା ସହିତ ଶୀଘ୍ର ସମ୍ପୂର୍ଣ୍ଣ ହେବ ତାହା ନିଶ୍ଚିତ କରନ୍ତୁ ବୋଲି ଶ୍ରୀ ଦାସବର୍ମା ଦାବି କରିଛନ୍ତି।

■ ପୁଲିସ୍ ଡ୍ରାଇଭର୍ ନିଯୁକ୍ତି

# ୫ମାସ ହେଲା ହେଉନି ଶାରୀରିକ ପରୀକ୍ଷା

**ଭୁବନେଶ୍ୱର,୨୭।୫(ସମିସ):** ପୁଲିସ୍ ଡ୍ରାଇଭର୍ ବା ପିଏମ୍‌ଟି ନିଯୁକ୍ତି ପ୍ରକ୍ରିୟା ଶେଷ ହେଉନି। ଗତ ଡିସେମ୍ବର ମାସରୁ ପରୀକ୍ଷା ସରିଲାଣି। ଚୂଡ଼ାନ୍ତ ଉତ୍ତର ବା 'ଆନ୍‌ସାର୍ କି' ପ୍ରକାଶ ପାଇଥିଲେ ମଧ୍ୟ ମେଧା ତାଲିକା ପ୍ରକାଶ ପାଉନି। ପରୀକ୍ଷାକୁ ପାଞ୍ଚମାସ ବିତିଥିଲେ ମଧ୍ୟ ଶାରୀରିକ ପରୀକ୍ଷା କରିବାକୁ ଡ୍ରାଇଭର୍ ନିଯୁକ୍ତି ବୋର୍ଡ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନି। କେବେ ଶାରୀରିକ ପରୀକ୍ଷା ହେବ ସେନେଇ କୌଣସି ସୂଚନା ଦିଆଯାଉ ନଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନା ଅନୁଯାୟୀ, ଡିସେମ୍ବର ୨୦ ଓ ୨୮ ତାରିଖରେ ପିଏମ୍‌ଟି ଡ୍ରାଇଭର୍ ନିଯୁକ୍ତି ପାଇଁ ପରୀକ୍ଷା ହୋଇଥିଲା। ୩୧ ତାରିଖରେ ଆନ୍‌ସାର୍ କି ୱେବସାଇଟ୍‌ରେ ଉପଲବ୍ଧ ହୋଇଛି। ଆନ୍‌ସାର୍ କି'କୁ ନେଇ ପିଲାମାନେ ଆପତ୍ତି ଜଣାଇବା ପରେ ଚୂଡ଼ାନ୍ତ ଆନସାର୍ କି' ପ୍ରକାଶ ପାଇଛି। ହେଲେ ଏହାପରେ ନିଯୁକ୍ତି ପ୍ରକ୍ରିୟା ସେଇଠି ଠପ୍ ହୋଇଯାଇଛି। ଚୂଡ଼ାନ୍ତ ମେଧା ତାଲିକା ଜାରି କରାଯାଇ ନାହିଁ। ଶାରୀରିକ ପରୀକ୍ଷା କେବେ ହେବ ସେନେଇ ସ୍ପଷ୍ଟତା ନଥିବାରୁ ଦୀର୍ଘଦିନ ହେବ ଆଶାୟୀମାନେ ଖରାତରାରେ ଅଭ୍ୟାସ ଜାରି ରଖିଛନ୍ତି। ବିଭିନ୍ନ ସମୟରେ ଶାରୀରିକ ପରୀକ୍ଷା ନେଇ ଭିନ୍ନଭିନ୍ନ ମିଥ୍ୟା ବିଜ୍ଞପ୍ତି ଭାଇରାଲ୍ ହେଉଥିବାରୁ ଆଶାୟୀଙ୍କ ଚିନ୍ତା ବଢ଼ିଯାଇଛି। ଅପରପକ୍ଷେ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ବ୍ୟାପକ ନିଯୁକ୍ତି ଦେବାକୁ ରାଜ୍ୟ ସରକାର ଏବଂ ଖୋଦ୍ ମୁଖ୍ୟମନ୍ତ୍ରୀ ବିଭିନ୍ନ ସଭା ସମିତିରେ କହୁଛନ୍ତି। ହେଲେ ନିଯୁକ୍ତି ପରୀକ୍ଷାରେ ଅହେତୁକ ବିଳମ୍ବ ହେଉଥିବାରୁ ସରକାରଙ୍କ ଆଭିମୁଖ୍ୟ ନେଇ ଆଶାୟୀମାନେ ପ୍ରଶ୍ନ କରିଛନ୍ତି। ଏହାସହ ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ସାରିବାକୁ ଆଶାୟୀମାନେ ଦାବି କରିଛନ୍ତି।

■ ପୁରୀ ସମୁଦ୍ରରେ ସ୍ପିଡ୍ ବୋଟ ଓଲଟିପଡ଼ିବା ଘଟଣା

# ଟିକଟ୍ କାଉଣ୍ଟର ଭାଙ୍ଗିଲା ପ୍ରଶାସନ

**ପୁରୀ, ୨୭।୫ (ସମିସ):** ପୁରୀ ସମୁଦ୍ରରେ ସ୍ପିଡ୍ ବୋଟ୍ ଦୁର୍ଘଟଣା ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ପ୍ରଶାସନ। ନିୟମକାନୁନକୁ ଉଲ୍ଲଂଘନ କରି ପର୍ଯ୍ୟଟକଙ୍କୁ ସମୁଦ୍ରରେ ବିପଜ୍ଜନକ ଜଳକ୍ରୀଡ଼ା କରାଉଥିବା ସଂସ୍ଥାର ଟିକେଟ୍ କାଉଣ୍ଟରକୁ ମଙ୍ଗଳବାର ଭାଙ୍ଗିଦେଇଛି ପ୍ରଶାସନ। ଗତ ଶନିବାର ପୁରୀ ସମୁଦ୍ରରେ ଜଳକ୍ରୀଡ଼ା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଭାଇ ସ୍ନେହାଶିଷ ଓ ଭାଉଜ ଅର୍ପିତା। ପର୍ଯ୍ୟଟକଙ୍କ ଜୀବନକୁ ବାଜିରେ ଲଗାଇ ସମୁଦ୍ରରେ ଜଳକ୍ରୀଡ଼ା କରାଯାଉଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନିକସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ଖୋଳତାଡ଼ ପରେ ଜଣାପଡ଼ିଥିଲା ଯେ ସମୁଦ୍ରରେ ବେଆଇନ ଭାବେ ଜଳକ୍ରୀଡ଼ା ଚଳାଇଛି। ଏପରିକି, ଆପତ୍‌କାଳୀନ ସମୟରେ ବୋଟ୍‌ରେ ଜୀବନରକ୍ଷା ସାମଗ୍ରୀ ବି ନଥିଲା। ତେଣୁ, କାର୍ଯ୍ୟାନୁଷ୍ଠାନସ୍ୱରୂପ ଲାଇଟ୍ ହାଉସ୍ ନିକଟ ରାସ୍ତା ଉପରେ ପଡ଼ିଥିବା ଦୁଇଟି କଣ୍ଟେନର୍ ଉପରେ ଆଜି ପୌର ପ୍ରଶାସନ ବୁଲଡୋଜର୍ ବୁଲାଇଥିଲା। ଅପରପକ୍ଷେ, ସମଗ୍ର ଘଟଣାର ଭଲ ଭାବେ ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

# ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ 'ଉତ୍କଳ'ର ଭାରପ୍ରାପ୍ତ କୁଳପତି

**ଭୁବନେଶ୍ୱର,୨୭।୫(ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ନିଯୁକ୍ତ ହୋଇଛନ୍ତି। ଏନେଇ କୁଳାଧିପତି ତଥା ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ପ୍ରକାଶ ପାଇଛି। ନୂତନ କୁଳପତି କାର୍ଯ୍ୟରେ ଯୋଗଦେବା ଯାଏଁ କିମ୍ବା ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ସେ ଏହି ପଦରେ କାର୍ଯ୍ୟ କରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଗତ ୨୩ ତାରିଖରେ ପୂର୍ବତନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ସରିଥିବାରୁ ବିଶ୍ୱବିଦ୍ୟାଳୟ ମୁରବୀଶୂନ୍ୟ ହୋଇଥିଲା। ପ୍ରଫେସର ଦଣ୍ଡପାଟ୍ ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟରେ ବାଇଓଟେକ୍ନୋଲୋଜି ବିଭାଗର ମୁଖ୍ୟ ଭାବେ କାର୍ଯ୍ୟରତ ଅଛନ୍ତି। ଉତ୍କଳରୁ ୨୦୦୨ରେ ସେ ପିଏଚ୍‌ଡି କରିଛନ୍ତି। ୨୦୧୦ ମସିହାରୁ ସେ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଥିବାବେଳେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଓ ଦକ୍ଷତା ରହିଛି। ଉତ୍କଳ ଦ୍ୱିତୀୟ କ୍ୟାମ୍ପସ୍‌ର ଓଏସ୍‌ଡି ଭାବେ କାର୍ଯ୍ୟ କରିବା ସହ ଉତ୍କର୍ଷ କେନ୍ଦ୍ର ସଂଯୋଜକ ଏବଂ ଗବେଷଣା ଓ ବିକାଶର ନିର୍ଦ୍ଦେଶକ ଭାବେ ସେ କାର୍ଯ୍ୟ କରିଛନ୍ତି।



ଉତ୍କଳରେ ଭାରପ୍ରାପ୍ତ କୁଳପତି ନିଯୁକ୍ତ ହେବାପରେ ଅନ୍ୟ ବିଶ୍ୱବିଦ୍ୟାଳୟରେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ପ୍ରକାଶ ପାଇଛି। ସ୍ଥାୟୀ କୁଳପତି ନିଯୁକ୍ତିରେ ବିଫଳ ହୋଇଥିବା ସରକାର ପାତରଅନ୍ତର କରି ଭାରପ୍ରାପ୍ତ କୁଳପତି ନିଯୁକ୍ତି କରୁଥିବା ବରିଷ୍ଠ ପ୍ରାଧ୍ୟାପକମାନେ ଅଭିଯୋଗ କରିଛନ୍ତି। କାରଣ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ଇସ୍ତଫା ଦେବା ପରେ ବରିଷ୍ଠ ପ୍ରାଧ୍ୟାପକଙ୍କ ବଦଳରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଭାରପ୍ରାପ୍ତ କୁଳପତି ନିଯୁକ୍ତ କରାଯାଇଛି। ଏପରିକି ଏହାକୁ ବିରୋଧ କରି ଉଚ୍ଚଶିକ୍ଷା ବିଭାଗ ନିକଟରେ ଅଭିଯୋଗ ମଧ୍ୟ ହୋଇଛି। ସେହିପରି ଭବାନୀପାଟଣାସ୍ଥିତ ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ମୃତ୍ୟୁ ହେବାପରେ ସେଠାରେ ମଧ୍ୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷଙ୍କୁ ଭାରପ୍ରାପ୍ତ କୁଳପତି ଭାବେ ନିଯୁକ୍ତି କରାଯାଇଛି। ଉତ୍କଳରେ ବରିଷ୍ଠ ପ୍ରାଧ୍ୟାପକଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ମିଳିଥିବା ବେଳେ ଅନ୍ୟ ବିଶ୍ୱବିଦ୍ୟାଳୟ ପାଇଁ କାହିଁକି ଭିନ୍ନ ନିୟମ ବୋଲି ପ୍ରଶ୍ନ ଉଠିଛି।

## ଗଠନ ହେଉନି ଶ୍ରୀମନ୍ଦିର ପରିଚାଳନା କମିଟି

# ଭୟ ନା ଚାପରେ ଆଇନ ବିଭାଗ ?

**ପୁରୀ, ୨୭।୫ (ସମିସ):** ମହାପ୍ରଭୁଙ୍କ ପ୍ରତି ବି ଚରମ ଅବହେଳା। ବିନା ପରିଚାଳନା କମିଟିରେ ଶ୍ରୀମନ୍ଦିର ପାଇଁ ନିଆଯାଉଛି ନିଷ୍ପତ୍ତି। ପୁରୁଣା କମିଟି ଭାଙ୍ଗିବାର ଇତିମଧ୍ୟରେ ୯ ମାସ ପୂରିବ। ହେଲେ ଏଯାଏ ନୂଆ କମିଟି ଗଠନ ହୋଇପାରୁନି। କାହିଁକି ଏତେ ବିଳମ୍ବ ହେଉଛି କମିଟି ଗଠନ; ଏହାକୁ ନେଇ ସାଧାରଣରେ ନାନା ଚର୍ଚ୍ଚା ହେଉଛି। ଆଗକୁ ରଥଯାତ୍ରା ଥିବାରୁ ନୀତି ବିଭ୍ରାଟ ଭୟରେ ନା କମିଟିରେ କାହାକୁ ସ୍ଥାନ ଦିଆଯିବ, ସେନେଇ ବିଭାଗ ଉପରେ ଚାପ ରହିଛି ବୋଲି ଆଲୋଚନା ହେଉଛି। ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଶ୍ରୀମନ୍ଦିର ପ୍ରଶାସନ, ରାଜ୍ୟ ସରକାର କାହିଁକି ଏତେ ଉଦାସୀନ ବୋଲି ଅନେକ ପ୍ରଶ୍ନ ଉଠାଇଲେଣି।

ଶ୍ରୀମନ୍ଦିରର ପରିଚାଳନା, ମହାପ୍ରଭୁଙ୍କ ନୀତିକାନ୍ତି, ସେବାପୂଜାର ମୁଖ୍ୟ ହେଉଛି ପରିଚାଳନା କମିଟି। କମିଟିରେ ହିଁ ନିଆଯାଇଥାଏ ସବୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି। ତେଣୁ ପରିଚାଳନା କମିଟି ଗଠନ ପୂର୍ବରୁ ସବୁ ଦିଗକୁ ବିଚାରକୁ ନିଆଯାଇଥାଏ। ପରିଚାଳନା କମିଟି ସଦସ୍ୟ ସଂଖ୍ୟା ୧୮। ଏହାର ସ୍ଥାୟୀ ଅଧ୍ୟକ୍ଷ ଗଜପତି ମହାରାଜା ରହିଥିବା ବେଳେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଙ୍କର ଜଣେ ଅଧିକାରୀ କାର୍ଯ୍ୟକାରୀ ଅଧ୍ୟକ୍ଷ, ସଚିବ ରାଙ୍କର ଜଣେ ଅଧିକାରୀ ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଉପମୁଖ୍ୟ ପ୍ରଶାସକ, ଆଇନ ବିଭାଗର ଅତିରିକ୍ତ ସଚିବ, ଦେବୋତ୍ତର କମିଶନର, ଏସ୍‌ପି ଏବଂ ଏଏସ୍‌ଆଇ ଅଧୀକ୍ଷଣ ଯନ୍ତ୍ରୀ କମିଟିର ସଦସ୍ୟ ରହିଥା'ନ୍ତି। ଏମାନଙ୍କ ବାଦ୍ ଅନ୍ୟ ୧୦ଜଣ ହେଉଛନ୍ତି ମନୋନୀତ ସଦସ୍ୟ। ଏମାନଙ୍କ ମଧ୍ୟରେ ୫ଜଣ ସେବାୟତ ପ୍ରତିନିଧି, ଜଣେ



ମଠ ପ୍ରତିନିଧି, ଜଣେ ମୁକ୍ତିମଣ୍ଡପ ପ୍ରତିନିଧି, ଜଣେ ଚାର୍ଟାର୍ଡ୍ ଆକାଉଣ୍ଟାଣ୍ଟ ଏବଂ ଦୁଇଜଣ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ରହିଥା'ନ୍ତି। ଯଦିଓ କମିଟିକୁ ୧୦ ମନୋନୀତ ସଦସ୍ୟ ଯିବାର ବ୍ୟବସ୍ଥା ରହିଛି, କିନ୍ତୁ ୫ ସେବାୟତଙ୍କ ପ୍ରତିନିଧିତ୍ୱକୁ ନେଇ ସବୁବେଳେ ଛକାପଞ୍ଝା ଚାଲେ। କିନ୍ତୁ କିଛି ବର୍ଷ ହେବ ସଦସ୍ୟତାକୁ ନେଇ ଏକ ନୂଆ ବିବାଦ ଉପୁଜିଛି। ନିର୍ଦ୍ଦିଷ୍ଟ ଭାବେ ୫ ସେବାୟତ ନିଯୋଗ (ପୂଜାପଣ୍ଡା, ପ୍ରତିହାରୀ, ଦଇତାପତି, ପୁଷ୍ପାଳକ ଏବଂ ସୁଆର ମହାସୁଆର) କାହିଁକି କମିଟିକୁ ଯିବେ, ଅନ୍ୟ ନିଯୋଗକୁ କାହିଁକି ସୁଯୋଗ ଦିଆଯାଉନାହିଁ ବୋଲି କେତେକ ନିଯୋଗ ସ୍ୱର ଉଠାଇଛନ୍ତି। ଏହି ସ୍ୱର କେବଳ ପୁରୀରେ ସୀମିତ ନାହିଁ; ହାଇକୋର୍ଟ ଏବଂ ସୁପ୍ରିମକୋର୍ଟଙ୍କ ପର୍ଯ୍ୟନ୍ତ ବି କଥା ଯାଇଛି। ତେବେ ଏନେଇ କିଛି ସ୍ପଷ୍ଟ ହୋଇ ନଥିବା ବେଳେ ୫ ଜଣ ସେବାୟତ ପ୍ରତିନିଧିଙ୍କୁ ନେଇ ଅଙ୍କ ଛିଣ୍ଡୁନି। ଯେଉଁଥିପାଇଁ ପରିଚାଳନା କମିଟି ଗଠନ ବିଳମ୍ବ ହେଉଥିବା କୁହାଯାଉଛି।

**ପୁରୁଣା କମିଟି ଭାଙ୍ଗିବାର ୯ ମାସ ପୂରିବ**

ଅନ୍ୟପକ୍ଷରେ, ୨୦୨୧ ମସିହାରେ ଗଠିତ ହୋଇଥିବା ପରିଚାଳନା କମିଟିର କାର୍ଯ୍ୟକାଳ ୨୦୨୪ ସେପ୍ଟେମ୍ବର ୩ରେ ଶେଷ ହୋଇଛି। ଶ୍ରୀମନ୍ଦିରର ନିୟମାବଳୀ ଅନୁଯାୟୀ ପ୍ରତି ୩ ବର୍ଷରେ ଥରେ ନୂଆ ପରିଚାଳନା କମିଟି ଗଠନ ହେବ। ଏଥିରେ ୫ଟି ନିଯୋଗର ସେବାୟତ ପ୍ରତିନିଧିଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ପରିଚାଳନା କମିଟିରେ ରାଜ୍ୟ ସରକାର ମନୋନୀତ କରିଥା'ନ୍ତି। ତେବେ ସେବାୟତ ନିଯୋଗ ପ୍ରତିନିଧିଙ୍କୁ ନେଇ ଚାପରେ ଆଇନ ବିଭାଗ ରହିଥିବା କୁହାଯାଉଛି। ଗୋଟିଏ ଗୋଟିଏ ନିଯୋଗରୁ ବହୁସଂଖ୍ୟକ ଆଶାୟୀ ଥିବାରୁ କାହାକୁ ନେଇ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିହେବ, ତାହାର ଅଙ୍କ ଛିଣ୍ଡୁନି।

ବଡ଼କଥା ହେଉଛି ଆଗକୁ ରଥଯାତ୍ରା। ଯଦି କମିଟି ଗଠନକୁ ନେଇ ନିଯୋଗ ମଧ୍ୟରେ କିଛି ଅପ୍ରୀତିକର ପରିସ୍ଥିତି ଉପୁଜେ ତେବେ ରଥଯାତ୍ରାରେ ବିଭ୍ରାଟ ହୋଇପାରେ। ଏହି ଭୟ ମଧ୍ୟ ଆଇନ ବିଭାଗକୁ ଗୋଡାଉଛି। ତେଣୁ କୌଣସି ମତେ ରଥଯାତ୍ରା ପର ପର୍ଯ୍ୟନ୍ତ କମିଟି ଗଠନକୁ ଗଡ଼ାଇ ନେବାର ଚକ୍ରାନ୍ତ ହୋଇଥିବା ଚର୍ଚ୍ଚା ହେଉଛି।

ଅନ୍ୟ ଏକ ପ୍ରସଙ୍ଗକୁ ନେଇ ମଧ୍ୟ ଲୋକେ ଆଲୋଚନା କରୁଛନ୍ତି। ସେବାୟତ ପ୍ରତିନିଧିଙ୍କୁ ନେଇ ଚାପରେ ଆଇନ ବିଭାଗ ରହିଥିବା କହୁଛନ୍ତି। କାରଣ ଗୋଟିଏ ଗୋଟିଏ ନିଯୋଗରୁ ତାଙ୍କ ଦଳର ଏକାଧିକ ସମର୍ଥକ ଆଶାୟୀ ଅଛନ୍ତି। ବିଭିନ୍ନ ବାଟରେ ସମସ୍ତେ ଲବି କରୁଛନ୍ତି। ତେଣୁ କାହାକୁ ଚୟନ କରାଯିବ, ତାକୁ ନେଇ ଆଇନ ବିଭାଗ ଚାପରେ ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି। କେବେ ଏହି ଚର୍ଚ୍ଚା, ଆଲୋଚନାରେ ପୂର୍ଣ୍ଣଚ୍ଛେଦ ପଡ଼ି ଶ୍ରୀମନ୍ଦିର ନୂଆ ପରିଚାଳନା କମିଟି ଗଢ଼ା ହେବ, ତାହାକୁ ଚାହିଁ ରହିଛନ୍ତି ଭକ୍ତ।

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

◆VOLUME- 42 ◆ISSUE-329 ◆BHUBANESWAR ◆WEDNESDAY ◆28 MAY 2025 ◆PAGE-12 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୩୨୯ ◆ଭୁବନେଶ୍ୱର ◆ବୁଧବାର ◆୨୮ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




ଜୋକୋଭିଚ୍‌ଙ୍କ ବିଜୟ ଅଭିଯାନ

▶ପୃଷ୍ଠା ୧୨ ଦେଖନ୍ତୁ...

## ସେପ୍ଟେମ୍ବର ୧୫ ଯାଏଁ ଆୟକର ଦାଖଲ ଅବଧି



■ ନୂଆଦିଲ୍ଲୀ, ୨୭।୫(ଏଜେନ୍ସି): ଶେଷରେ ଘୁଞ୍ଚିଲା ଆୟକର ଦାଖଲ ଅବଧି। ଆର୍ଥିକବର୍ଷ ୨୦୨୫ ପାଇଁ ଆୟକର ରିଟର୍ଣ୍ଣ (ଆଇଟିଆର୍) ଦାଖଲ କରିବାର ଶେଷ ତାରିଖକୁ ଜୁଲାଇ ୩୧ରୁ ଚଳିତବର୍ଷ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଆୟକର ବିଭାଗ ପକ୍ଷରୁ ଆଜି ଏ ସମ୍ପର୍କରେ ସୂଚନା ଦିଆଯାଇଛି। ତେବେ ଆଇଟିଆର୍ ଦାଖଲ ପ୍ରକ୍ରିୟା ଜୁନ୍ ପ୍ରଥମ ସପ୍ତାହରୁ ଆରମ୍ଭ ହେଉଛି। ସାଧାରଣତଃ ଆୟକର ଦାଖଲ ଏପ୍ରିଲ ପହିଲାରୁ ଆରମ୍ଭ ହୁଏ, କିନ୍ତୁ ଚଳିତବର୍ଷ ଏହା ବିଳମ୍ବ ହେଉଛି। ଆଇଟିଆର୍ ଫର୍ମ ପାଇଁ ଆବଶ୍ୟକ ଅନ୍‌ଲାଇନ୍ ଉପକରଣଗୁଡ଼ିକର ଅଭାବ ଯୋଗୁ ଆୟକର ଦାଖଲ ବିଳମ୍ବ ହେଉଥିବା କୁହାଯାଉଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ଆଇଟିଆର୍-୧ ରୁ ଆଇଟିଆର୍-୭ ପର୍ଯ୍ୟନ୍ତ ସମସ୍ତ ଫର୍ମକୁ ସୂଚିତ କରିଛି, କିନ୍ତୁ ଏଥିପାଇଁ ଆବଶ୍ୟକ ଅନଲାଇନ୍ ଉପକରଣ ଏ ପର୍ଯ୍ୟନ୍ତ ପୋର୍ଟାଲରେ ଉପଲବ୍ଧ ନାହିଁ। ଯଦି ସେପ୍ଟେମ୍ବର ୧୫ ଶେଷ ଅବଧି ସୁଦ୍ଧା ରିଟର୍ଣ୍ଣ ଦାଖଲ କରା ନ ଯାଏ, ତେବେ ୫ ଲକ୍ଷ ଟଙ୍କାରୁ କମ୍ ଆୟ ଥିବା ବ୍ୟକ୍ତିଙ୍କ ପାଇଁ ୧୦୦୦ ଟଙ୍କା ଏବଂ ୫ ଲକ୍ଷ ଟଙ୍କାରୁ ଅଧିକ ଆୟ ଥିବା ବ୍ୟକ୍ତିଙ୍କ ପାଇଁ ୫୦୦୦ ଟଙ୍କା ଜରିମାନା ଲାଗୁ ହେବ।

## ଜଷ୍ଟିସ୍ ପାଠକ ଓଡ଼ିଶା ହାଇକୋର୍ଟର ନୂଆ ବିଚାରପତି



■ ନୂଆଦିଲ୍ଲୀ/କଟକ,୨୭।୫(ସମିସ): ୨୧ ହାଇକୋର୍ଟଙ୍କ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିସ କରାଯାଇଛି। ଗତକାଲି ପ୍ରଧାନବିଚାରପତି ଜଷ୍ଟିସ୍ ବି ଆର ଗଭାଇଙ୍କ ଅଧ୍ୟକ୍ଷତାରେ ବସିଥିବା କଲେଜିୟମ ବୈଠକରେ ଏଥିପାଇଁ ଆଲୋଚନା କରାଯାଇ ନିଷ୍ପତ୍ତି ହୋଇଛି। ସୁପ୍ରିମକୋର୍ଟ ପକ୍ଷରୁ ଏନେଇ ମଙ୍ଗଳବାର ଜାରି କରାଯାଇଥିବା ବିବୃତି ଅନୁଯାୟୀ, ଗୌହାଟୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟ, ତେଲଙ୍ଗାନା ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସୁଜୋୟ ପାଲଙ୍କୁ କୋଲକାତା ହାଇକୋର୍ଟ, କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଭି କାମେଶ୍ୱର ରାଓଙ୍କୁ ଦିଲ୍ଲୀ ହାଇକୋର୍ଟ, ଗୌହାଟୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଏଲ ଜମିରଙ୍କୁ କୋଲକାତା ହାଇକୋର୍ଟ, ବମ୍ବେ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ନିତୀନ ସାମ୍ବ୍ରେଙ୍କୁ ଦିଲ୍ଲୀ ହାଇକୋର୍ଟ, ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଅଶ୍ୱିନୀ କୁମାର ମିଶ୍ରଙ୍କୁ ପି ଆଣ୍ଡ ଏଚ୍, ଗୌହାଟୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ସୁମନ ଶ୍ୟାମଙ୍କୁ ବମ୍ବେ ହାଇକୋର୍ଟ, କେରଳ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଦୀନେଶ କୁମାର ସିଂଙ୍କୁ କର୍ଣ୍ଣାଟକ ହାଇକୋର୍ଟ, ମାଡ୍ରାସ ▶ପୃଷ୍ଠା-୭

## ଈଶ୍ୱରଙ୍କ ନାମରେ ଶପଥ

# ବିକାଶରେ ପକ୍ଷପାତ

## ବିଜେପି ବିଧାୟକ ଯେଉଁଠି, ସରକାରଙ୍କ ପାଣ୍ଠି ସେଇଠି

■ ଭୁବନେଶ୍ୱର/ ନୟାଗଡ, ୨୭।୫ (ସମିସ): ଆଉ ୧୫ ଦିନ ପରେ ରାଜ୍ୟରେ କ୍ଷମତାସୀନ ବିଜେପି ସରକାର ପାଳନ କରିବ ବର୍ଷପୂର୍ତ୍ତି। ଏଥିପାଇଁ ସରକାର ଓ ପ୍ରଶାସନିକସ୍ତରରେ ବ୍ୟାପକ ଆୟୋଜନ ହୋଇଛି। ବର୍ଷପୂର୍ତ୍ତି ଉତ୍ସବକୁ ସ୍ମରଣୀୟ କରିବା ପାଇଁ ସରକାର ଓ ପ୍ରଶାସନ ଲାଗି ପଡ଼ିଛନ୍ତି। ବର୍ଷେ ହେଲା ରାଜ୍ୟରେ ବିକାଶମୂଳକ କାର୍ଯ୍ୟ ଏକପ୍ରକାର ବନ୍ଦ ପଡ଼ିଛି। ଗାଁ ଗଣ୍ଡାରେ ସଡ଼କ ମୁଠାଏ ନାଳିମାଟିକୁ ଝୁରି ହେଉଛି। ତୃଣମୂଳସ୍ତରରେ ଶାସକ ଦଳର ନେତା ଓ କର୍ମୀଙ୍କ ଅଯଥା ହସ୍ତକ୍ଷେପ ଯୋଗୁଁ ଉନ୍ନୟନମୂଳକ କାର୍ଯ୍ୟ ଅଟକି ରହିଛି। ଏହି ସମୟରେ ବିନା ଭୟ ଓ ପକ୍ଷପାତରେ କାର୍ଯ୍ୟ କରିବାକୁ ଶପଥ ନେଇଥିବା ସରକାର ଏବେ ବିକାଶମୂଳକ କାର୍ଯ୍ୟରେ ସମ୍ପୂର୍ଣ୍ଣ ପକ୍ଷପାତ ନୀତି ଅବଲମ୍ବନ କରିଥିବା ଅଭିଯୋଗ ହୋଇଛି। କେବଳ ବିଜେପି ବିଧାୟକମାନଙ୍କ ନିର୍ବାଚନମଣ୍ଡଳୀଗୁଡ଼ିକୁ ବିକାଶମୂଳକ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ପାଣ୍ଠି ମଞ୍ଜୁର କରାଯାଇଥିବାବେଳେ ବିରୋଧୀ ବିଜେଡି, କଂଗ୍ରେସ, ସିପିଏମ୍ ନିର୍ବାଚିତ ହୋଇଥିବା ବିଧାନସଭା କ୍ଷେତ୍ରଗୁଡ଼ିକ ସରକାରଙ୍କ ସ୍ୱତନ୍ତ୍ର ସହାୟତାରୁ ବଞ୍ଚିତ ହୋଇଛନ୍ତି। ରାଜ୍ୟର ୩୦ ଜିଲ୍ଲା ମଧ୍ୟରୁ ବିଜେପି ବିଧାୟକ ନ ଥିବା ରାୟଗଡ଼ା ଓ ନୂଆପଡ଼ା ଜିଲ୍ଲାକୁ ଟଙ୍କାଟିଏ ଅନୁଦାନ ପ୍ରଦାନ କରାଯାଇ ନ ଥିବା ଏହି ସୂତ୍ରରୁ ସୂଚନା ମିଳିଛି।

ବିଭିନ୍ନ ସମୟରେ ଜରୁରୀ ଆବଶ୍ୟକତା ନିମନ୍ତେ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ୧୯୯୭ ମସିହାରେ ସ୍ପେସିଆଲ ପ୍ରୋବ୍ଲେମ୍ ଫଣ୍ଡ (ଏସ୍‌ପିଏଫ୍) ନାମରେ ଏହି ପାଣ୍ଠି ପ୍ରଦାନ ବ୍ୟବସ୍ଥା ଆରମ୍ଭ ହୋଇଥିଲା ଓ ୨୦୨୩-୨୪ ଆର୍ଥିକ ବର୍ଷରେ ଏହାର ନାମ ପରିବର୍ତ୍ତନ କରାଯାଇ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା (ସିଏମ୍‌ଏସ୍‌ଏ) ରଖାଯାଇଥିଲା। ଜନସାଧାରଣଙ୍କ ଆବଶ୍ୟକତା ପୂରଣ ନିମନ୍ତେ ଏହି ଅର୍ଥ ପ୍ରଦାନ କରାଯାଉଥିଲା ଏବଂ ଏଥିରେ ଗ୍ରାମାଞ୍ଚଳରେ ପ୍ରାର୍ଥନା ଗୃହ, ଭାଗବତ ମଣ୍ଡପ, ପାଠାଗାର, ପୋଖରୀ, ପାର୍କ, ଛୋଟ ସେତୁ ଓ କଲଭର୍ଟ ନିର୍ମାଣ ବ୍ୟବସ୍ଥା ଥିଲା। ସେହିପରି ଶିକ୍ଷାନୁଷ୍ଠାନର ଭିତ୍ତିଭୂମି ବିକାଶ ଓ ଧାର୍ମିକ ପୀଠର ଉନ୍ନତିକରଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିଲା।

ଗତ ସରକାର ସମୟରେ ସ୍ଥାନୀୟ ଜନସାଧାରଣଙ୍କ ଆପତ୍ତି ଓ ଦାବି ଅନୁସାରେ ସରକାର ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ଦଳମତ ନିର୍ବିଶେଷରେ ସବୁ ନିର୍ବାଚନମଣ୍ଡଳୀରେ ବିକାଶମୂଳକ କାର୍ଯ୍ୟ ପାଇଁ ଅର୍ଥ ମଞ୍ଜୁର କରିଥିଲେ। ମାତ୍ର ସମ୍ପ୍ରତି ରାଜ୍ୟରେ ଏକ ନୂଆ ପରମ୍ପରା ଆରମ୍ଭ ହୋଇଛି । କେବଳ ବିଜେପି ବିଧାୟକମାନେ ବିଜୟୀ ହୋଇଥିବା ନିର୍ବାଚନମଣ୍ଡଳୀକୁ ସିଏମ୍‌ଏସ୍‌ଏରେ ହାରାହାରି ଦୁଇ କୋଟି ଟଙ୍କା ଲେଖାଏଁ ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି । ମାତ୍ର ଯେଉଁଠି ବିଜେଡି ବା କଂଗ୍ରେସ ବିଧାୟକମାନେ ବିଜୟୀ ହୋଇଛନ୍ତି, ସେହି ନିର୍ବାଚନମଣ୍ଡଳୀଗୁଡ଼ିକୁ ଅନୁରୂପ ସହାୟତା ମିଳି ନ ଥିବା ଅଭିଯୋଗ ହୋଇଛି । ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ବରଗଡ଼ ଜିଲ୍ଲାର ୪, ଝାରସୁଗୁଡ଼ାର ୨, ସୁନ୍ଦରଗଡ଼ର ୨, ସମ୍ବଲପୁର ୨, ମୟୂରଭଞ୍ଜର ୯, କେନ୍ଦୁଝରର ୩, ଢେଙ୍କାନାଳର ୪, ଯାଜପୁରର ୪, ଗଞ୍ଜାମର ୧୧, ପୁରୀର ୪, ଖୋର୍ଦ୍ଧା ଜିଲ୍ଲାର ୩, ନୟାଗଡ଼ ଜିଲ୍ଲାର୨, ବଲାଙ୍ଗୀର ଜିଲ୍ଲାର ୪, ନୂଆପଡ଼ାର ▶ପୃଷ୍ଠା-୭

### ୱାକଫ୍ ଆଇନ-୧୯୯୫କୁ ଚାଲେଞ୍ଜ

## କେନ୍ଦ୍ର, ରାଜ୍ୟଙ୍କୁ ନୋଟିସ୍



■ ନୂଆଦିଲ୍ଲୀ, ୨୭।୫ (ଏଜେନ୍ସି): ନୂଆ ୱାକଫ୍ ସଂଶୋଧନ ଆଇନ, ୨୦୨୫କୁ ନେଇ ସୁପ୍ରିମ କୋର୍ଟରେ ମାମଲା ଚାଲିଥିବା ବେଳେ ୧୯୯୫ରେ ପ୍ରସ୍ତୁତ ୱାକଫ୍ ଆଇନରେ ରହିଥିବା କେତେକ ବ୍ୟବସ୍ଥାର ବୈଧତାକୁ ଚାଲେଞ୍ଜ କରାଯାଇଛି। ଏସଂକ୍ରାନ୍ତରେ ସୁପ୍ରିମ କୋର୍ଟରେ ପିଟିସନ ଦାଖଲ ହୋଇଛି। ଏହା ଉପରେ ଉତ୍ତର ରଖିବା ଲାଗି ସୁପ୍ରିମ କୋର୍ଟ ଆଜି କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନୋଟିସ ଜାରି କରିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର. ଗଭାଇ ଏବଂ ଜଷ୍ଟିସ ଏଜି ମସିହଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିବ। ଏହି ଖଣ୍ଡପୀଠ ଏବେ ବହୁଚର୍ଚ୍ଚିତ ୱାକଫ୍ ସଂଶୋଧିତ ଆଇନ, ୨୦୨୫ର ମଧ୍ୟ ଶୁଣାଣି କରୁଛନ୍ତି। ପିଟିସନରେ କୁହାଯାଇଛି ଯେ ୱାକଫ୍ ଦାନ କରାଯାଇଥିବା ସଂପତ୍ତି ହୋଇଥିବାରୁ ଏହାର ପରିଚାଳନା ଦାୟିତ୍ୱ କେବଳ ମୁସଲମାନଙ୍କ ହାତରେ ରହିଛି। ଅନ୍ୟପକ୍ଷରେ ଅନ୍ୟ ଧର୍ମରେ ଏଭଳି ବ୍ୟବସ୍ଥା ନାହିଁ। ୧୯୯୫ ଆଇନ ହେଉଛି ଭେଦଭାବପୂର୍ଣ୍ଣ ଏବଂ ସାମ୍ବିଧାନିକ ଦୃଷ୍ଟିରୁ ଅବୈଧ। ଏହା ସମ୍ବିଧାନର ଧାରା ୧୪, ୧୫, ୨୧, ୨୫, ୨୬ ଓ ୨୭ର ବିରୁଦ୍ଧାଚରଣ କରୁଛି। ତେଣୁ ଏହାକୁ ଅସାମ୍ବିଧାନିକ ଘୋଷଣା କରାଯାଉ। ପିଟିସନରେ ଆହୁରି କୁହାଯାଇଛି ଯେ ମୁସଲିମ ଧର୍ମାବଲମ୍ବୀଙ୍କ ଦ୍ୱାରା ପରିଚାଳିତ ୱାକଫ୍ ସଂପତ୍ତିର ସର୍ଭେ ଖର୍ଚ୍ଚ ସରକାର କାହିଁକି ବହନ କରିବେ। ଅନ୍ୟ ଧର୍ମର ଅନୁଷ୍ଠାନ ଓ ସଂପତ୍ତିର ସର୍ଭେ ଓ ପରିଚାଳନା ଲାଗି ସରକାର ଖର୍ଚ୍ଚ କରୁନଥିବା ବେଳେ ୱାକଫ୍ ପାଇଁ କାହିଁକି ସରକାର ଅନୁଦାନ ଦେଉଛନ୍ତି? ଏହାକୁ ତୁରନ୍ତ ବନ୍ଦ କରାଯାଉ।

୨୦୨୫ରେ ନୂଆ ୱାକଫ୍ ଆଇନ ଆସିଥିବା ବେଳେ ୧୯୯୫ ଆଇନକୁ ସେ କାହିଁକି ଏବେ ଚାଲେଞ୍ଜ କରୁଛନ୍ତି ବୋଲି ଖଣ୍ଡପୀଠ ପ୍ରଶ୍ନ କରିବାରୁ ଆବେଦନକାରୀ କହିଥିଲେ, ସେ ୨୦୧୩ରେ ପ୍ରଣିତ ଆଇନକୁ ମଧ୍ୟ ▶ପୃଷ୍ଠା-୭

## ଝିଅକୁ ଦୁଷ୍କର୍ମ ଉଦ୍ୟମ; ବାପାକୁ ତୀରମାଡ଼



■ ମହୁଲଡିହା, ୨୭।୫ (ସମିସ): ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ବେଳେ ପ୍ରତିବାଦ କରିବାରୁ ବାପାକୁ ତୀରମାଡ଼। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅଞ୍ଚଳରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ତୀରଟି ନାବାଳିକା ବାପାଙ୍କ ହାତରେ ପଶି ଯାଇଛି। ସ୍ଥାନୀୟ ଲୋକ ତାଙ୍କୁ ଚିକିତ୍ସା ଲାଗି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଛନ୍ତି। ସେଠାରେ ଡାକ୍ତର ତୀରକୁ ସଫଳତାର ସହ ହାତରୁ ବାହାର କରିଥିବା ଜଣାଯାଇଛି। ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଛାନ୍‌ଭିନ୍ ଆରମ୍ଭ କରିଛି। ଅପରପକ୍ଷେ, ଗିରଫଦାରୀ ଭୟରେ ଅଭିଯୁକ୍ତଜଣଙ୍କ ଫେରାର୍ ହୋଇଯାଇଥିବା ଜଣାଯାଇଛି। ଥାନା ଅଧିକାରିଣୀ ସାବିତ୍ରୀ ଦଲେଇ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି। ସୂଚନାନୁଯାୟୀ, ସୋମବାର ସଂଧାରେ ▶ପୃଷ୍ଠା-୭






## ଜୀବନ ନେଲା ଅନଲାଇନ ଗେମ୍

### ୯୬ ହଜାର ହରାଇ ବିଷ ପିଇଲେ ଡିପ୍ଲୋମା ଛାତ୍ର




■ ଗରଦପୁର, ୨୭।୫ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଅଧୀନ ବଙ୍ଗାରୀ ଅଞ୍ଚଳରେ ଅନଲାଇନ୍ ଗେମ୍ ନେଇଛି ପୁଣି ଜଣେ ଛାତ୍ରଙ୍କ ଜୀବନ। ମୃତକ ହେଲେ, ବଙ୍ଗାରୀ ଅଞ୍ଚଳର ଉମାକାନ୍ତ ଜେନାଙ୍କ ପୁଅ ସାହିଲ ଜେନା (୧୯)। ସାହିଲ ଭୁବନେଶ୍ୱର ଚନ୍ଦକା ଅଞ୍ଚଳରେ ରହି ଡିପ୍ଲୋମା କରୁଥିଲେ। ଖରା ଛୁଟିରେ ସେ ଘରକୁ ଆସିଥିଲେ। ମଙ୍ଗଳବାର ଅନଲାଇନ୍ ଗେମ୍ ଖେଳୁଥିବା ବେଳେ ସେ ୯୬ହଜାର ଟଙ୍କା ହାରିଯାଇଥିଲେ। ଏଥିରେ ମାନସିକ ଭାରସାମ୍ୟ ହରାଇ ସେ ବିଷ ପିଇ ଦେଇଥିଲେ। ତେବେ ଭୀଷଣ ଯନ୍ତ୍ରଣା ହେବାରୁ କିଛି ସମୟ ପରେ ଏ ସଂପର୍କରେ ନିଜ ମାମୁଁ ଉମାକାନ୍ତଙ୍କୁ ଫୋନ୍ ଯୋଗେ କହିଥିଲେ। ଖବର ପାଇ ପରିବାରଲୋକ ତୁରନ୍ତ ସାହିଲଙ୍କୁ ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। କିନ୍ତୁ ବାଟରେ ତାଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା।

## ସିଏଆର ଟି-କୋଷ ଚିକିତ୍ସା ବିଷୟରେ ବାରମ୍ବାର ପଚରା ଯାଉଥିବା ପ୍ରଶ୍ନ

### ✔ ସିଏଆର-ଟି କୋଷ ଚିକିତ୍ସା କ'ଣ?

ସିଏଆର-ଟି ଚିକିତ୍ସା ହେଉଛି ଏକ ପ୍ରକାରର ଇମ୍ୟୁନୋଥେରାପି, ଯାହା କର୍କଟ ରୋଗର ଚିକିତ୍ସାରେ ବ୍ୟବହୃତ ହୁଏ। ଇମ୍ୟୁନୋଥେରାପି ହେଉଛି ରୋଗୀଙ୍କ ନିଜସ୍ୱ ଟି-କୋଷଗୁଡ଼ିକୁ ବୁଝାଏ, ଯାହାକୁ ତାଙ୍କ ନିଜସ୍ୱ ରକ୍ତରୁ ବାହାର କରି ଏକ ପରୀକ୍ଷାଗାରରେ ରୂପାନ୍ତରିତ କରାଯାଏ, ଯାହା ଦ୍ୱାରା ଏହି ଟି-କୋଷଗୁଡ଼ିକ କର୍କଟ ରୋଗ କୋଷଗୁଡ଼ିକୁ ଚିହ୍ନି ନଷ୍ଟ କରି ଦେଇଥାନ୍ତି। ଏହି ଇଞ୍ଜିନିୟରଡ୍ ଟି-କୋଷଗୁଡ଼ିକୁ, ଯାହାକୁ ସିଏଆର-ଟି କୋଷ କୁହାଯାଏ, କର୍କଟ ରୋଗ ସହିତ ଲଢ଼ିବା ପାଇଁ ରୋଗୀଙ୍କ ଭିତରେ ପୁନର୍ବାର ପ୍ରବେଶ କରାଯାଏ। ଏହାକୁ ଲ୍ୟୁକେମିଆ, ଲିମ୍ଫୋମା ଏବଂ ମଲ୍ଟିପଲ୍ ମାଏଲୋମା ଭଳି କିଛି ପ୍ରକାରର ରକ୍ତ କର୍କଟ ରୋଗର ଚିକିତ୍ସା ପାଇଁ ଅନୁମୋଦିତ କରାଯାଇଛି।




### ✔ ଏହି ଟି-କୋଷଗୁଡ଼ିକ କ'ଣ ଏବଂ ଏହି ପ୍ରକାରର ଇମ୍ୟୁନୋଥେରାପି ପାଇଁ କେବଳ ଟି -କୋଷ କାହିଁକି ବ୍ୟବହୃତ ହୁଏ?

ଟି-କୋଷଗୁଡ଼ିକ ହେଉଛି ଲିମ୍ଫୋସାଇଟ୍, ଏକ ପ୍ରକାର ଧଳା ରକ୍ତ କୋଷ, ଯାହା ପ୍ରାକୃତିକ ଭାବରେ ସଂକ୍ରମଣ ବିରୁଦ୍ଧରେ ଲଢ଼ିବା ଏବଂ ଅସ୍ୱାଭାବିକ କୋଷଗୁଡ଼ିକୁ ଆକ୍ରମଣ କରିବାରେ ଜଡ଼ିତ।

ଆମର ପ୍ରତିରକ୍ଷା ପ୍ରଣାଳୀ ଅନୁପ୍ରବେଶକାରୀ କୋଷଗୁଡ଼ିକର ପୃଷ୍ଠରେ ଆଣ୍ଟିଜେନ୍ ନାମକ ପ୍ରୋଟିନ୍ ଟ୍ରାକ୍ କରି କର୍କଟ ରୋଗ ସମେତ ଅନୁପ୍ରବେଶକାରୀଙ୍କ ପାଇଁ ଆମ ଶରୀରକୁ ନିରୀକ୍ଷଣ କରେ। ଆମର ଟି-କୋଷଗୁଡ଼ିକର ରିସେପ୍ଟର ନାମକ ନିଜସ୍ୱ ପୃଷ୍ଠ ପ୍ରୋଟିନ୍ ଅଛି। ଏହି ରିସେପ୍ଟରଗୁଡ଼ିକ ଅସ୍ୱାଭାବିକ ଆଣ୍ଟିଜେନ୍ ଥିବା କୋଷଗୁଡ଼ିକୁ ଚିହ୍ନଟ କରିପାରିଥାନ୍ତି। ଟି-କୋଷଗୁଡ଼ିକ ଅସ୍ୱାଭାବିକ କୋଷଗୁଡ଼ିକ ପାଇଁ ଏକ ନିରୀକ୍ଷଣ ପ୍ରଣାଳୀ ଭାବରେ କାର୍ଯ୍ୟ କରେ, ଯେତେବେଳେ ଏକ ରିସେପ୍ଟର ଏକ ଅସ୍ୱାଭାବିକ କୋଷକୁ ଚିହ୍ନିଥାଏ ସେତେବେଳେ ଏହା ସକ୍ରିୟ ହୋଇଯାଏ। ସକ୍ରିୟ ଟି-କୋଷ କାର୍ଯ୍ୟ କରିଥାଏ, ଅସ୍ୱାଭାବିକ କୋଷଗୁଡ଼ିକୁ ନଷ୍ଟ କରିଦିଏ ଏବଂ ଆମ ପ୍ରତିରକ୍ଷା ପ୍ରଣାଳୀର ଅନ୍ୟ ଅଂଶଗୁଡ଼ିକୁ ସକ୍ରିୟ କରି ଅସ୍ୱାଭାବିକ କୋଷଗୁଡ଼ିକୁ ଖୋଜିବା ଏବଂ ନଷ୍ଟ କରିବାରେ ସାହାଯ୍ୟ କରେ।

ତଥାପି, ଆମର ଟି-କୋଷ ରିସେପ୍ଟରଗୁଡ଼ିକ ସର୍ବଦା କର୍କଟ କୋଷଗୁଡ଼ିକୁ ଚିହ୍ନଟ କରିପାରନ୍ତି ନାହିଁ। ତେଣୁ, ସିଏଆର-ଟି କୋଷଗୁଡ଼ିକ ହେଉଛି ଆମର ନିଜସ୍ୱ ଟି-କୋଷ, ଯାହାକୁ ପରିବର୍ତ୍ତନ କରାଯାଏ ଯାହା ଦ୍ୱାରା ସେମାନେ କର୍କଟ କୋଷଗୁଡ଼ିକର ପୃଷ୍ଠରେ ଏକ ନିର୍ଦ୍ଦିଷ୍ଟ ଆଣ୍ଟିଜେନକୁ ଚିହ୍ନିପାରିବେ। ବୈଜ୍ଞାନିକମାନେ ଏକ କାଇମେରିକ୍ ଆଣ୍ଟିଜେନ ରିସେପ୍ଟର ପାଇଁ ଏକ ଲ୍ୟାବ-ନିର୍ମିତ ଜିନ୍ ଯୋଡ଼ି ଆମର ଟି-କୋଷଗୁଡ଼ିକୁ ପରିବର୍ତ୍ତନ କରନ୍ତି। ପରବର୍ତ୍ତୀ ସମୟରେ, ନୂତନ ସିଏଆର-ଟି କୋଷଗୁଡ଼ିକ ବୃଦ୍ଧି ପାଏ ଏବଂ କର୍କଟ କୋଷଗୁଡ଼ିକୁ ପ୍ରଭାବଶାଳୀ ଭାବରେ ଟାର୍ଗେଟ କରିବା ପାଇଁ ବହୁଗୁଣିତ ହୁଏ।

ଏହି ଜେନେଟିକାଲ୍ ଭାବରେ ସଂଶୋଧିତ ଟି-କୋଷଗୁଡ଼ିକ ରୋଗୀଙ୍କ ଶରୀରରେ ପ୍ରବେଶ କରିବା ପରେ, ସେମାନେ କର୍କଟ କୋଷଗୁଡ଼ିକୁ ଚିହ୍ନଟ କରନ୍ତି ଏବଂ ନଷ୍ଟ କରନ୍ତି। କୋଷଗୁଡ଼ିକ ମଧ୍ୟ ବହୁ ଗୁଣିତ ହୋଇଥାନ୍ତି ଯାହା ଦ୍ୱାରା କର୍କଟ କୋଷଗୁଡ଼ିକୁ ଲକ୍ଷ୍ୟ କରି ସିଏଆର-ଟି କୋଷ ଗୁଡ଼ିକର ଦୀର୍ଘକାଳୀନ ଆବଶ୍ୟକତା ପୂରଣ କରିଥାଏ। ଏହି ଦୀର୍ଘକାଳୀନ ଯୋଗାଣ ଯୋଗୁ, ସିଏଆର-ଟି କୋଷ ଚିକିତ୍ସାକୁ ଏକ ପ୍ରକାର "ଜୀବନ୍ତ ଔଷଧ" ମଧ୍ୟ କୁହାଯାଏ।

### ✔ ସିଏଆର ଟି-ସେଲ୍ ପାଇଁ କାହିଁକି କିଛି ସପ୍ତାହ ଲାଗେ?

ସିଏଆର ଟି-ସେଲ୍ ଥେରାପି ହେଉଛି ଏକ ବ୍ୟକ୍ତିଗତ ଚିକିତ୍ସା ଯାହା ରୋଗୀଙ୍କ ନିଜସ୍ୱ ଟି-କୋଷରୁ ତିଆରି କରାଯାଏ। ରୋଗୀଙ୍କଠାରୁ କୋଷଗୁଡ଼ିକୁ (ଲ୍ୟୁକାଫେରେସିସ୍ ଦ୍ୱାରା) ସୃଷ୍ଟି କରାଯାଏ ଏବଂ ଏକ ନିୟନ୍ତ୍ରିତ ପରୀକ୍ଷାଗାରକୁ ପଠାଯାଏ, କଲଚର୍ କରାଯାଏ, ଜେନେଟିକାଲି ପରିବର୍ତ୍ତନ କରାଯାଏ ଏବଂ ତା'ପରେ ଏକ ଇଚ୍ଛିତ ଡୋଜ୍ ପହଞ୍ଚିବା ପାଇଁ ବହୁଗୁଣିତ କରାଯାଏ। ଏହି ସମ୍ପୂର୍ଣ୍ଣ ପ୍ରକ୍ରିୟା ଲ୍ୟୁକାଫେରେସିସ୍ ଠାରୁ ପ୍ରାୟ ୧୯ ଦିନ ସମୟ ନେଇଥାଏ।

### ✔ ଗୁରୁତର ପାର୍ଶ୍ୱ ପ୍ରତିକ୍ରିୟାଗୁଡ଼ିକ କ'ଣ ଏବଂ କେତେ ସାଧାରଣ?

କ) ସାଇଟୋକାଇନ୍ ରିଲିଜ୍ ସିଣ୍ଡ୍ରୋମ୍ (ସିଆରଏସ)- ନିଃଶ୍ୱାସ ନେବା, ଜ୍ୱର, ନିମ୍ନ ରକ୍ତଚାପ, ହୃଦୟ ଏବଂ ଫୁସ୍‌ଫୁସ୍ ସମସ୍ୟା ଦ୍ୱାରା ବର୍ଣ୍ଣିତ

ଖ) ସ୍ନାୟୁଗତ ଘଟଣା (ଆଇସିଏଏନଏସ)- ଆଫାସିଆ (କହିବାରେ ଅସୁବିଧା), ସନ୍ତୁଳନ ସମସ୍ୟା। ଦ୍ୱନ୍ଦ୍ୱ।
- ଡିସ୍‌ଗ୍ରାଫିଆ (ଲେଖିବାରେ ସମସ୍ୟା)
- ମୁଣ୍ଡବିନ୍ଧା
- ମୂର୍ଚ୍ଛା
- କମ୍ପନ କିମ୍ବା ଶରୀର ଟାଣି ଧରିବା

ଗ) ହେମୋଫାଗୋସାଇଟିକ୍ ଲିମ୍ଫୋହିଷ୍ଟିଓସାଇଟୋସିସ୍ (ଏଚଏଲଏଚ- ଜ୍ୱର ଏବଂ କମ ରକ୍ତ ସଂଖ୍ୟା)

ଘ) ଦୀର୍ଘକାଳୀନ ନିମ୍ନ ରକ୍ତ କୋଷ ସଂଖ୍ୟା (ସାଇଟୋପେନିଆ)

### ✔ କେଉଁ ରୋଗୀମାନେ ସିଏଆର-ଟି ଚିକିତ୍ସା କରିପାରିବେ?

ଅନ୍ୟ ଚିକିତ୍ସା ପ୍ରଭାବଶାଳୀ ନ ହେଲେ କିମ୍ବା କର୍କଟ ପୁନରାବୃତ୍ତି ହେଲେ (ପୁଣି ଥରେ ହେଲେ) ସିଏଆର-ଟି ସେଲ୍ ଚିକିତ୍ସା କିଛି ପ୍ରକାରର ରକ୍ତ କର୍କଟ ରୋଗର ଚିକିତ୍ସା କରିବାର ଏକ ନୂତନ ଉପାୟ। କେତେକ ସମୟରେ, ସିଏଆର ଟି-ସେଲ୍ ଚିକିତ୍ସା କିଛି ପ୍ରକାରର ରକ୍ତ କର୍କଟ ରୋଗକୁ ସୁସ୍ଥ କରିପାରେ। ପ୍ରାୟତଃ, ଏହା ଲୋକଙ୍କୁ ଅଧିକ ଦିନ ବଞ୍ଚିବାରେ ସାହାଯ୍ୟ କରେ। ଅସ୍ଥି ମଜ୍ଜା ପ୍ରତିରୋପଣ ପରେ ମଧ୍ୟ ପୁନଃରୋଗ (ରୋଗ ଫେରି ଆସିବା) ହୋଇଥିବା ରୋଗୀଙ୍କ ଚିକିତ୍ସା ପାଇଁ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରିବ।

### ✔ ନେକ୍ସ ସିଏଆର ୧୯ ସହିତ ଇନଫ୍ୟୁଜନ ଏବଂ ଡିସ୍‌ଚାର୍ଜ ପରେ ମୋତେ କୌଣସି ବିଶେଷ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ କି?

**ଆମେ ସୁପାରିସ କରୁଥିବା କିଛି ସତର୍କତା ନିମ୍ନ ପ୍ରକାରେ :**

କ) ସ୍ୱଚ୍ଛ ପରିବେଶରେ ରନ୍ଧା ଖାଦ୍ୟ ଗ୍ରହଣ କରନ୍ତୁ

ଖ) ସଂକ୍ରମଣର ଆଶଙ୍କା କମାଇବା ପାଇଁ ଭିଡ଼ ସ୍ଥାନରୁ ଦୂରେଇ ରୁହନ୍ତୁ (ପରିବାର କିମ୍ବା ଯତ୍ନ ନେଉଥିବା ବ୍ୟକ୍ତିଙ୍କଠାରୁ ଅଲଗା ରହିବା ଆବଶ୍ୟକ ନୁହେଁ)

ଗ) ଆପଣଙ୍କ ହେମାଟୋ-ଅଙ୍କୋଲୋଜିଷ୍ଟଙ୍କ ସୁପାରିସ ଅନୁଯାୟୀ ନିୟମିତ ଭାବରେ ନିର୍ଦ୍ଦେଶକୁ ଅନୁସରଣ କରନ୍ତୁ

ଘ) ଆପଣଙ୍କ ହେମାଟୋ-ଅଙ୍କୋଲୋଜିଷ୍ଟଙ୍କ ପରାମର୍ଶ ବିନା କୌଣସି ଔଷଧ ଆରମ୍ଭ କରନ୍ତୁ ନାହିଁ କିମ୍ବା ବନ୍ଦ କରନ୍ତୁ ନାହିଁ

ଘ) ଯଦି ଆପଣ ଅନ୍ୟ କୌଣସି ଅବସ୍ଥା ପାଇଁ ଚିକିତ୍ସା ଖୋଜୁଛନ୍ତି, ତେବେ ସିଏଆର ଟି-ସେଲ୍ ଥେରାପି ସହିତ ଚିକିତ୍ସା ପାଇଁ ପରାମର୍ଶ କରିବା ସମୟରେ ଏହି ଅବସ୍ଥାଗୁଡ଼ିକ ବିଷୟରେ ଆପଣଙ୍କ ଡାକ୍ତରଙ୍କୁ ଜଣାନ୍ତୁ।

### ✔ ଭାରତରେ ସିଏଆର-ଟି ଦ୍ୱାରା କେତେ ରୋଗୀଙ୍କୁ ଚିକିତ୍ସା କରାଯାଇଛି

ଆଜି ପର୍ଯ୍ୟନ୍ତ ୩୫୦ ରୁ ଅଧିକ ରୋଗୀଙ୍କୁ ସମ୍ପୂର୍ଣ୍ଣ ଭାରତରେ ନିର୍ମିତ ନେକ୍ସ ସିଏଆର ୧୯ ସହିତ ଚିକିତ୍ସା କରାଯାଇଛି। ବଜାରରେ କେବଳ କିଛି ସିଏଆର- ଟି ଉତ୍ପାଦ ଉପଲବ୍ଧ।

### ✔ ସିଏଆର-ଟି ଚିକିତ୍ସା ଏବଂ ଅସ୍ଥି ମଜ୍ଜା ପ୍ରତିରୋପଣ ମଧ୍ୟରେ କ'ଣ ପାର୍ଥକ୍ୟ ଅଛି?

**ମୁଖ୍ୟ ପାର୍ଥକ୍ୟ:**

• **କାର୍ଯ୍ୟ ପ୍ରଣାଳୀ:**
ସିଏଆର-ଟି କୋଷ ଚିକିତ୍ସା କର୍କଟ କୋଷଗୁଡ଼ିକୁ ସିଧାସଳଖ ଟାର୍ଗେଟ କରେ, ଯେତେବେଳେ କି ଅସ୍ଥି ମଜ୍ଜା ପ୍ରତିରୋପଣରେ ସୁସ୍ଥ ଷ୍ଟେମ୍ କୋଷ ସହିତ ଅସ୍ଥି ମଜ୍ଜା ପ୍ରତିସ୍ଥାପନ ଉପରେ ଧ୍ୟାନ ଦିଏ।

• **ଚିକିତ୍ସାର ଲକ୍ଷ୍ୟ:**
ସିଏଆର-ଟି କୋଷ ଚିକିତ୍ସା ମୁଖ୍ୟତଃ ରକ୍ତ କର୍କଟକୁ ଟାର୍ଗେଟ କରେ, ଯେତେବେଳେ ଅସ୍ଥି ମଜ୍ଜା ପ୍ରତିରୋପଣ ରକ୍ତ କର୍କଟ ଏବଂ ଅନ୍ୟାନ୍ୟ ରକ୍ତ ବ୍ୟାଧି ପାଇଁ ବ୍ୟବହୃତ ହୁଏ।

• **କୋଷର ଉତ୍ସ:**
ସିଏଆର-ଟି କୋଷ ଚିକିତ୍ସା ରୋଗୀଙ୍କ ନିଜସ୍ୱ 'ଟି' କୋଷ ବ୍ୟବହାର କରେ, ଯେତେବେଳେ ଅସ୍ଥି ମଜ୍ଜା ପ୍ରତିରୋପଣଦାତାଙ୍କ ଷ୍ଟେମ୍ କୋଷ (ଆଲୋଜେନିକ୍ ପ୍ରତିରୋପଣ) କିମ୍ବା ରୋଗୀଙ୍କ ନିଜସ୍ୱ କୋଷ (ଅଟୋଲୋଗସ୍ ପ୍ରତିରୋପଣ) ବ୍ୟବହାର କରେ।

• **ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା:**
ଉଭୟ ଚିକିତ୍ସାର ସମ୍ଭାବ୍ୟ ପାର୍ଶ୍ୱ ପ୍ରତିକ୍ରିୟା ଅଛି, କିନ୍ତୁ ପ୍ରକୃତି ଏବଂ ଗମ୍ଭୀରତାରେ ସେଗୁଡ଼ିକ ଭିନ୍ନ ଭିନ୍ନ ହୋଇଥାଏ।


• **ଚିକିତ୍ସା ପଦ୍ଧତି:**
ସିଏଆର-ଟି କୋଷ ଚିକିତ୍ସା ହେଉଛି ଇମ୍ୟୁନୋଥେରାପିର ଏକ ପ୍ରକାର ଚିକିତ୍ସା, ଯେତେବେଳେ କି ଅସ୍ଥି ମଜ୍ଜା ପ୍ରତିରୋପଣ ହେଉଛି ଏକ ପ୍ରକାର କୋଷ ଚିକିତ୍ସା।

### ✔ ଭାରତରେ ଏହି ଚିକିତ୍ସାର ବର୍ତ୍ତମାନର ମୂଲ୍ୟ କେତେ?

ଭାରତରେ ଉତ୍ପାଦ ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ଏବଂ ଏଥିରେ ପରବର୍ତ୍ତୀ ହସ୍ପିଟାଲରେ ଭର୍ତ୍ତି ଏବଂ ଚିକିତ୍ସା ଖର୍ଚ୍ଚ ଲାଗୁ ହେବ।


ଉପସ୍ଥାପନା

**ଡକ୍ଟର ପ୍ରିୟଙ୍କା ସାମଲ**
(ଡିଏମ୍ କ୍ଲିନିକାଲ୍ ହେମାଟୋଲୋଜି)
ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ
କ୍ଲିନିକାଲ୍ ହେମାଟୋଲୋଜି,
ହେମାଟୋ-ଅଙ୍କୋଲୋଜି,
ବିଏମଟି ଏବଂ ସେଲ୍ୟୁଲାର୍ ଥେରାପି ବିଭାଗ
ଆଇଏମ୍‌ଏସ୍ ଏବଂ ସମ୍ ହସ୍ପିଟାଲ
(ସେପ୍ଟେମ୍ବର ୨୦୨୪ ପରଠାରୁ ଓଡ଼ିଶାରେ ୩ଟି ସିଏଆର୍-ଟି ଥେରାପି କରାଯାଇଛି)

## ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର 'ପପୟା' ଜର୍ମାନରେ ପ୍ରଦର୍ଶିତ

**ବାରିପଦା, ୨୭ ।୫(ସମିସ):** ବାରିପଦାର ଦୀପକ କୁମାର ବେଶ୍ରାଙ୍କ ଦ୍ୱାରା ନିର୍ଦ୍ଦେଶିତ ଓ ପଶ୍ଚିମବଙ୍ଗର ଜୋନା ମାର୍ଣ୍ଡିଙ୍କ ପ୍ରଯୋଜିତ ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର 'ପପୟା' ବାରିପଦା ଓ ତାର ଆଖପାଖ ଅଞ୍ଚଳରେ ନିର୍ମିତ ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ଚଳଚ୍ଚିତ୍ରଟି ବହୁ ପୁରସ୍କାର ଜିତିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଅଂଶ ଗ୍ରହଣ କରି ଜିଲ୍ଲା ପାଇଁ ଗୌରବ ଆଣିସାରିଛି। ଗତ ୨୩ ତାରିଖରେ ଜର୍ମାନୀର ଟୁବିଙ୍ଗେନ ବିଶ୍ୱବିଦ୍ୟାଳୟରେ ଏହି ସାନ୍ତାଳୀ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇ ବେଶ ପ୍ରଶଂସିତ ହୋଇଛି। ଏଥିସହିତ ଉକ୍ତ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ପ୍ରଫେସର ନିର୍ଦ୍ଦେଶକ ଶ୍ରୀ ବେଶ୍ରାଙ୍କ ସହିତ ଭିଡିଓ କନଫରେନ୍ସ ମାଧ୍ୟମରେ ଚଳଚ୍ଚିତ୍ରର କାହାଣୀ ଉପରେ ଆଲୋଚନା କରିଥିଲେ। ମୟୂରଭଞ୍ଜର ସାନ୍ତାଳୀ ସଂସ୍କୃତିକୁ ନେଇ ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ରଟି ଅନ୍ତର୍ଜାତୀୟ ସ୍ତରରେ ଏଭଳି ଚର୍ଚ୍ଚିତ ହେବ ବୋଲି କେବେ ଆଶା କରିନଥିଲେ ବୋଲି ଶ୍ରୀ ବେଶ୍ରା ପ୍ରକାଶ କରିଛନ୍ତି। ଆଗାମୀ ଦିନରେ ଅନେକ ସାନ୍ତାଳୀ ଚଳଚ୍ଚିତ୍ର ନିର୍ମାଣ ଦିଗରେ ଏହା ତାଙ୍କୁ ପ୍ରେରଣା ଯୋଗାଇ ଦେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ବାରିପଦା ବ୍ଲକ ଅନ୍ତର୍ଗତ ବାଙ୍କିଶୋଳ ପଞ୍ଚାୟତ ତାଲଡିହା କଲୋନିସାହୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରମାନେ ଏହି ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଉପମା ସେନାପତି, ଭାଗବତପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ ଭୁଜବଳ ଏବଂ ପୂର୍ଣ୍ଣଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଶିଶୁ କଳାକାରଙ୍କ ଚୟନ କ୍ଷେତ୍ରରେ ସହାୟତା କରିଥିଲେ।




## ଲକ୍ଷ୍ମୀବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

**କପ୍ତିପଦା, ୨୭।୫(ସମିସ):** ପୁଣି ଜୀବନ ନେଲା ଲକ୍ଷ୍ମୀ ବସ୍। ଜଣେ ବାଇକ ଆରୋହୀଙ୍କୁ ମୁହାଁମୁହିଁ ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ଏଭଳି ଘଟଣା ଘଟିଛି କପ୍ତିପଦା ଥାନା ସିମିଳିଆ ଛକ ନିକଟରେ। ବଉଳଖଲାଡି ଗ୍ରାମର ସନ୍ତୋଷ କୁମାର ଜେନା ବାଇକରେ କପ୍ତିପଦା ଅଭିମୁଖେ ଆସୁଥିଲେ। ସିମିଳିଆ ଛକ ନିକଟରେ ବିପରୀତ ଦିଗରୁ ନୁଦଡିହା ଅଭିମୁଖେ ଯାଉଥିବା ଲକ୍ଷ୍ମୀ ବସ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସନ୍ତୋଷ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଚିକିତ୍ସା ନିମନ୍ତେ କପ୍ତିପଦା ମେଡିକାଲରେ ଭର୍ତ୍ତି କରିଥିଲେ; ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜୁନ୍ ୧ରୁ ଗ୍ରୀଷ୍ମକାଳୀନ ଛଉନୃତ୍ୟ ଶିବିର





**ବାରିପଦା, ୨୭ ।୫(ସମିସ):** ମୟୂରଭଞ୍ଜ ଜିଲ୍ଲାର ସାଂସ୍କୃତିକ ଐତିହ୍ୟ ଓ ଛଉ ନୃତ୍ୟକୁ ଉତ୍ସର୍ଗ କରି ଉତ୍ତର ସାହି ଛାଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ଗ୍ରୀଷ୍ମକାଳୀନ ଛଉନୃତ୍ୟ ଶିବିର ବାରିପଦାର ଛଉପଡ଼ିଆ ଓ ମୟୂରଭଞ୍ଜ ଛଉ ନୃତ୍ୟ ପ୍ରତିଷ୍ଠାନ ପ୍ରାଙ୍ଗଣରେ ଆରମ୍ଭ ହେବାକୁ ଯାଉଛି। ଏହି ଶିବିର ମାଧ୍ୟମରେ ଛାତ୍ରଛାତ୍ରୀ ମୟୂରଭଞ୍ଜର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହିତ ପରିଚିତ ହେବେ। ଏଥିସହିତ ଛଉ ନୃତ୍ୟର ଅନନ୍ୟ ଶୈଳୀ ଓ ରୂପରେ ଦକ୍ଷତା ଅର୍ଜନ କରିବେ। ଏହି ଶିବିର ଜୁନ ୧ତାରିଖରୁ ୧୫ତାରିଖ ପର୍ଯ୍ୟନ୍ତ ଚାଲିବ। ଅଞ୍ଚଳର ସମସ୍ତ ଛାତ୍ରଛାତ୍ରୀ ଉତ୍ତରସାହିଛଉ. ଓଆରଜିରେ ଅନଲାଇନ ମାଧ୍ୟମରେ ପଞ୍ଜିକରଣ କରିବେ। ନୃତ୍ୟ ଶିକ୍ଷାରେ ଅନୁଭବୀ ଗୁରୁମାନେ ଛଉ ନୃତ୍ୟର ବିଭିନ୍ନ ଦିଗ ଯଥା ପରିଖଣ୍ଡ, ଟପକା, ଉଫଲି ଓ ହାତିଆର ଧୋରାରେ ଶିକ୍ଷା ଦେବେ। ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଜୁନ ୨ରୁ ୧୪ତାରିଖ ପର୍ଯ୍ୟନ୍ତ ମୟୂରଭଞ୍ଜର ସାଂସ୍କୃତିକ ଐତିହ୍ୟ, ଝୁମର ଗୀତ ଓ ଅନ୍ୟାନ୍ୟ ଲୋକକଳା ବିଷୟରେ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଆଲୋଚନା କରିବେ। ଉଦ୍‌ଯାପନୀ ଦିବସରେ ଛାତ୍ରଛାତ୍ରୀ ଅଭିକଳ୍ପନା ଓ ଶିକ୍ଷା ପ୍ରଦର୍ଶନ କରିବେ। ଆସନ୍ତା ୩୦ ତାରିଖ ଯାଏ ପଞ୍ଜିକରଣ କରିପାରିବେ। ଏଥିପାଇଁ ପଞ୍ଚମ ଶ୍ରେଣୀରୁ ଦ୍ୱାଦଶ ଛାତ୍ରଛାତ୍ରୀ ଯୋଗ୍ୟତା ଜରୁରୀ। ଉତ୍ତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ବାରିପଦା, ମୟୂରଭଞ୍ଜ ସହିତ ଫୋନ୍ ନଂ ୮୬୩୭୨୦୯୬୦୬ ଓ ୱେବସାଇଟ ଉତ୍ତରସାହିଛଉ. ଓଆରଜିରେ ଛାତ୍ରଛାତ୍ରୀ ଯୋଗାଯୋଗ କରିପାରିବେ।

### ପାଲବଣି-ମେଡ଼ିକାଲ କଲେଜ ରାସ୍ତା ଉଚ୍ଛେଦର ପ୍ରତିବାଦ

# ଟାୟାର ଜାଳି ରାସ୍ତା ଅବରୋଧ

**ବାରିପଦା, ୨୭ ।୫(ସମିସ)**



ପାଲବଣିରୁ ପିଆରଏମ ମେଡ଼ିକାଲ କଲେଜକୁ ସଂଯୋଗ କରୁଥିବା ରାସ୍ତା ପ୍ରଶସ୍ତି କରଣ କରାଯାଇ ୪ ଲେନ ବିଶିଷ୍ଟ ରାସ୍ତା ହେବ; ଯାହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ୨୮ତାରିଖରୁ ଜବରଦଖଲ ମୁକ୍ତ କରିବା ନେଇ ପ୍ରକ୍ରିୟା ଆରମ୍ଭ ହେବ। ଜବରଦଖଲକାରୀଙ୍କୁ ଏନେଇ ନୋଟିସ ଦିଆଯାଇ ଆଜି ସୁଦ୍ଧା ନିଜେ ସ୍ଥାନ ଛାଡିଦେବାକୁ ପ୍ରଶାସନ ପକ୍ଷରୁ ଦିନ ଧାର୍ଯ୍ୟ କରାଯାଇଥିଲା; ପରନ୍ତୁ ଉଚ୍ଛେଦ ପ୍ରକ୍ରିୟାରେ ଅସନ୍ତୋଷ ପ୍ରକାଶ କରି ଏହି ରାସ୍ତା ଉପରେ ନିର୍ଭରଶୀଳ ଜନସାଧାରଣ ବିରୋଧ କରି ପାଲବଣିରେ ଟାୟାର ଜାଳି ମଙ୍ଗଳବାର ଅପରାହ୍ନରେ ଅବରୋଧ କରିଥିଲେ। ଫଳରେ ବାରିପଦା-ଚିତ୍ରଡା ରାଜ୍ୟ ରାଜପଥରେ ଯାନବାହନ ଅଟକି ରହିଥିଲା। ଉକ୍ତ ରାସ୍ତା ୧୦୦ ଫୁଟ ହେବ ବୋଲି ପୂର୍ବରୁ ପ୍ରଶାସନ ସୂଚନା ଦେଇଥିବାବେଳେ ଏବେ ୧୫୦ ଫୁଟ ହେବ ବୋଲି କହୁଛନ୍ତି; ଯାହାକୁ ନେଇ ପୂର୍ବରୁ ସୂଚିତ କରିନଥିବା ବେଳେ ହଠାତ ଉଚ୍ଛେଦ ପ୍ରକ୍ରିୟା କରାଯିବ କୁହାଯାଉଛି। ଏହା ସହିତ ଉଚ୍ଛେଦ ପ୍ରକ୍ରିୟା ସମସ୍ତଙ୍କ ନିମନ୍ତେ ଗୋଟିଏ ମୁଣ୍ଡରୁ ଆରମ୍ଭ ନ କରି କିଛି ବଡବଡିଆଙ୍କ ଉଚ୍ଛେଦ ପ୍ରକ୍ରିୟା ୬ ମାସ ପରେ ହେବ ବୋଲି କୁହାଯାଇଛି। ଯଦି ଉଚ୍ଛେଦ ହେବ ତେବେ ସମସ୍ତଙ୍କ କରାଯାଉ ବୋଲି ଆନ୍ଦୋଳନକାରୀ ଅଡି ବସିଛନ୍ତି। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଉଚ୍ଛେଦ ପ୍ରକ୍ରିୟା ନେଇ ନୋଟିସ୍ ଜାରି କରାଯାଇଛି। ଏ ବାବଦରେ ପୂର୍ବରୁ ବାରମ୍ବାର ବୈଠକ କରି ଅଭିଯୋଗ ଶୁଣାଣି ହୋଇଥିଲା। ଏହା ସହିତ ନ୍ୟାୟାଳୟରେ ମାମଲାର ଫଇସଲା ହୋଇଛି। ତେଣୁ ନିର୍ମାଣ ପୂର୍ବରୁ ୨୮ ତାରିଖରେ ପୁଲିସ ଉପସ୍ଥିତିରେ ଜବରଦଖଲ ମୁକ୍ତ କରାଯିବ। ସୂଚନା ଅନୁଯାୟୀ, ପ୍ରଥମ ପର୍ଯ୍ୟାୟରେ ଉକ୍ତ ୬୧ ନମ୍ବର ରାଜ୍ୟ ରାଜପଥର ପାଲବଣିରୁ ମେଡ଼ିକାଲ କଲେଜ ପର୍ଯ୍ୟନ୍ତ ୫କିମି ରାସ୍ତା ୪ ଥାକିଆ ବିଶିଷ୍ଟ ହେବ। ପୂର୍ତ୍ତବିଭାଗ ପକ୍ଷରୁ ଏଥିପାଇଁ ୪୦କୋଟି ୭୬ଲକ୍ଷ ୪୪ହଜାର ୯୯୫ ଟଙ୍କାରେ ଉକ୍ତ କାର୍ଯ୍ୟ ହେବାକୁ ଥିବା ବେଳେ ଅନଲାଇନ୍ ଟେଣ୍ଡର ଆହ୍ୱାନ କରାଯାଇଛି। ସର୍ଭିସ ରୋଡ ସମେତ ୪ଥାକିଆ ହେବ। ରାସ୍ତାର ଚଉଡା ପ୍ରଶସ୍ତିକରଣ ହୋଇ ୨୯ରୁ ୩୦ ମିଟର ହେବ। ବର୍ତ୍ତମାନ ପ୍ରଶସ୍ତିକରଣ କାର୍ଯ୍ୟ ପାଲବଣିରୁ ରଙ୍ଗମାଟିଆ ପର୍ଯ୍ୟନ୍ତ ହେଉଥିବା ବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ଅବଶିଷ୍ଟ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ହେବ।

## ଉଦଳାରେ ଉପଖଣ୍ଡସ୍ତରୀୟ ଜନଶୁଣାଣି ଶିବିର

**ଉଦଳା, ୨୭।୫(ସମିସ):** ଉଦଳାରେ ଆଜି କପ୍ତିପଦା ଉପଖଣ୍ଡ ସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ ହେମକାନ୍ତ ସଏ ଏବଂ ଏସପି ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୦୦ଟି ଅଭିଯୋଗର ଶୁଣାଣି କରିଥିଲେ। ଉପଖଣ୍ଡର ଉପଜିଲ୍ଲାପାଳ ସୁଶାନ୍ତ କୁମାର ବାରିକ୍ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ମିସ୍, କଶିସ୍ ବକ୍ସି (ପ୍ରୋବେସନ୍) ଭାରତୀୟ ପ୍ରଶାସନିକ ସେବା, ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧିକ୍ଷକ ଡ଼. ଲକ୍ଷ୍ମୀକାନ୍ତ ପତି ସମେତ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ବ୍ଲକସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶୁଣାଣିରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୭୭ଟି ବ୍ୟକ୍ତିଗତ ଥିବାବେଳେ ୨୩ଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୬ଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ୫ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ହଜାର ଲେଖାଏଁ ୨୫ ହଜାର ଏବଂ ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ମୋଟ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସମସ୍ତ ଅଭିଯୋଗର ବିଚାର କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଡ଼େପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ଓ କାର୍ଯ୍ୟାଳୟର କର୍ମଚାରୀ ଶାଙ୍ଖାଇ ହେମ୍ବ୍ରମ, ରମେଶ ପୃଷ୍ଟି, ସାଇ ସରୂପ କର, ତାପସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



## ଜିଲ୍ଲା ସାମ୍ବାଦିକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



**ବାରିପଦା, ୨୭ ।୫(ସମିସ):** ଦିନକୁ ଦିନ ସାମ୍ବାଦିକଙ୍କ ଉପରେ ଭ୍ରଷ୍ଟାଚାରୀ ଦୁର୍ନୀତିଖୋରଙ୍କ ଦୌରାତ୍ମ୍ୟ ବଢ଼ିବାରେ ଲାଗିଛି। ପୂର୍ବରୁ ଅନେକ ଥର କାର୍ଯ୍ୟରତ ସାମ୍ବାଦିକଙ୍କୁ ମାଡ ମାରିବା ଘଟଣା ନଜିର ରହିଛି। ପୁଣି ଆଉ ଏକ ଘଟଣା ସାରା ଓଡ଼ିଶାରେ ଚହଳ ଖେଳାଇଦେଇଛି। ପୁଣି ଥରେ ବଲାଙ୍ଗିର ଜିଲ୍ଲା ପୁଇଁତଳା ଥାନା ଅନ୍ତର୍ଗତ କୁଲଥୋପାଲିରେ ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ଗୋଡ଼ ହାତ ବାନ୍ଧି ଆକ୍ରମଣ କରିବା ଓ ଅମାନୁଷିକ ବ୍ୟବହାର ପ୍ରଦର୍ଶନ କରିବା ନେଇ ସାରା ରାଜ୍ୟରେ ସାମ୍ବାଦିକ ମହଲରେ ଉତ୍ତେଜନା ଦେଖାଦେଇଛି। ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ହାତଗୋଡ ବାନ୍ଧି ଅମାନୁଷିକ ଭାବେ ମୁହଁକୁ ଗୋଇଁଠା ମାରିବ ଦୃଶ୍ୟ ଅତି ନିନ୍ଦନୀୟ। ଏନେଇ ସାମ୍ବାଦିକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଆଜି ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟରତ ସାମ୍ବାଦିକ ଗଣ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ରରେ ବିଶେଷ କରି ମୁଖ୍ୟ ଆସାମୀକୁ ଗିରଫ କରାଯିବା ସହ କାର୍ଯ୍ୟରତ ସାମ୍ବାଦିକଙ୍କ ଉପରେ ବୃଦ୍ଧି ପାଇଥିବା ଆକ୍ରମଣ ଘଟଣା ପରିପ୍ରେକ୍ଷୀରେ ତଥା ମୁକ୍ତ ସାମ୍ବାଦିକତାକୁ ସୁରକ୍ଷା ଦେବାର ପ୍ରତିବଦ୍ଧତା ସ୍ୱରୂପ ରାଜ୍ୟରେ 'ସାମ୍ବାଦିକ ସୁରକ୍ଷା ଆଇନ' ପ୍ରଣୟନ ନେଇ ସମସ୍ତେ ଦାବି କରିଥିଲେ। ଦାବିପତ୍ର ଦେବା ସମୟରେ ସୌମ୍ୟରଞ୍ଜନ ପଟ୍ଟନାୟକ, ସୁକାନ୍ତ ସାହୁ, ସୁକାନ୍ତ ଜିୟୁ କବି ବିଷ୍ଣୁ ଶତପଥୀ, ରାଧାଶ୍ୟାମ ପ୍ରଧାନ, ମନୋଜ ପଣ୍ଡା, ଅକ୍ଷୟ ଅଗ୍ରୱାଲ, ଶ୍ରୀକାନ୍ତ ସାହୁ, ଲକି ଜେନା, ବିଶ୍ୱଜିତ୍ ମହାନ୍ତି, ରୂପମ ସ୍ୱାଇଁ, ଅବିନାଶ ମହାନ୍ତି, ତପନ ଦଣ୍ଡପାଟ, ଚିତ୍ତରଞ୍ଜନ ବେହେରା, ଦଳଗୋବିନ୍ଦ ନାଏକ, ସଞ୍ଜୟ କୁମାର ବାରିକ, ଦୀପକ ମୁଦୁଲି ଓ ଭକ୍ତିରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଜୁଆ ଆଡ୍ଡାରେ ଚଢ଼ଉ; ୨ ଜୁଆଡ଼ି ଗିରଫ

**ବାରିପଦା, ୨୭ ।୫(ସମିସ):** ଜୁଆ ଖେଳୁଥିବା ବେଳେ ପୁଲିସ ଚଢ଼ଉ କରି ୨ଜଣ ଜୁଆଡ଼ିକୁ ଗିରଫ କରିଛି। ସେମାନେ ହେଲେ ବାରିପଦା ସଦର ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମର ପ୍ରଦୀପ ସିଂ (୨୭) ଓ ରଥ ସିଂ (୪୫)। ବାରିପଦା ସଦର ଥାନା ପୁଲିସ ଦ୍ୱାରା ପାଟ୍ରୋଲିଂ ଜାରି ଥିବାବେଳେ ଜୁଆ ଖେଳ ଚାଲୁଥିବା ନେଇ ଖବର ମିଳିଥିଲା। ଏହାକୁ ନେଇ କୁଣ୍ଡଳବଣି ହାଟ ପଡ଼ିଆରେ ଚଢ଼ଉ କରିଥିଲେ। ଗିରଫ ଜୁଆଡିଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏଥିସହିତ ଟଙ୍କା, କାର୍ଡ ଓ ଅନ୍ୟାନ୍ୟ ଜୁଆ ଖେଳ ସାମଗ୍ରୀ ମଧ୍ୟ ଜବତ କରାଯାଇଛି।

## ଦୁଗ୍ଧ ଚାଷୀଙ୍କୁ ଉନ୍ନତ କିସମର ଗାଈ ବଣ୍ଟନ କାର୍ଯ୍ୟକ୍ରମ

**କରଞ୍ଜିଆ, ୨୭।୫(ସମିସ):** ରାଷ୍ଟ୍ରୀୟ ଗୋକୁଳ ମିଶନ ଯୋଜନା ଅନ୍ତର୍ଗତ ଜାତୀୟ ଦୁଗ୍ଧ ବିକାଶ ବୋର୍ଡ ଆନୁକୂଲ୍ୟରେ ପାଞ୍ଚପୀଢ଼ ଉପଖଣ୍ଡର ୫ଟି ବ୍ଲକରେ ବସବାସ କରୁଥିବା ଦୁଗ୍ଧ ଚାଷୀଙ୍କ ଅର୍ଥନୈତିକ ବିକାଶ ପାଇଁ କରଞ୍ଜିଆ ବ୍ଲକ ବଳା ପଞ୍ଚାୟତ କୁରୁଳିଆ ଗ୍ରାମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶ ରାମସିଂ ଖୁଣ୍ଟିଆ, ଅନ୍ୟ ଅତିଥିଙ୍କ ମଧ୍ୟରେ କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ମଦନମୋହନ ମହାନ୍ତ, ବଳା ପଞ୍ଚାୟତ ସରପଞ୍ଚ ସ୍ମିତା ନାଏକ, ଗୋକୁଳ ମିଶନ ଯୋଜନା ସଂଯୋଜକ ଲିଙ୍ଗରାଜ ମହାନ୍ତ, ସାଂସଦ ପ୍ରତିନିଧି ଆଶିଷ ମହାନ୍ତ, କୃପାସିନ୍ଧୁ ମହାନ୍ତ, ମନ୍ତ୍ରୀଙ୍କ ପ୍ରତିନିଧି ବିପିନ ବିହାରୀ ମହାନ୍ତ, ତାଟୋ ମଣ୍ଡଳ ସଭାପତି ଦିଲ୍ଲୀପ ମହାନ୍ତ, ଯଶିପୁର ମଣ୍ଡଳ ସଭାପତି ପଶୁପତି ମିଶ୍ର, ଲକ୍ଷ୍ମୀଧର ରାମ, କରଞ୍ଜିଆ ନଗର ସଭାପତି ସମ୍ବିଧାନ ମହାପାତ୍ର, ଜ୍ୟୋତିଶଙ୍କର ଦାସ ପ୍ରମୁଖ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ଉପଖଣ୍ଡର ୫୦୦ ଜଣ ଗୋଚାଷୀଙ୍କୁ ଗୁଜୁରାଟ ଆନନ୍ଦ ସହରରୁ ଆସିଥିବା ଉନ୍ନତ ପ୍ରଜାତିର ଗାଈ ବଣ୍ଟନ କରାଯିବାକୁ ସ୍ଥିର ହୋଇଛି। କରଞ୍ଜିଆ ବ୍ଲକ ପାଇଁ ୧୫୦, ଠାକୁରମୁଣ୍ଡା ପାଇଁ ୧୦୦, ଯଶିପୁର ପାଇଁ ୧୦୦, ରରୁଆଁ ପାଇଁ ୧୦୦ ଶୁକ୍ରୁଳି ବ୍ଲକ ପାଇଁ ୫୦ ଜଣ ଚାଷୀ ଗାଈ ପାଇବେ।

## ଆନ୍ତଃ ବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



**ବାରିପଦା, ୨୭ ।୫(ସମିସ):** ବାରିପଦା ଷ୍ଟାଡିୟମ ପଡ଼ିଆରେ ଜିଲ୍ଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୧ ଦିନର ଖେଳରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଜି ଦଳ ୧୧୯ ରନରେ ଟିମ-ଏଫ ଦଳକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଜି ୨୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ଶୁଭମ ମହାନ୍ତି ୬୩ରନ କରିଥିବା ବେଳେ ବିପକ୍ଷ ଦଳର ସାଇ ଆୟୁଷ ଜେନା ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଟିମ-ଏଫ ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୮ ରନ ସଂଗ୍ରହ କରିଥିଲେ। ବିପକ୍ଷ ଦଳର ଜୟଦେବ ବେହେରା ୪ଟି ଉଇକେଟ ଓ ପ୍ରିୟଙ୍କ ପଟ୍ଟନାୟକ ୫ଟି ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥିଭାବେ ସୁଦୀପ ମନ୍ତ୍ରୀଙ୍କ ସମେତ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବୁଧବାର ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ-ଜି ଏବଂ ଟିମ-ଡି ମଧ୍ୟରେ ଶେଷ ଲିଗ ମ୍ୟାଚ ଅନୁଷ୍ଠିତ ହେବ। ଆସନ୍ତା ୨୯ ତାରିଖରେ ଫାଇନାଲ ମ୍ୟାଚ ହେବ।

### ପିଆର୍‌ଏମ୍‌ରେ ଆନ୍ତଃବିଭାଗ ଚିକିତ୍ସା ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବାକୁ ଦାବିପତ୍ର

# ଦାବି ପୂରଣ ନ ହେଲେ ଆନ୍ଦୋଳନ କରିବ 'ମାରିସା'

**ବାରିପଦା, ୨୭ ।୫(ସମିସ)**



ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲ ରଙ୍ଗାମାଟିଆସ୍ଥିତ ନୂତନ ଶିକ୍ଷାଦାନ କୋଠାକୁ ସ୍ଥାନାନ୍ତର ଏବଂ କାର୍ଯ୍ୟକ୍ଷମକୁ ଦୃଷ୍ଟିରେ ରଖି ମାସ୍ ଆଦିବାସୀ ରିଭଲ୍ୟୁସନାରୀ ୟୁଥ ଆଣ୍ଡ ଷ୍ଟୁଡେଣ୍ଟ ଆସୋସିଏସନ (ମାରିସା)ର ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ନେତୃତ୍ୱରେ ଉପଜିଲ୍ଲାପାଳ ଡ଼. ଦୟାସିନ୍ଧୁ ପରିଡ଼ାଙ୍କୁ ଜିଲ୍ଲାପାଳ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କାରାଯାଇଛି। ମୟୂରଭଞ୍ଜ ଜିଲ୍ଲାରେ ୫୬ ପ୍ରତିଶତରୁ ଅଧିକ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରୁଥିବାବେଳେ ଏମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଦାରିଦ୍ର୍ୟ ସୀମାରେଖା ତଳେ ରହିଛନ୍ତି। ଏମାନଙ୍କ ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବାରୁ ସରକାରୀ ଚିକିତ୍ସା ଉପରେ ପ୍ରାୟ ନିର୍ଭର କରନ୍ତି। ବାଲେଶ୍ୱର ଫକୀର ମୋହନ ମେଡିକାଲ୍ କଲେଜ ଏଣ୍ଡ ହସ୍ପିଟାଲ, ବଲାଙ୍ଗୀର ଭୀମ ଭୋଇ ମେଡିକାଲ୍ କଲେଜ ଏଣ୍ଡ ହସ୍ପିଟାଲ ଏବଂ କେନ୍ଦୁଝର ଧରଣୀଧର ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ଆନ୍ତଃବିଭାଗ ଏବଂ ବର୍ହିବିଭାଗ ଚିକିତ୍ସା କାର୍ଯ୍ୟକ୍ଷମ ହୋଇଛି; କିନ୍ତୁ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏଣ୍ଡ ହସ୍ପିଟାଲରେ ସମସ୍ତ ଆନୁଷଙ୍ଗିକ ଭିତ୍ତିଭୂମି ଥିବା ସତ୍ତ୍ୱେ ଅନ୍ତଃବିଭାଗ ଏବଂ ବର୍ହିବିଭାଗ ଚିକିତ୍ସା କାର୍ଯ୍ୟକ୍ଷମ ହୋଇନାହିଁ। ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ମଧ୍ୟ ବହୁ ଅବ୍ୟବସ୍ଥା ଯୋଗୁଁ ଲୋକେ ସେବା ପାଇପାରୁନାହାନ୍ତି। ବହୁ ରୋଗୀଙ୍କୁ କଟକ ପଠାଯାଉଛି। ସରକାରୀ ଡାକ୍ତରଖାନାରୁ ସେବା ନ ପାଇ ଲୋକେ ଗୁଣିଗାରେଡି, ଝଡାଫୁଙ୍କା ଆଦି ଅନ୍ଧବିଶ୍ୱାସକୁ ଆପଣେଇ ନେବାକୁ ବାଧ୍ୟ ହେଉଛନ୍ତି। ଫଳରେ ପ୍ରତ୍ୟେକ ବର୍ଷ ଶତାଧିକ ଲୋକଙ୍କ ଜୀବନ ଯାଉଛି। ରଙ୍ଗାମାଟିଆ ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଭେଷଜ ମହାବିଦ୍ୟାଳୟ ଏବଂ ହସ୍ପିଟାଲରେ ଜେନେରାଲ ମେଡିସିନ୍ ବିଭାଗ, ଚର୍ମ ଏବଂ ଭିଡି ବିଭାଗ, ମାନସିକ ରୋଗ ବିଭାଗ, ଚକ୍ଷୁ ଏବଂ କାନ, ନାକ, ଜିହ୍ୱା ବିଭାଗର ଅନ୍ତଃବିଭାଗ ଏବଂ ବର୍ହିବିଭାଗକୁ କାର୍ଯ୍ୟକ୍ଷମ କରିବାସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ମଧ୍ୟ କାର୍ଯ୍ୟକ୍ଷମ କରିବାକୁ ମାରିସା ପକ୍ଷରୁ ଦୃଢ ଦାବି କରାଯାଇଛି। ଏହି ଦାବି ପୂରଣ ନ ହେଲେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛି ମାରିସା। ଦାବିପତ୍ର ଦେବା ସମୟରେ ମାରିସା ରାଜ୍ୟ ସଭାପତି ଅର୍ଜୁନ ମୁର୍ମୁଙ୍କ ସମେତ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦାସମାତ୍ ହେମ୍ବ୍ରମ, ସମାଜସେବୀ ଅନନ୍ତ ମୁର୍ମୁ, କିଶୁନ ହେମ୍ବ୍ରମ, ହ୍ୟାପି ମୁର୍ମୁ, ରଥ ଟୁଡୁ, ଅଜୟ ମାର୍ଣ୍ଡି, ସୁକିନ୍ଦ୍ର ଟୁଡୁ, ମିଶ୍ର ଗୁଲୁଠୁ ଓ ଦିକୁ ଟୁଡୁ, ଯୋଗେ ଦାଦା ପ୍ରମୁଖ ଉପସ୍ଥିତ ଥିଲେ।






# ଶାଳମଞ୍ଜି ଗୋଟାଳିଙ୍କୁ ମିଳୁନି ପାରିଶ୍ରମିକ

- ଶାଗମାଛ ଦରରେ କିଣି ବ୍ୟବସାୟୀ ମାଲାମାଲ
- ଜଙ୍ଗଲଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ୟୁନିଟ ସ୍ଥାପନ ଦାବି
- ବନଜାତ ଦ୍ରବ୍ୟର ବିକ୍ରି ପାଇଁ ନାହିଁ ବଜାର ବ୍ୟବସ୍ଥା



ମୋରଡ଼ା, ୨୭ ।୫(ସମିସ): ମୟୂରଭଞ୍ଜ ଆଦିବାସୀ ବହୁଳ ଜିଲ୍ଲା ଭାବେ ବେଶ ପରିଚିତ । ଏଠାକାର ଜନଜାତି ଲୋକଙ୍କ ଜୀବନ ଜୀବିକାର ମୁଖ୍ୟ ମାଧ୍ୟମ ହେଉଛି ଜଙ୍ଗଲଜାତ ଦ୍ରବ୍ୟ । ଏଠାକାର ଲୋକେ ବହୁ ପରିଶ୍ରମ କରି ଜଙ୍ଗଲରୁ ବିଭିନ୍ନ ଫଳ, ଫୁଲ ସଂଗ୍ରହ କରିଥାନ୍ତି; କିନ୍ତୁ ବିକ୍ରି ନିମନ୍ତେ ବଜାର ବ୍ୟବସ୍ଥା ନ ଥିବାରୁ ବ୍ୟବସାୟୀଙ୍କୁ ବାଧ୍ୟହୋଇ ଶାଗମାଛ ଦରରେ ବିକ୍ରି କରିଥାନ୍ତି ଜଙ୍ଗଲଜାତ ସାମଗ୍ରୀ । ଫଳରେ ନିରୀହ ଆଦିବାସୀ ଉଚିତ ମୂଲ୍ୟ ପାଇନଥାନ୍ତି । ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ନିୟନ୍ତ୍ରିତ ବଜାର କମିଟି ନ ଥିବାରୁ ବିଭାଗର କୌଣସି ନିୟନ୍ତ୍ରଣ ନାହିଁ । ମାରଡ଼ା ବ୍ଲକଟି ଶାଳ ଜଙ୍ଗଲରେ ପରିପୂର୍ଣ୍ଣ ଥିବାବେଳେ ଏଠାକାର ଲୋକେ ଜୀବନଜୀବିକାର ଆଉ ଏକ ପ୍ରମୁଖ ମାଧ୍ୟମ ହେଉଛି ଶାଳମଞ୍ଜି ସଂଗ୍ରହ । ବାର୍ଷିକ ହଜାର ହଜାର କୁଇଣ୍ଟାଲ ଶାଳମଞ୍ଜି ସଂଗ୍ରହ କରୁଥିଲେ ମଧ୍ୟ ବେପାରୀମାନେ ଆଦିବାସୀଙ୍କଠାରୁ ଖୁବ୍ କମ୍ ଦରରେ କିଣି ମାଲାମାଲ ହେଉଛନ୍ତି । ଫଳରେ ଆଦିବାସୀମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି । ବିଶେଷକରି ବ୍ଲକର ଗଡ଼ିଗାଁ, ହାଣ୍ଡିଭଙ୍ଗା, ଭାଲୁକଟୁଆ, ଚିକିଟାମାଟିଆ, ନୂଆଝାଳିଆ ଆଦି ବହୁ ଗାଁରେ ବସବାସ କରୁଥିବା ଲୋଧା ସମ୍ପ୍ରଦାୟର ମହିଳା ଓ ପୁରୁଷ ଶାଳଫୁଲ ସଂଗ୍ରହ କରି ତାକୁ ଖରାରେ ଶୁଖାଇ ମଞ୍ଜି ଅମଳ କରିଥାନ୍ତି । ଶାଳଗଛରୁ ପ୍ରଚୁର ପରିମାଣରେ ଶାଳଫୁଲ ଭୂଇଁରେ ଝଡ଼ି ପଡ଼ିଥାଏ । ସେଗୁଡିକ ଝାଡୁକରି ସଂଗ୍ରହ କଲାପରେ ଶାଳଫୁଲରେ ନିଆଁ ଲଗାଇ ପୋଡ଼ିଦେବା ପରେ ସେଥିରୁ ମଞ୍ଜି ଅଲଗା ହୋଇ ବାହାରିଥାଏ, ଯେଉଁ ଶାଳମଞ୍ଜିରୁ ବନସ୍ପତି ଘିଅ, ସାବୁନ୍, ପ୍ରସାଧନ ସାମଗ୍ରୀ, ବିଭିନ୍ନ ପ୍ରକାର ଚର୍ମରୋଗ ଉପଶମ ପାଇଁ ଔଷଧ ଓ ରନ୍ଧନ ତୈଳ ପ୍ରସ୍ତୁତ କରାଯାଏ । ଟିଆଁସି ଗ୍ରାମର ଭେଣ୍ଟୁ ମଲିକଙ୍କ କହିବା ମୁତାବକ ବର୍ଷକୁ ସେ ପାଖାପାଖି ତିନି କୁଇଣ୍ଟାଲ ଶାଳମଞ୍ଜି ପରିବାରର ସମସ୍ତ ସଦସ୍ୟଙ୍କ ସହିତ ସଂଗ୍ରହ କରିଥାନ୍ତି; ହେଲେ ବେପାରୀମାନେ ଆଦିବାସୀଙ୍କଠାରୁ କିଲୋ ପ୍ରତି ମାତ୍ର ୧୫ ଟଙ୍କା ଏବଂ ଟିଣ ପ୍ରତି ୨୫ ଟଙ୍କା ଦରରେ କିଣି ନେଉଛନ୍ତି । ତେଣୁ ଆଦିବାସୀମାନେ ଉଚିତ ମୂଲ୍ୟ ପାଇପାରୁନାହାନ୍ତି । ତେବେ ଶାଳମଞ୍ଜିର ଏକ ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ହୋଇପାରିଲେ ଏଠାକାର ଆଦିବାସୀ ଦଲାଲଙ୍କ ଶୋଷଣରୁ ମୁକ୍ତି ପାଇପାରିବେ ଏବଂ ଶାଳମଞ୍ଜିର ଉଚିତ୍ ମୂଲ୍ୟ ପାଇପାରନ୍ତେ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

## ପଛୁଆବର୍ଗର ପିଲାଙ୍କୁ ମାଗଣା ଶିକ୍ଷାଦାନ



କୁଆମରା, ୨୭।୫(ସମିସ): ମୟୂରଭଞ୍ଜ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଗୋପବନ୍ଧୁନଗର ବ୍ଲକ ସାଇଁକୁଳା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଡିଗିସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ପଛୁଆ ବର୍ଗର ପିଲାଙ୍କୁ ପ୍ରତ୍ୟହ ଅପରାହ୍ନରେ ଶିକ୍ଷାଦାନ ଦିଆଯାଉଛି । ଶିକ୍ଷା କ୍ଷେତ୍ରରେ ଅନଗ୍ରସର ଥିବା ୨୨ ଜଣ ଅନୁସୂଚିତ ଜାତି ପିଲାଙ୍କୁ ନେଇ ଶିକ୍ଷାଦାନ କରାଯାଉଥିବା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ କୁହାଯାଇଛି । ଏଥିପାଇଁ ଜଣେ ଯୋଗ୍ୟତା ଥିବା ମହିଳାଙ୍କୁ ଶିକ୍ଷୟିତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି । ନାଗରିକ ମଞ୍ଚ ପକ୍ଷରୁ କୁନି କୁନି ପିଲାଙ୍କୁ ଆବଶ୍ୟକ ପାଠ୍ୟ ଉପକରଣ ଯୋଗାଇ ଦିଆଯାଇଛି । ନାଗରିକ ମଞ୍ଚ ପକ୍ଷରୁ ଏହି ପଦକ୍ଷେପକୁ ସରପଞ୍ଚ ରବୀନ୍ଦ୍ର ସିଂ ସ୍ୱାଗତ ଜଣାଇଛନ୍ତି ।

## ଜୁନ୍ ୧୬ରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କୁଆମରା, ୨୭।୫(ସମିସ): ଗୋପବନ୍ଧୁନଗର ପ୍ରେସ କ୍ଲବ ପକ୍ଷରୁ ଜୁନ ୧୬ ତାରିଖରେ ମ୍ୟାଟ୍ରିକ ଓ ଉଚ୍ଚ ମାଧ୍ୟମିକ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ । ରାଜ୍ୟ ମାଧ୍ୟମିକ ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ଚଳିତ ବର୍ଷ ଉତ୍ତୀର୍ଣ୍ଣ ହୋଇ ସର୍ବାଧିକ ନମ୍ବର ରଖିଥିବା ବ୍ଲକର ୧୦ ଜଣ ମେଧାବୀଙ୍କ ସମେତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କଳା, ବିଜ୍ଞାନ ଓ ଧନ୍ଦାମୂଳକ ବିଭାଗର ମୋଟ ୯ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ । ଏହାବ୍ୟତୀତ ବଲାଙ୍ଗିର ଜିଲ୍ଲା ପୁଇଁତଳା କୁଲଥିପାଲି ଗାଁର ସାମ୍ବାଦିକ ବିଜୟ ପ୍ରଧାନଙ୍କୁ ମାଡ ମାରିବା ଘଟଣାକୁ ନେଇ ଘୋର ନିନ୍ଦା କରାଯାଇଥିଲା । ମଙ୍ଗଳବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରିଆରେ ସାମ୍ବାଦିକଙ୍କ ସୁରକ୍ଷା ଆଇନ ପ୍ରଣୟନ କରିବା ସହ ଦୋଷୀକୁ ଉପଯୁକ୍ତ ଦଣ୍ଡ ଦେବା ପାଇଁ ଏକ ଦାବିପତ୍ର ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି । ତେବେ ଏ ନେଇ ଆଜି ପ୍ରେସ କ୍ଲବର ସଭାପତି ନିମାଇଁ ପ୍ରସାଦ ଦାଶଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଉପସଭାପତି ଚିତ୍ତରଞ୍ଜନ ଦଳେଇ, ସମ୍ପାଦକ ଡ. କୁମାର ବାବୁଲି, ସହସମ୍ପାଦକ ଶାନ୍ତନୁ ମଡୁଆଲ, କୋଷାଧ୍ୟକ୍ଷ ଯୋଗେଶ୍ୱର ସାହୁ, ରଞ୍ଜନ ମଡୁଆଲ, ବିଶ୍ୱଜିତ ଦାଶ, ଦୀପକ ଚୌଧୁରୀ, ହିରେନ ରାୟ, ସମ୍ବିତ ରାଉତ, ଜୟନ୍ତ ସ, ସୂର୍ଯ୍ୟକାନ୍ତି ପୁହାଣ, ମାଣିକ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଶ୍ରାମାଗାର ଓ ଶୌଚାଳୟ ନାହିଁ; ଯାତ୍ରୀ ହନ୍ତସନ୍ତ



ମହୁଲଡିହା, ୨୭।୫(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ମହୁଲଡିହା ଗ୍ରାମପଞ୍ଚାୟତ ଦେଇ ଯାଇଥିବା ୫୩ ନମ୍ବର ରାଜ୍ୟ ରାଜପଥ ଭଦ୍ରକ, କଟକ ଓ ଭୁବନେଶ୍ୱରକୁ ସଂଯୋଗ କରୁଛି । ଠାକୁରମୁଣ୍ଡା ପରେ ମୁଖ୍ୟ ଜନଗହଳି ବସଷ୍ଟାଣ୍ଡ ହେଉଛି ମହୁଲଡିହା । ଏଠାରେ ହାତଗଣତି ଦୋକାନ ଥିବା ବେଳେ ବ୍ୟାଙ୍କ, ଥାନା, ପୋଷ୍ଟ ଅଫିସ, ଲ୍ୟାମ୍ପସ ଓ ବହୁ ବିଦ୍ୟାଳୟ ରହିଛି । ଏହି ରାଜପଥଟି ରାଜଧାନୀକୁ ସଂଯୋଗ କରୁଥିବାରୁ ସର୍ବଦା ଯାତ୍ରୀବାହୀ ଯିବାଆସିବା କରେ; ହେଲେ ଏଠାରେ ବିଶ୍ରାମଗାର କି ଶୌଚାଳୟ ନ ଥିବାରୁ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । କେନ୍ଦୁଝର ଜିଲ୍ଲାରୁ ବିଭିନ୍ନ କାମରେ ଏଠାକୁ ଲୋକେ ଆସିଥାନ୍ତି । ଆଶ୍ରୟସ୍ଥଳୀ ନଥିବାରୁ ଲୋକେ ଏଣେତେଣେ ଦୋକାନରେ ଆଶ୍ରୟ ନେଉଛନ୍ତି । ସରକାର ପ୍ରତି ଗ୍ରାମ ପଞ୍ଚାୟତକୁ ସଂଯୋଗ କରିବା ନିମନ୍ତେ ସରକାରୀ ବସସେବା ଯୋଜନା ଆରମ୍ଭ କରିବା ସହିତ ବିଶ୍ରାମାଗାର ମଧ୍ୟ କରିଛନ୍ତି । ଏଠାରେ ରାସ୍ତା କଡ଼ରେ ଏକର ଏକର ପରିମିତ ସରକାରୀ ଜାଗା ରହିଥିବା ରାଜସ୍ୱ ବିଭାଗ ସୂତ୍ରରୁ ଜଣାପଡ଼ିଛି । ପ୍ରାୟ ଦୁଇମାସ ପୂର୍ବରୁ ରାଜସ୍ୱ ବିଭାଗ ସ୍ୱୟଂ ସହାୟିକା ଗୋଷ୍ଠୀର ସରକାରୀ ଘର ଓ ଯାତ୍ରୀ ବିଶ୍ରାମାଗାର ପାଇଁ ଜମି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଥିଲେ । ମାତ୍ର ଏଯାଏ କାମ ଅଟକି ରହିଛି । ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ୮ ବର୍ଷ ପରେ ଘରକୁ ବାହୁଡ଼ିଲେ ଯୁବକ

**୨୦୧୭ରୁ ଥିଲେ ନିଖୋଜ; ଉତ୍ତରପ୍ରଦେଶରୁ ଉଦ୍ଧାର**



ବେତନଟୀ, ୨୭ ।୫(ସମିସ): ଗତ ୨୦୧୭ ସମିହାରୁ ନିଖୋଜ ହୋଇଯାଇଥିବା ଜଣେ ମାନସିକ ଅନଗ୍ରସର ଯୁବକଙ୍କୁ ଉତ୍ତରପ୍ରଦେଶ ବରେଲିରୁ ପୁଲିସ ଉଦ୍ଧାରକରି ସୋମବାର ସକାଳେ ତାଙ୍କ ପରିବାରକୁ ହସ୍ତାନ୍ତର କରିଛି । ଦୀର୍ଘ ୮ ବର୍ଷ ପରେ ପୁଅକୁ ପାଇ ପରିବାର ଆତ୍ମହରା ହୋଇପଡ଼ିଛନ୍ତି । ବେତନଟୀ ଉପକଣ୍ଠ ମୁକ୍ତାପୁର ପଞ୍ଚାୟତର ଛଟିନାପଦା ଗ୍ରାମର ଶିବଶଙ୍କର ମହାନ୍ତଙ୍କ ପୁଅ ଦୀନକୃଷ୍ଣଙ୍କୁ ଯେତେବେଳେ ୨୨ ବର୍ଷ ହୋଇଥିଲା ସେତେବେଳେ ହଠାତ ତାଙ୍କର ମାନସିକ ଅସନ୍ତୁଳ ଆରମ୍ଭ ହୋଇଥିଲା । ସବୁଦିନ ଭଳି ସେ ୨୦୧୭ ମସିହା ମେ' ୨୮ ତାରିଖରେ ନଈକୁ ଗାଧୋଇବାକୁ ଯାଇଥିଲେ; ହେଲେ ସନ୍ଧ୍ୟା ପର୍ଯ୍ୟନ୍ତ ଦୀନକୃଷ୍ଣ ଘରକୁ ନ ଫେରିବାରୁ ପରିବାର ଖୋଜାଖୋଜି ଆରମ୍ଭ କରିଥିଲେ । ଶେଷରେ ୨୦୧୭ ମସିହା ଜୁନ ୨ତାରିଖରେ ଶିବଶଙ୍କର ବେତନଟୀ ଥାନାରେ ନିଖୋଜ ଅଭିଯୋଗ କରିଥିଲେ । ପୁଲିସ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ପତ୍ତା ପାଇ ନ ଥିଲେ । ହଠାତ ଉତ୍ତରପ୍ରଦେଶର ବରେଲି ଉପକଣ୍ଠ ଶାହାଜାହାନପୁରରେ ଅନଗ୍ରସରଙ୍କ ପାଇଁ କାମ କରୁଥିବା ମନସମର୍ପଣ ପୁନର୍ବାସ ଥଇଥାନ କେନ୍ଦ୍ର ପକ୍ଷରୁ ଦୀନକୃଷ୍ଣଙ୍କ ଏକ ଭିଡିଓ ଏବଂ ଫଟୋ ଜାରି କରାଯାଇଥିଲା । ମଣ୍ଡଳ ସଭାପତି ଜୀବନ ପରିଡ଼ାଙ୍କୁ ପ୍ରଥମେ ଏହି ଭିଡିଓ ହସ୍ତଗତ ହେବାପରେ ସେ ବିଧାୟକ ସନାତନ ବିଜୁଳିଙ୍କୁ ଅବଗତ କରିଥିଲେ । ବିଧାୟକ ଏନେଇ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ସହିତ ଆଲୋଚନା କରିଥିଲେ । ଦୀନକୃଷ୍ଣଙ୍କ ବଡଭାଇ କ୍ଷେତ୍ରମୋହନ ବେତନଟୀ ଥାନା କନଷ୍ଟେବଲ ଅର୍ଜୁନ ବିନ୍ଧାଣିଙ୍କ ସହିତ ଉତ୍ତରପ୍ରଦେଶ ଗସ୍ତ କରିଥିଲେ । ସେଠାରେ ମନସମର୍ପଣ ପୁନର୍ବାସ ଥଇଥାନ କେନ୍ଦ୍ରରେ ଥିବା ଦୀନକୃଷ୍ଣଙ୍କୁ ଦେଖି ଭବବିହ୍ୱଳ ହୋଇପଡ଼ିଥିଲେ । ସେଠାରୁ କ୍ଷେତ୍ରମୋହନ ଓ ବେତନଟୀ ପୁଲିସ ଦୀନକୃଷ୍ଣଙ୍କୁ ସାଙ୍ଗରେ ନେଇ ସୋମବାର ସକାଳେ ଛଟିନାପଦାରେ ପହଞ୍ଚିଥିଲେ । ଦୀର୍ଘ ୮ବର୍ଷ ପରେ ନିଖୋଜ ଥିବା ଭେଣ୍ଡିଆ ପୁଅକୁ ପାଇ ପରିବାର ଆତ୍ମହରା ହୋଇପଡ଼ିଥିଲେ ।

## ଆଦିବାସୀଙ୍କୁ ସାରନା ଧର୍ମ ମାନ୍ୟତା ପାଇଁ ଦାବିପତ୍ର



ବିଶୋଇ, ୨୭ ।୫ (ସମିସ): ଆଗାମୀ ଜନଗଣନା ପୂର୍ବରୁ ଆଦିବାସୀ ସମ୍ପ୍ରଦାୟକୁ ସାରନା ଧର୍ମ ମାନ୍ୟତା ଦେବା ସହିତ ସେନସସ୍ କୋର୍ଡର ବ୍ୟବସ୍ଥା କରିବା ପାଇଁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମଙ୍ଗଳବାର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ସୂଚନାଯୋଗ୍ୟକି, ଭାରତ ବର୍ଷରେ ଆଦିବାସୀ ସମ୍ପ୍ରଦାୟ ପ୍ରକୃତି ପୂଜକ ଓ ସାରନା ଧର୍ମରେ ବିଶ୍ୱାସ କରନ୍ତି । ଆଦିବାସୀଙ୍କ ପୂଜା ପଦ୍ଧତି, ଧର୍ମ ବିଶ୍ୱାସ ଅନ୍ୟ ସମ୍ପ୍ରଦାୟ ତଥା ହିନ୍ଦୁ, ମୁସଲିମ ଖ୍ରୀଷ୍ଟିଆନ, ବୌଦ୍ଧ ଓ ଜୈନ ଆଦି ଧର୍ମାବଲମ୍ବୀଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ତେଣୁ ଆଦିବାସୀ ଧର୍ମ, ସଂସ୍କୃତି ଓ ପରମ୍ପରାର ସ୍ୱତନ୍ତ୍ରତା ବଜାୟ ରଖିବା ପାଇଁ ଆସନ୍ତା ଜନଗଣନା ପୂର୍ବରୁ ଆଦିବାସୀଙ୍କୁ ସାରନା ଧର୍ମ ମାନ୍ୟତା ଦେବା ସହିତ ସେନସସ କୋର୍ଡ ବ୍ୟବସ୍ଥା କରିବା ପାଇଁ ଦାବି ରଖାଯାଇଛି । ଦାବିପତ୍ର ପ୍ରଦାନ ସମୟରେ ବିଶୋଇ ବ୍ଲକ ୩୩ନଂ ଜିଲ୍ଲା ପରିଷଦ ସଦସ୍ୟ ଶୀତଲ କିସ୍କୁ, ବ୍ଲକ ଜେ.ଏମ୍.ଏମ୍‌ର ବରିଷ୍ଠ ନେତୃବୃନ୍ଦ ଶ୍ୟାମସୁନ୍ଦର ହାଁସଦା, ଯୁଝାର ମୁର୍ମୁ, ରାମେଶ୍ୱର ସୋରେନ, ସରୋଜିନୀ ମୁର୍ମୁ, ଜଗମୋହନ ମୁର୍ମୁ, ଫାଗୁରାମ ସୋରେନ, ରାମଦାସ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଖତ ଖାଉଛି 'ଜୀବନ ରେଖା' ଏକ୍ସପ୍ରେସ



ମହୁଲଡିହା, ୨୭।୫ (ସମିସ): ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜୀବନ ରେଖା ଏକ୍ସପ୍ରେସ (ଆମ୍ବୁଲାନ୍ସ) ଏବେ କାମରେ ନ ଲାଗି ଖତ ଖାଇବାକୁ ବସିଲାଣି । ରୋଗୀ କଲ୍ୟାଣ ସମିତି ଏବଂ ରେଡ୍‌କ୍ରସ ଶାଖା ସହାୟତାରେ ଠାକୁରମୁଣ୍ଡା ବ୍ଲକକୁ ଜନସାଧାରଣଙ୍କ ସେବା ପାଇଁ ଏହି ଆମ୍ବୁଲାନ୍ସ ଯୋଗାଇ ଦିଆଯାଇଥିଲା । ସେତେବେଳେ ଏହି ଆମ୍ବୁଲାନ୍ସର ଡ୍ରାଇଭର ଅଜୟ କୁମାର ବାରିକ ଜୁଲାଇ ୨୦୨୪ରୁ ଅବସର ଗ୍ରହଣ କରିବା ପରେ କାହାକୁ ନିଯୁକ୍ତି ଦିଆଯାଇ ନ ଥିବାରୁ ଏବେ ଆଉ କାମରେ ଆସୁନାହିଁ । ଫଳରେ ଏହି ଆମ୍ବୁଲାନ୍ସ ଅଗଷ୍ଟ ମାସରୁ କେନ୍ଦ୍ରରେ ପଡ଼ିରହିଛି । ଏହି ଆମ୍ବୁଲାନ୍ସ ଉପରେ ଠାକୁରମୁଣ୍ଡା ବ୍ଲକର ୨୧ଟି ଏବଂ କେନ୍ଦୁଝର ଜିଲ୍ଲାର ୩ଟି ପଞ୍ଚାୟତର ଲୋକେ ନିର୍ଭର କରୁଥିଲେ । କମଖର୍ଚ୍ଚରେ କଟକ ବଡ଼ ଡାକ୍ତରଖାନା, ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ କରଞ୍ଜିଆ ଉପଖଣ୍ଡକୁ ଯାଇଥାନ୍ତି ରୋଗୀ । ଏବେ ଏହି ଆମ୍ବୁଲାନ୍ସ ପଡ଼ି ରହିଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେଣୁ ଶୀଘ୍ର ନୂତନ ଡ୍ରାଇଭର ନିଯୁକ୍ତି କରିବାକୁ ଠାକୁରମୁଣ୍ଡାବାସୀ ଦାବି ଜଣାଇଛନ୍ତି ।

## ବଡସାହି ଲ୍ୟାମ୍ପସରେ ଖୋଲିଲା ଧାନମଣ୍ଡି



ବଡସାହି, ୨୭।୫(ସମିସ): ବଡସାହି ଲ୍ୟାମ୍ପସରେ ମଙ୍ଗଳବାର ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଲ୍ୟାମ୍ପସ ସଭାପତି ଲକ୍ଷ୍ମୀ ସିଂ ଯୋଗଦେଇ ଉଦଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଲକ୍ଷ୍ମୀଧର ସିଂ, ଏମସିସି ବ୍ୟାଙ୍କର ସହକାରୀ ପରିଚାଳକ କିଶୋର ଚନ୍ଦ୍ର ମାସନ୍ତ, ଆରଏମସି ଷ୍ଟାପ୍, ଡାଇରେକ୍ଟର ସୁରଥ ଦାସ, ସତ୍ୟବ୍ରତ ସାହୁ ଏବଂ ଚାଷୀ କମିଟିର ରାଜେନ୍ଦ୍ର ବେହେରାଙ୍କ ସମେତ ସମସ୍ତ ସଦସ୍ୟ ସଦସ୍ୟା ଓ ନିର୍ଦ୍ଦେଶକ ଉପସ୍ଥିତ ଥିଲେ । ଲ୍ୟାମ୍ପସ ପରିଚାଳକ ରାଜକିଶୋର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଥମ ଦିନରେ ସିଦ୍ଧି ବିନାୟକ ମିଲର ୩ ଜଣ ଚାଷୀଙ୍କଠାରୁ ୧୪୧ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି ।

## ସାର୍ନା ଧର୍ମକୋଡ ଦାବିରେ ଜେଏମଏମର ଦାବିପତ୍ର



ବହଳଦା : ଆଗାମୀ ଜନ ଗଣନା ପୂର୍ବରୁ ଆଦିବାସୀଙ୍କ ସାର୍ନା ଧର୍ମକୁ ମାନ୍ୟତା ଦିଆଯିବା ସହିତ ଧର୍ମ କୋଡ ପ୍ରଦାନ କରାଯିବା ଦାବିରେ ଝାରଖଣ୍ଡ ମୁକ୍ତିମୋର୍ଚ୍ଚା ଦଳ ପକ୍ଷରୁ ବହଳଦା ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ବ୍ଲକ ସଭାପତି ସୁରେଶ ଚନ୍ଦ୍ର ମୁର୍ମୁ, ଯୁବ ମୋର୍ଚ୍ଚା ସଭାପତି ବାନ୍ତା ବାସ୍କେ, ସମ୍ପାଦକ ରାମଚନ୍ଦ୍ର ବଦ୍ରା, ସାଧାରଣ ସମ୍ପାଦକ ଗୋବିନ୍ଦ ନାଏକ ଏବଂ ବୁଧରାୟ ହାଁସଦା ପ୍ରମୁଖଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତା ବିଡିଓ ଶରତ କୁମାର ମଲ୍ଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ପ୍ରକୃତି ପୂଜକ ଆଦିବାସୀଙ୍କ ପୂଜା ପଦ୍ଧତି, ପରମ୍ପରା ଓ ଧର୍ମ ବିଶ୍ୱାସ ହିନ୍ଦୁ, ଶିଖ୍, ଇସାଇ, ମୁସଲିମ୍, ଜୈନ ଆଦି ଧର୍ମାବଲମ୍ବୀଙ୍କଠାରୁ ସମ୍ପୂର୍ଣ୍ଣ ଅଲଗା । ତେଣୁ ସ୍ୱତନ୍ତ୍ର ଆଦିବାସୀଙ୍କ ସାର୍ନା ଧର୍ମକୁ ମାନ୍ୟତା ଦିଆଯିବା ସହିତ ଜନଗଣନା ପୂର୍ବରୁ ସ୍ୱତନ୍ତ୍ର ଧର୍ମ କୋଡ ପ୍ରଦାନ କରାଯିବାକୁ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଦାବି ଉପସ୍ଥାପନ କରାଯାଇନ୍ତି ।

## କଂଗ୍ରେସ ରାଜ୍ୟ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



ରାଇରଙ୍ଗପୁର, ୨୭ ।୫(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସମ୍ପାଦକ ଲକ୍ଷ୍ମୀଧର ସିଂହ ରାଇରଙ୍ଗପୁର ଗସ୍ତ କରିବା ସମୟରେ ତାଙ୍କୁ ମହୁଲଡିହା ଡାକ ବଙ୍ଗଳାରେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଭାପତି ଭୁବନ ବିହାରୀ ସାହୁ, ପୂର୍ବତନ ବିଧାୟକ ଲକ୍ଷ୍ମଣ ମାଝୀ, ଶ୍ୟାମଚରଣ ହାଁସଦା, ବସନ୍ତ ପଟ୍ଟନାୟକ, ଭାଗୀରଥି ପାତ୍ର, ବେରେଲ ସିରକା, ମାନସିଂହ ମାଝୀ, ହେଲେନା ବାଗେ ସମେତ ଦଳର ବହୁ ନେତା ଓ କର୍ମୀ ଉପସ୍ଥିତ ଥିଲେ ।


# କଞ୍ଚାମାଲ ଅଭାବ; ସଂକଟରେ ଝାଡୁ କାରିଗର

**ବୃଦ୍ଧି ପାଉଛି ପ୍ଲାଷ୍ଟିକ ଝାଡୁର ଚାହିଦା**



ବଡସାହି, ୨୭ ।୫(ସମିସ): ଝାଡୁ ତିଆରି ପାଇଁ ଆବଶ୍ୟକ କଞ୍ଚାମାଲ ଠିକ୍ ଭାବେ ମିଳୁ ନ ଥିବାରୁ କାରିଗର ଏବେ ସଂକଟରେ । ଏହାର ପ୍ରସ୍ତୁତି ପାଇଁ ଦରକାରୀ ଗଛ ସେପରି ବଡସାହି ଅଞ୍ଚଳରେ ଦେଖିବାକୁ ମିଳୁନାହିଁ । ଫଳରେ ଏହା ଉପରେ ନିର୍ଭର କରି ଦିନ କାଟୁଥିବା କାରିଗରଙ୍କ ଜୀବିକା ବାଧାପ୍ରାପ୍ତ ହେବାକୁ ବସିଛି । ପ୍ରତ୍ୟେକ ପରିବାର ଘରର ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ଝାଡୁର ଆବଶ୍ୟକତା ପଡ଼ିଥାଏ । ମାତ୍ର କଞ୍ଚାମାଲର ଅଭାବ ପାଇଁ ଏବେ ଘରେ ପ୍ଲାଷ୍ଟିକ ଝାଡୁର ବ୍ୟବହାର ମଧ୍ୟ ଦେଖିବାକୁ ମିଳିଲାଣି । ଫଳରେ ଏହାକୁ କୌଳିକ ବୃତ୍ତି ଭାବେ ଆଦରି ନେଇଥିବା କାରିଗରଙ୍କ ଜୀବନଜୀବିକା ଏବେ ସଂକଟରେ । ଝାଡୁ ତିଆରିରେ ବ୍ୟବହାର କରାଯାଉଥିବା ବିଭିନ୍ନ ସରଞ୍ଜାମ ସଂଗ୍ରହରେ କଟକଣା ଜାରି କରାଯାଉଥିବାରୁ ଏହି କୌଳିକ ବୃତ୍ତିକୁ ଆପଣେଇ ଜୀବିକା ନିର୍ବାହ କରିବା କଷ୍ଟକର ହୋଇ ପଡ଼ିଲାଣି । ପୂର୍ବରୁ କାରିଗରମାନେ ଝାଡୁ ତିଆରି କରି ଭାର କିମ୍ବା ସାଇକଲରେ ଗାଁଗଣ୍ଡାକୁ ନେଇ ବିକ୍ରି କରୁଥିଲେ । ଝାଡୁର ମୂଲ୍ୟ କେଉଁଠି ଅର୍ଥ ଆକାରରେ ପାଇଥିଲେ ତ ଆଉ କେଉଁଠି ଧାନ ଓ ଚାଉଳ ଆକାରରେ ପାଉଥିଲେ । ଏବେ ସେ ସମୟ ଗଲାଣି । ମାଟିଘର ଅପେକ୍ଷା ଏବେ ପକ୍କାଘର ବୃଦ୍ଧି ପାଇଲାଣି । ପକ୍କାଘରେ ଫୁଲଝାଡୁର ଆଦର ବୃଦ୍ଧି ପାଇଛି । ଫୁଲ ଝାଡୁ ଗୁଡିକ ବଜାରରେ ୪୦ରୁ ୫୦ ଟଙ୍କାରେ ମିଳୁଥିବା ବେଳେ ଖଜୁର ପାଳରେ ତିଆରି ଏହି ଝାଡୁଗୁଡିକୁ ୨୦ ଟଙ୍କାରେ କିଣିବାକୁ ଗ୍ରାହକକ ପଛଘୁଞ୍ଚା ଦେଉଛନ୍ତି । ତେଣୁ ଝାଡୁ ତିଆରି କରି ପରିବାର ପ୍ରତିପୋଷଣ କରିବା କଷ୍ଟକର ହେଲାଣି । ଝାଡୁ ତିଆରିରେ ଶ୍ରମ ସହିତ ବ୍ୟବହୃତ ସରଞ୍ଜାମ ସବୁ ପୂର୍ବରୁ ବିନା ଖର୍ଚରେମିଳୁଥିବା ବେଳେ ଏବେ ତାହା କିଣିବାକୁ ପଡୁଥିବାରୁ ପରିଶ୍ରମର ସଠିକ୍ ମୂଲ୍ୟ ଆଉ ମିଳୁନାହିଁ । ଝାଡୁ ତିଆରି ପାଇଁ ଆବଶ୍ୟକ ହୋଇଥାଏ ଖଜୁରୀ ଗଛର ଡାଳ ବା ବାହୁ, କାଳିଆ ନଅ (ଏକପ୍ରକାର ଲତା) ବା କେରାଟା (ତାଳ ବାହୁଙ୍ଗାର ବକଳ) ଓ କୀଳା । କାରିଗରମାନେ ପ୍ରଥମେ ବିଭିନ୍ନ ସ୍ଥାନରେ ଥିବା ଖଜୁରୀ ଗଛକୁ ଅନୁସନ୍ଧାନ କରିଥାନ୍ତି । ସକାଳୁ ଯାଇ ଖଜୁରୀ ଗଛର ବାହୁକୁ କାଟି ଆଣିଥାନ୍ତି । ପରିବାର ସମସ୍ତ ସଦସ୍ୟମାନେ ସେହି ବାହୁକୁ ତିନିଚାରି ଭାଗରେ ଚିରି କେରା କରି ଖୋଲାସ୍ଥାନ କିମ୍ବା ପିଚୁ ରାସ୍ତାର ଖରାରେ ଶୁଖାଇଥାନ୍ତି । ତାହା ଶୁଖିଲା ପରେ ଝାଡୁର ଲମ୍ବ ଓ ମୋଟେଇ ଅକାରରେ ଭାଙ୍ଗି ରଖି ଦିଆଯାଏ । ତାପରେ ତାକୁ ପୂର୍ବରୁ ସଂଗ୍ରହ କରି ରଖାଯାଇଥିବା କାଳିଆ ନଅ ଓ କେରାଟରେ ବନ୍ଧା ଯାଇଥାଏ । ବନ୍ଧାଯାଇଥିବା ଏହି ଅନିର୍ମିତ ଝାଡୁରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ଅଧ ଇଞ୍ଚ ମୋଟେଇ ଓ ୪ଇଞ୍ଚ ଲମ୍ବର କୀଳାକୁ ଝାଡୁର ମୂଳକୁ ଟାଇଟ୍ କରିବା ପାଇଁ ବ୍ୟବହାର କରାଯାଇଥାଏ । ତା ପରେ ଝାଡୁ ଗୁଡିକ ବିକ୍ରି ପାଇଁ ପ୍ରସ୍ତୁତ ହୋଇଥାଏ । ପୂର୍ବରୁ ଗସ୍ତାକଡରେ ଥିବା ଖଜୁରୀ ଗଛର ବାହୁ ସବୁ ସହଜରେ ମିଳୁଥିଲା । ମାତ୍ର ଏବେ ବିଭିନ୍ନ ଅଞ୍ଚଳରେ ରାସ୍ତା ପ୍ରଶସ୍ତିକରଣ ହେଉଥିବା ଫଳରେ ଖଜୁରୀ ଗଛ ଗୁଡିକ ଲୋପ ପାଇଗଲାଣି । ସେହିପରି ପୂର୍ବରୁ ବହୁଳ ଭାବେ ମିଳୁଥିବା କାଳିଆ ନଅ ବା କେରାଟ ଏବେ ସେହି ପରିମାଣରେ ଆଦୌ ମିଳୁନାହିଁ । ଫଳରେ ଅର୍ଥ ବିନିମୟରେ ବଜାରରେ ମିଳୁଥିବା ପ୍ଲାଷ୍ଟିକ କେନ୍ ଉପରେ ନିର୍ଭର କରିବାକୁ ପଡୁଛି । ଏବେ ପରିଶ୍ରମ ଅନୁସାରେ ପାରିଶ୍ରମିକ ମିଳୁନାହିଁ ବୋଲି ଦେଉଳିଆ ଗ୍ରାମର ଝାଡୁ କାରିଗର ଶତ୍ରୁଘ୍ନ ବୈଠା କହିଛନ୍ତି । ମୟୂରଭଞ୍ଜ ଜିଲ୍ଲାରେ ବହୁ ଦଳିତଙ୍କ ପ୍ରମୁଖ ରୋଜଗାରର ମାଧ୍ୟମ ହେଉଛ ଝାଡୁ ବ୍ୟବସାୟ । ତେଣୁ ଏ ସମ୍ପ୍ରଦାୟର କୌଳିକ ବୃତ୍ତିକୁ ବଜାୟ ରଖିବାକୁ ସରକାରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅବସରପ୍ରାପ୍ତ ଶିକ୍ଷକ ଦୟାନିଧି ପାତ୍ର ପ୍ରକାଶ କରିଛନ୍ତି । କଞ୍ଚାମାଲ ପାଇଁ ବିଭିନ୍ନ ସରକାରୀ ସ୍ଥାନରେ ଉଦ୍ୟାନ କୃଷି, ଆଉଟିଡିଏ ତଥା ଅନ୍ୟାନ ବନୀକରଣ ଯୋଜନାରେ ଖଜୁରୀ ଓ ତାଳ ଗଛ ଲଗାଇଲେ ସେଥିରୁ ପରିବେଶ ସନ୍ତୁଳନ ରହି ମହତ୍ ଉଦ୍ଦେଶ୍ୟ ପୂରଣ ହେବା ସହିତ ଝାଡୁ ପାଇଁ ଆବଶ୍ୟକ ସାମଗ୍ରୀ ସଂଗ୍ରହ କରି ହୁଅନ୍ତା ବୋଲିବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

ସକାଳ
THE SAKALA



ସହରଗୁଡ଼ିକ ଠିକ୍ ଆମ ମଣିଷମାନଙ୍କ ପରି। ପୁରୁଣା ସହରମାନେ ଚରିତ୍ରବାନ ଏବଂ ନୂଆ ସହରମାନେ ସଦା ପରିବର୍ତ୍ତନଶୀଳ ଓ ଚଳଚଞ୍ଚଳ।
-ୱାଲାସ୍ ଷ୍ଟେଗ୍‌ନର

# ଶବ୍ଦ ସ୍ୱତ୍ୱାଧିକାର

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା, ନୀତିକାନ୍ତି ଏବଂ ଶ୍ରୀକ୍ଷେତ୍ର ପୁରୁଷୋତ୍ତମ ଧାମ ପୁରୀ ସମ୍ପର୍କିତ ଅନନ୍ୟ ଶବ୍ଦାବଳୀର ପ୍ୟାଟେଣ୍ଟ(ସ୍ୱତ୍ୱାଧିକାର) କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି। ଯଦି ଏହା ବିଧିବଦ୍ଧ ସର୍ବସମ୍ମତ ସ୍ୱୀକୃତି ଲାଭ କରେ ତେବେ ଏହି ଉଦ୍ୟମ ହେବ ଶ୍ରୀମନ୍ଦିର ପରିଚାଳନା ଇତିହାସରେ ଏକ ଅଭିନବ ପଦକ୍ଷେପ। ପଶ୍ଚିମବଙ୍ଗର ଦୀଘାଠାରେ ନିର୍ମିତ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିରକୁ 'ଧାମ' ଭାବରେ ନାମିତ କରିବା ପରେ ଓଡ଼ିଶାରେ ଯେଉଁ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି ସେହି ପୃଷ୍ଠଭୂମିରେ ଏବଂ ଜନମତର ସ୍ରୋତାନୁକୂଳରେ ଏହି ନବଚିନ୍ତନ ଜନ୍ମ ନେଇଥିବା ମନେହୁଏ। ସମ୍ପ୍ରତି ରାଜ୍ୟ-ରାଜ୍ୟ ଓ କେନ୍ଦ୍ର-ରାଜ୍ୟ ମଧ୍ୟରେ ଯେଉଁଭଳି ତଥାକଥିତ ଅସ୍ମିତା ହଡ଼ପ ପ୍ରତିଯୋଗିତା ଆରମ୍ଭ ହୋଇଛି ସେହି ଦୃଷ୍ଟିକୋଣରୁ ବିଚାରକଲେ ଶ୍ରୀମନ୍ଦିର ପ୍ରଶାସନର ଉପରୋକ୍ତ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଓ ସମୟୋପଯୋଗୀ। କିନ୍ତୁ ଏ ବିଷୟରେ ନିଗୂଢ଼ ଭାବେ ଚିନ୍ତା କଲେ କେତେକ ପ୍ରଶ୍ନ ଓ ଦ୍ୱନ୍ଦ୍ୱ ସ୍ୱତଃ ସୃଷ୍ଟି ହେଉଛି, ଯାହା କିଞ୍ଚିତ ଆଲୋଚନାର ଅବକାଶ ସୃଷ୍ଟି କରିଛି।

ଶ୍ରୀଜଗନ୍ନାଥ ଚେତନାର ସୌରଭ ସାତସମୁଦ୍ର, ପର୍ବତ, ଅରଣ୍ୟ ଭେଦି ବିଶ୍ୱାୟନରେ 'ଜଗତର ନାଥ' ଶବ୍ଦର ସାର୍ଥକତା ଓ ପ୍ରାମାଣିକତା ପ୍ରତିଷ୍ଠା କରିସାରିଛି ଏବଂ ଏବେ ଏହା ଆହୁରି ପରିବ୍ୟାପ୍ତ ହେଉଛି। ଏକପକ୍ଷରେ ଆମେ ନୀଳାଦ୍ରିନାଥଙ୍କୁ ବିଶ୍ୱାୟନରେ ଉପସ୍ଥାପନ କରିବା ବେଳେ ତତ୍‌ସଂଲଗ୍ନ ଶବ୍ଦ ଓ ଉଚ୍ଚାରଣକୁ ସ୍ୱତ୍ୱାଧିକାରରେ ଆବଦ୍ଧ କଲେ ଶ୍ରୀଜଗନ୍ନାଥ ଚେତନା ଓ ମହନୀୟତାକୁ ଏକ ସଂକୀର୍ଣ୍ଣତାବାଦୀ ରକ୍ଷଣଶୀଳ ଦୁନିଆରେ ସୀମାବଦ୍ଧ କରିଦେବା ଭଳି ହେବ ନି ତ? ଅନିଚ୍ଛା ସତ୍ତ୍ୱେ ଏଭଳି ପ୍ରଶ୍ନଟିଏ ଶ୍ରୀଜଗନ୍ନାଥଙ୍କୁ ବ୍ରହ୍ମାଣ୍ଡର ଠାକୁର ଭାବେ ଗ୍ରହଣ କରି ନେଇଥିବା ବିଶ୍ୱହିତୈଷୀ ଓଡ଼ିଆର ହୃଦୟ ଓ ମନ ଭିତରେ ଆନ୍ଦୋଳିତ ହେଉଛି। ଆମେ ଏହି ସ୍ତମ୍ଭରେ ପୂର୍ବରୁ ମଧ୍ୟ ଉଲ୍ଲେଖ କରିଥିଲୁ ଯେ ଯେପରି ରାମଚନ୍ଦ୍ର ନାମ ଧାରଣ କଲେ କେହି ମର୍ଯ୍ୟାଦା ପୁରୁଷୋତ୍ତମ ହୋଇପାରିବେ ନାହିଁ, ସେହିଭଳି 'ଶ୍ରୀକ୍ଷେତ୍ର', 'ଧାମ' ଆଦି ନାମ ବହନ ଓ ଧାରଣ କଲେ ସେହି ଅଞ୍ଚଳ ପାବନ ଶଙ୍ଖକ୍ଷେତ୍ର ହୋଇଯିବ ନାହିଁ। ଓଡ଼ିଶା ଓ ଓଡ଼ିଶା ବାହାରେ ଏଭଳି ଅନେକ '...ଶ୍ରୀକ୍ଷେତ୍ର', 'ଆନନ୍ଦବଜାର' ଆଦି ପ୍ରତିଷ୍ଠା ହୋଇଥିଲେ ମଧ୍ୟ ନୀଳାଚଳଧାମ ପ୍ରତି ଜନସମୁଦାୟର ଆବେଗ, ଶ୍ରଦ୍ଧା ଓ ଭକ୍ତିରେ ତିଳେମାତ୍ର ଆଞ୍ଚ ଆସିନାହି, ବରଂ ଶ୍ରୀକ୍ଷେତ୍ର ପୁରୀକୁ ଶ୍ରଦ୍ଧାଳୁଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି। ଦୀଘା 'ଧାମ' ନାମ ଧାରଣ କଲେ ପୁରୀ ତୀର୍ଥାଟନ ଓ ପର୍ଯ୍ୟଟନରେ ମର୍ଯ୍ୟାଦା ଓ ଗୁରୁତ୍ୱ ହରାଇବ ବୋଲି କତିପୟ ବିଭ୍ରାନ୍ତ ମସ୍ତିଷ୍କରୁ ସୃଷ୍ଟି ହୋଇଥିବା ଉଦ୍‌ଭ୍ରାନ୍ତ ଓ ଅବାନ୍ତର ଧାରଣା ହିଁ ବିବାଦକୁ ଜଟିଳ କରୁଛି ଏବଂ ଶ୍ରୀଜଗନ୍ନାଥ ଚେତନାକୁ ସଂକୁଚିତ କରୁଛି। ଏପରିକି ଓଡ଼ିଶାରେ ଏଭଳି ବିତର୍କ ଓ ଆଲୋଚନା ଦ୍ୱାରା ବଙ୍ଗୀୟମାନଙ୍କର ଗୁରୁତ୍ୱ ପରୋକ୍ଷରେ ବଢ଼ୁଛି।

ସ୍ୱତ୍ୱାଧିକାର ପାଇଁ ଆବେଦନ କରିବା ବେଳେ ସେଥିରେ କେଉଁସବୁ ଶବ୍ଦ ରହିବ ତାହା ଏ ପର୍ଯ୍ୟନ୍ତ ସାର୍ବଜନୀନ ହୋଇନାହିଁ। ଯଦି ଶ୍ରୀମନ୍ଦିର ପ୍ରଶାସନ ଏକ ମହତ୍ ଭାବନା ନେଇ ସଂକୀର୍ଣ୍ଣତାରୁ ଊର୍ଦ୍ଧ୍ୱକୁ ଯାଇ ଏଭଳି ଚିନ୍ତା କରିଥିବେ ଏବଂ ବିହିତ ପଦକ୍ଷେପ ନେବେ ତେବେ ତାହାକୁ ଆମେ ସଶ୍ରଦ୍ଧ, ସବିନୟ ଓ ସସମ୍ମାନ ସ୍ୱାଗତ କରୁଛୁ। ତଥାପି କିଛି ଦ୍ୱନ୍ଦ୍ୱ ବିଜଡ଼ିତ ପ୍ରଶ୍ନ ଉତ୍‌ଥାପନ କରିବାର ଧୃଷ୍ଟତା କରୁଛୁ। କୋଟିକୋଟି ଓଡ଼ିଆର ପରମ ଆରାଧ୍ୟ, ଓଡ଼ିଆ ସଂସ୍କୃତିର ନାଭିକେନ୍ଦ୍ର, ଓଡ଼ିଆ ଜାତିର ମୁରବି ବିଶ୍ୱବ୍ରହ୍ମାଣ୍ଡର ନାୟକଙ୍କ ପ୍ରତି ଭକ୍ତି, ଶ୍ରଦ୍ଧା ଓ ଭରସାର ପ୍ରତୀକ ରୂପେ ବିଶ୍ୱର ଅନେକ ଅଞ୍ଚଳରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି ଏବଂ ସେଥିସହିତ ଚାପଖେଳ, ସ୍ନାନପୂର୍ଣ୍ଣିମା, ଛେରାପହଁରା, ମାଉସୀମା', ଆଡ଼ପ ମଣ୍ଡପ, ଅଣସର, ନୀଳାଦ୍ରିବିଜେ, ଅଧରପଣା ଆଦି ନୀତିକାନ୍ତି ପାଳନ ହୋଇଆସୁଛି, ଯାହା ମୂଳତଃ ଶ୍ରୀକ୍ଷେତ୍ର ଶ୍ରୀମନ୍ଦିର ଶ୍ରୀଜଗନ୍ନାଥଙ୍କ ନୀତିକାନ୍ତିରୁ ସୃଷ୍ଟ ଓ ପ୍ରଚଳିତ। ଏହା ଭକ୍ତଙ୍କର ପ୍ରଭୁଙ୍କ ପ୍ରତି ଆତ୍ମୀୟତା ଓ ଭାବାବେଗର ପ୍ରତୀକ। ଯଦି ସ୍ୱତ୍ୱାଧିକାରରେ ଏହିସବୁ ଶବ୍ଦ ସାମିଲ୍ ହୋଇଯାଏ ତେବେ ଭକ୍ତ ଓ ଭଗବାନ ମଧ୍ୟରେ ପ୍ରତିବନ୍ଧକଟିଏ ସୃଷ୍ଟି ହେବ ନାହିଁ କି? ଯଦି କେବଳ ଦୀଘାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର, ଜଗନ୍ନାଥଧାମ, ମହାପ୍ରସାଦ ଭଳି ନିର୍ଦ୍ଦିଷ୍ଟ ଶବ୍ଦକୁ ସ୍ୱତ୍ୱାଧିକାରରେ ସାମିଲ୍ କରିବାକୁ ଯୋଜନା ହୋଇଥାଏ ତାହା କୋଟି ଓଡ଼ିଆର ମଉଡ଼ମଣି ବିଶ୍ୱାତ୍ମାଙ୍କ ଗରିମା ଓ ମହିମା ଦୃଷ୍ଟିରୁ ବୋଧହୁଏ ଶୋଭନୀୟ ହେବ ନାହିଁ ବୋଲି ଆମର ବିନମ୍ର ପରାମର୍ଶ। ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଜଡ଼ିତ ଶବ୍ଦର ସ୍ୱତ୍ୱାଧିକାର କହିବାକୁ ଯେତିକି ସରଳ, ତା'ର ରୂପାୟନ ଓ ପ୍ରଭାବ କାହିଁ କେତେ ଅଧିକ ଜଟିଳ। ତେଣୁ ଏ ସମ୍ପର୍କରେ ବ୍ୟାପକ ଓ ବିସ୍ତୃତ ଆଲୋଚନା ହେବା ଆବଶ୍ୟକ ଏବଂ ପରାମର୍ଶସବୁକୁ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱର ସହିତ ବିଚାର ପାଇଁ ଗ୍ରହଣ କରିବା ମଧ୍ୟ ଜରୁରୀ। ସର୍ବୋପରି ଶଙ୍କରାଚାର୍ଯ୍ୟଙ୍କ ମତାମତ ଏ କ୍ଷେତ୍ରରେ ସର୍ବାଦୌ ଗୁରୁତ୍ୱପୂର୍ଣ୍ଣ ଓ ବାଞ୍ଛନୀୟ।

ଏହି ପୃଷ୍ଠଭୂମିରେ ଆମେ ରଥଯାତ୍ରାକୁ ୟୁନେସ୍କୋର ଅସ୍ପୃଶ୍ୟମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ୍ ବିଷୟ ପୁନଃଉପସ୍ଥାପନ କରିବାକୁ ପ୍ରାସଙ୍ଗିକ ମନେ କରୁଛୁ। ପଶ୍ଚିମବଙ୍ଗ ରସଗୋଲାକୁ ଜିଆଇ ଟ୍ୟାଗ୍ ଦାବି କରି ପ୍ରମାଣପତ୍ର ହାସଲ କରିସାରିବା ପରେ ଆମେ ତତ୍ପର ହେଲୁ; 'ଦୀଘା'କୁ 'ଧାମ' ଘୋଷଣା କରିବା ପରେ ଆମେ ଏବେ ପ୍ରତିକ୍ରିୟାଶୀଳ ହେଉଛୁ। କିନ୍ତୁ ପଶ୍ଚିମବଙ୍ଗର ଦଶହରା ପର୍ବ ପୁରୀ ରଥଯାତ୍ରାଠାରୁ ଅର୍ବାଚୀନ ହେଲେ ମଧ୍ୟ ୟୁନେସ୍କୋର ଏହି ତାଲିକାରେ ସାମିଲ୍ ହୋଇସାରିଛି। ଅଥଚ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଏ ପର୍ଯ୍ୟନ୍ତ ତାଲିକାଭୁକ୍ତ ହୋଇପାରିନାହିଁ କି ଆମେ ସେ ଦିଗରେ ନିଷ୍ଠାବାନ ହୋଇପାରିଲୁ ନାହିଁ। ସଦ୍ୟତମ ଉଦ୍ୟମ ବଳରେ ଆମ ଆବେଦନ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ଷ୍ଟୋରରୁମ୍(ଇନ୍‌ଭେଣ୍ଟ୍ରି ବର୍ଗଭୁକ୍ତ ହୋଇଛି)ରେ ପଡ଼ି ରହିଛି। ଚଳିତ ବର୍ଷ ରଥଯାତ୍ରା ପ୍ରତ୍ୟକ୍ଷ ଦେଖିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ସମେତ ତାଙ୍କ ମନ୍ତ୍ରିପରିଷଦର ବହୁ ସଦସ୍ୟ ଆସୁଥିବା ଚର୍ଚ୍ଚା ହେଉଛି। ଏହି ଅବସରରେ ଦାବି ଓ ସଂକଳ୍ପପତ୍ର ଉପସ୍ଥାପନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ବୈଠକରେ ଆଲୋଚନା ହୋଇଥିଲେ ଓଡ଼ିଶା ପ୍ରତି ହୋଇଆସୁଥିବା ଐତିହାସିକ ଅନ୍ୟାୟ ଓ ଅବହେଳା ଦୂର କରିବାରେ ଯଥୋଚିତ ଓ ସମୟୋପଯୋଗୀ ପଦକ୍ଷେପ ହୋଇଥା'ନ୍ତା। ଡବଲ୍ ଇଞ୍ଜିନ ସରକାରରେ ଏ କାମଟି ହେବାକୁ ବିଳମ୍ବ ହୁଅନ୍ତା ନାହିଁ।

ଆମେ ପୁଣି ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛୁ ଯେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବ୍ୟବସ୍ଥା ଏ ପର୍ଯ୍ୟନ୍ତ ଶୃଙ୍ଖଳିତ ହୋଇପାରିଲା ନାହିଁ। ଧାଡ଼ି ଦର୍ଶନ କେବଳ ଘୋଷଣାରେ ସୀମିତ ରହିଗଲା। ମହାପ୍ରସାଦର ଦର ନିର୍ଦ୍ଧାରଣ ମଧ୍ୟ ଗ୍ରହଣୀୟ ହୋଇପାରିନାହିଁ। ପୁରୀକୁ ଆସୁଥିବା କୋଟିକୋଟି ଶ୍ରୀଜଗନ୍ନାଥ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଏହା ଅଶ୍ୱସ୍ତି ସୃଷ୍ଟି କରୁଛି। ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷା ଏବଂ ତ୍ରୁଟି ସଜାଡ଼ିବାରେ ଅବହେଳାରୁ ସର୍ବସାଧାରଣଙ୍କ ଦୃଷ୍ଟି ଭ୍ରମିତ କରିବା ପାଇଁ ଶବ୍ଦ ସ୍ୱତ୍ୱାଧିକାର ଭଳି ଉଚ୍ଚାଟ ସୃଷ୍ଟିକାରୀ ଘୋଷଣା ହୋଇଥାଇପାରେ ବୋଲି ହେଉଥିବା ଅଭିଯୋଗକୁ ମଧ୍ୟ ଏହି ପୃଷ୍ଠଭୂମିରେ ହଠାତ୍ ହାଲ୍‌କା ଭାବେ ନିଆଯାଇପାରିବ ନାହିଁ।

# ସଂରକ୍ଷଣ ବ୍ୟବସ୍ଥାରେ ଓବିସି-ବିତର୍କ

**ଅଧ୍ୟାପକ ଗୋପବନ୍ଧୁ**

ଭାରତବର୍ଷରେ ଅନୁସୂଚିତ ଜାତି(ଏସସି) ଓ ଅନୁସୂଚିତ ଜନଜାତି(ଏସଟି)ମାନଙ୍କ ପାଇଁ ସଂରକ୍ଷଣ ଲାଗୁହେବା କ୍ଷେତ୍ରରେ କୌଣସି ବିବାଦ ସୃଷ୍ଟି ହୋଇନାହିଁ। କାରଣ ସମ୍ବିଧାନ ପ୍ରସ୍ତୁତି କାଳରେ ଏ ବାବଦକୁ ସମସ୍ତ ବିଧିବିଧାନ ପ୍ରସ୍ତୁତ ହୋଇଯାଇଥିଲା। ଅନ୍ୟପକ୍ଷରେ ଅନ୍ୟାନ୍ୟ ପଛୁଆବର୍ଗ(ଓବିସି) ସଂରକ୍ଷଣକୁ ନେଇ ଅନେକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଆସିଛି। ଏବେବି ବିବାଦର ଅନ୍ତ ହୋଇନାହିଁ। ସମ୍ବିଧାନର ୩୪୦ ଧାରା ଅନୁସାରେ ଏସଟି ଓ ଏସସିମାନଙ୍କ ବାଦେ ଅନ୍ୟ ଯେଉଁ ପଛୁଆ ଜାତି ରହିଛନ୍ତି ସେମାନଙ୍କ ବିକାଶ ପାଇଁ ସରକାର ପଦକ୍ଷେପ ନେଇପାରିବେ। ଏହି ଧାରା ଅନୁସାରେ ତତକାଳୀନ କେନ୍ଦ୍ର ସରକାର ୧୯୫୩ ମସିହାରେ ଏକ ଆୟୋଗ କାକା କାଲେଲକରଙ୍କ ଅଧ୍ୟକ୍ଷତାରେ ବସାଇଥିଲେ। ଆୟୋଗ ୧୯୫୫ ମସିହାରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିଥିଲେ। ଏଥିରେ ସେମାନଙ୍କ ସଂରକ୍ଷଣ ବ୍ୟବସ୍ଥା ସହିତ ଅନେକଗୁଡ଼ିଏ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବାକୁ ସୁପାରିସ କରାଯାଇଥିଲା। କିନ୍ତୁ ତତକାଳୀନ ସରକାର ଏହାକୁ କାର୍ଯ୍ୟକାରୀ କରିନଥିଲେ।

୧୯୭୯ ମସିହାରେ ବି ପି ମଣ୍ଡଳଙ୍କ ଅଧ୍ୟକ୍ଷତାରେ ପୁଣି ଏକ ଆୟୋଗ ଗଠନ ହେଲା। ଏହି ଆୟୋଗ ୧୯୮୦ ମସିହାରେ ତାଙ୍କ ରିପୋର୍ଟ ପ୍ରଦାନ କରିଥିଲେ। ସେଥିରେ ଓବିସିଙ୍କୁ ଚାକିରି ଓ ଶିକ୍ଷା କ୍ଷେତ୍ରରେ ଶତକଡ଼ା ୨୭ ଭାଗ ସଂରକ୍ଷଣ ପ୍ରଦାନ ସହିତ ଅନେକଗୁଡ଼ିଏ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ସୁପାରିସ କରାଯାଇଥିଲା। ସ୍ୱାଧୀନତା ପରେ ଆଉ ଜାତିଭିତ୍ତିକ ଜନଗଣନା ହୋଇନାହିଁ। ତେଣୁ ମଣ୍ଡଳ ଆୟୋଗ ୧୯୩୧ ମସିହାର ଜନଗଣନାକୁ ଭିତ୍ତିକରି ଦେଶରେ ଓବିସିଙ୍କ ସଂଖ୍ୟା ଶତକଡ଼ା ୫୨ ଭାଗ ବୋଲି କହିଥିଲେ। ଯେହେତୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଅନୁଯାୟୀ ସଂରକ୍ଷଣ ସୀମା ୫୦%ରୁ ଅଧିକ ହୋଇପାରିବ ନାହିଁ, ତେଣୁ ଆୟୋଗ ଓବିସି ସଂରକ୍ଷଣକୁ ୨୭% ରେ ସୀମିତ ରଖିଥିଲେ। ଉଲ୍ଲେଖଯୋଗ୍ୟ ଯେ କେନ୍ଦ୍ରରେ ଏସଟି ଓ ଏସସିଙ୍କ ସଂରକ୍ଷଣ ପୂର୍ବରୁ ୨୨.୫% ରହିଛି। ତତ୍କାଳୀନ କେନ୍ଦ୍ର ସରକାର ରିପୋର୍ଟକୁ ଶୀତଳଭଣ୍ଡାରରେ ପକାଇରଖିଲେ।

ନିର୍ବାଚନ ପ୍ରତିଶ୍ରୁତି ମୁତାବକ ମଣ୍ଡଳ ଆୟୋଗ ରିପୋର୍ଟକୁ କାର୍ଯ୍ୟକାରୀ କରିବା ପାଇଁ ୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ବିଶ୍ୱନାଥ ପ୍ରତାପ ସିଂହ ଚାକିରି କ୍ଷେତ୍ରରେ ଓବିସିମାନଙ୍କୁ ୨୭% ସଂରକ୍ଷଣ ପ୍ରଦାନ ପାଇଁ ଘୋଷଣା କରିଥିଲେ। ଏହି ଘୋଷଣା ବିରୁଦ୍ଧରେ ଚାରିଆଡ଼େ ଆନ୍ଦୋଳନ ମୁଣ୍ଡ ଟେକିଲା। ବ୍ୟାପକ ପୋଡ଼ାଜଳା ଓ ଭଙ୍ଗାରୁଜା ହେଲା। ମଣ୍ଡଳ ଆୟୋଗ ସୁପାରିସ କାର୍ଯ୍ୟକାରିତାକୁ ସର୍ବୋଚ୍ଚ ଅଦାଲତରେ ଚ୍ୟାଲେଞ୍ଜ କରାଯିବାରୁ ପ୍ରଧାନମନ୍ତ୍ରୀ ଶ୍ରୀସିଂହଙ୍କ ଘୋଷଣାକୁ ସଙ୍ଗେସଙ୍ଗେ କାର୍ଯ୍ୟକାରୀ କରାଯାଇ ପାରିଲା ନାହିଁ। ୧୯୯୨ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଏହାର ବୈଧତା ଉପରେ ମୋହର ଲଗାଇଥିଲେ। ଏହାପରେ କେବଳ ଚାକିରି କ୍ଷେତ୍ରରେ ଓବିସି ସଂରକ୍ଷଣ ଲାଗୁ ହେଲା। ପୁଣି ୨୦୦୬ ମସିହାରେ ତତ୍କାଳୀନ କେନ୍ଦ୍ର ମାନବସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହ କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନମାନଙ୍କରେ ଓବିସିମାନଙ୍କ ପାଇଁ ୨୭% ସଂରକ୍ଷଣ ନୀତି କାର୍ଯ୍ୟକାରୀ କରିଥିଲେ। ଆରମ୍ଭରୁ ବହୁ ବାଦବିବାଦ ପରେ ପୂର୍ଣ୍ଣ ସୁପାରିସ କର୍ଯ୍ୟକାରୀ ହେଲା ଦୀର୍ଘ ବର୍ଷ ପରେ।

ଓଡ଼ିଶାରେ ମଣ୍ଡଳ ଆୟୋଗ ଚିହ୍ନିତ ଅନ୍ୟାନ୍ୟ ପଛୁଆ ଜାତି ସହିତ ଆଉ କିଛି ଜାତିକୁ ମିଶାଇ 'ଏସଇବିସି' ବା 'ସାମାଜିକ ଭାବେ ଓ ଆର୍ଥିକ ଭାବେ ପଛୁଆ ବର୍ଗ' ନାମରେ ନାମିତ ହେଲା ଏବଂ କେବଳ ଚାକିରି କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ପ୍ରଦାନ କରାଯାଉଥିଲା। ଓଡ଼ିଶାରେ ଏସଟି ଓ ଏସସିଙ୍କ ପାଇଁ ୩୮.୭୫% ସଂରକ୍ଷଣ ରହିଛି। ରାଜ୍ୟରେ ମଧ୍ୟ ସଂରକ୍ଷଣ ସୀମାକୁ ଶତକଡ଼ା ୫୦ ଭାଗରୁ କମ୍ ରଖିବା ପାଇଁ ଏସଇବିସିଙ୍କୁ ଏତିକି ସଂରକ୍ଷଣ ପ୍ରଦାନ କରାଯାଇଛି।

ଏଥିରେ ମଧ୍ୟ ବ୍ୟତିକ୍ରମ ରହିଛି। ତାମିଲନାଡୁରେ ୬୯% ସଂରକ୍ଷଣ ରହିଛି। ସେ ରାଜ୍ୟ ସମ୍ବିଧାନର ନବମ ଅନୁଚ୍ଛେଦର ସାହାରା ନେଇଛି। ଏଠାରେ ସ୍ଥାନିତ କୌଣସି ବିଷୟକୁ ନ୍ୟାୟାଳୟରେ ଚାଲେଞ୍ଜ କରିପାରିବ ନାହିଁ। ବିହାରରେ ସଂରକ୍ଷଣ ସୀମା ୬୫% ହୋଇଛି। ଅବଶ୍ୟ ଏହା ନ୍ୟାୟାଳୟରେ ବିଚାରାଧୀନ ରହିଛି। ଆହୁରି ଅନେକ ରାଜ୍ୟରେ ସଂରକ୍ଷଣ ସୀମା ୫୦%କୁ ଅତିକ୍ରମ କରିଛି। ଦ୍ୱିତୀୟ ବ୍ୟତିକ୍ରମ ହେଉଛି ସାଧାରଣ ବର୍ଗର ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀ(ଇଡବ୍ଲୁଏସ) ପାଇଁ ସଂରକ୍ଷଣ। ଏହା ଲାଗୁହେଲା ପରେ କେନ୍ଦ୍ର ଓ ରାଜ୍ୟରେ ସଂରକ୍ଷଣ ସୀମା ପାଖାପାଖି ୬୦%ରେ ପହଞ୍ଚିଛି। ଏବେ ସର୍ବୋଚ୍ଚ ନ୍ୟାୟାଳୟ ଇଡବ୍ଲୁଏସ୍ ସଂରକ୍ଷଣକୁ ଯାଥାର୍ଥ ବୋଲି ରାୟ ଦେଇଛନ୍ତି, ଯଦିଓ ସଂରକ୍ଷଣ ସୀମା ୫୦% ଅତିକ୍ରମ କରିଯାଇଛି।

ଅର୍ଥନୈତିକ ଭାବେ ଦୁର୍ବଳ ଶ୍ରେଣୀ ବା ଇଡବ୍ଲୁଏସ ପାଇଁ ଯେଉଁ ୧୦% ସଂରକ୍ଷଣ ଦିଆଯାଇଛି ତାହା ଅଗ୍ରସର ଜାତି ବର୍ଗର ଗରିବ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଅର୍ଥାତ୍ ଏସଟି, ଏସସି ଓ ଓବିସିଙ୍କୁ ଛାଡ଼ି ଅନ୍ୟ ଯେଉଁମାନେ ରହିଲେ, ଯାହାଙ୍କ ରୋଜଗାର ବାର୍ଷିକ ଆଠ ଲକ୍ଷ ଟଙ୍କାରୁ କମ୍, ସେମାନେ ଏହି ସୁବିଧା ପାଇବେ। ଉଲ୍ଲେଖନୀୟ ଯେ ଏହିପ୍ରକାର ସଂରକ୍ଷଣ ପାଇଁ କୌଣସି ଆନ୍ଦୋଳନ ହୋଇନାହିଁ। ଦେଶରେ ରାଜନୈତିକ ହଟଚମଟ ସୃଷ୍ଟି ହୋଇନାହିଁ। ମଝିରେ ମଝିରେ କାଁଭାଁ କେତେକ ନେତା ଏହାର ସପକ୍ଷରେ ଯୁକ୍ତି ଉପସ୍ଥାପନ କରୁଥିଲେ। ଅଳ୍ପସମୟ ମଧ୍ୟରେ ବିନା ବିତର୍କରେ ଏହା ସଂସଦରେ ଗୃହୀତ ହୋଇଛି। ଏହାକୁ ନେଇ ସଂସଦରେ କିମ୍ବା ସଂସଦ ବାହାରେ ବିରୋଧ ମଧ୍ୟ ହୋଇନାହିଁ। ସର୍ବୋଚ୍ଚ ନ୍ୟାୟାଳୟ ଏହି ସଂରକ୍ଷଣକୁ ବୈଧ ବୋଲି ଘୋଷଣା କଲା ବେଳେ ଅଗ୍ରସର ବର୍ଗର ଜନଗଣନା ଅନୁଯାୟୀ ଲୋକସଂଖ୍ୟା କେତେ, ତାଙ୍କ ଭିତରେ କେତେ ଗରିବ ଅଛନ୍ତି, ତାହାର ପରିସଂଖ୍ୟାନ ମାଗିନାହାନ୍ତି। ଏପରିକି ମଣ୍ଡଳ ଆୟୋଗ ରିପୋର୍ଟର କାର୍ଯ୍ୟକାରିତାକୁ ବୈଧ ବୋଲି ଘୋଷଣା କଲା ବେଳେ ମଧ୍ୟ ଓବିସିମାନଙ୍କ ଜନଗଣନା ଆଧାରିତ ସ୍ୱାଧୀନତା ପରବର୍ତ୍ତୀ ପରିସଂଖ୍ୟାନ ମାଗିନାହାନ୍ତି। କିନ୍ତୁ ଏବେ ସର୍ବୋଚ୍ଚ ନ୍ୟାୟାଳୟ ଓବିସିଙ୍କ କ୍ଷେତ୍ରରେ ଜନସଂଖ୍ୟାର ହିସାବ ଓ ସ୍ଥିତିଗତ ପରିସଂଖ୍ୟାନ ମାଗିଛନ୍ତି।

କେତେକ ରାଜନୈତିକ ଦଳ ଓ ବ୍ୟକ୍ତିବିଶେଷ ସଂରକ୍ଷଣକୁ ୫୦%ରେ ସୀମିତ କରିଥିବା ପ୍ରତିବନ୍ଧକକୁ ଉଠାଇବା ପାଇଁ ମତବ୍ୟକ୍ତ କରିଆସିଛନ୍ତି। ଏବେ ସର୍ବୋଚ୍ଚ ନ୍ୟାୟାଳୟ ଇଡବ୍ଲୁଏସ ସଂରକ୍ଷଣକୁ ବୈଧ ଘୋଷଣା କଲାପରେ ଏ ପ୍ରତିବନ୍ଧକ ଆପେ ଉଠିଯାଇଛି ବୋଲି ଚର୍ଚ୍ଚା ହେଉଛି। କାରଣ ଅଧିକାଂଶ ରାଜ୍ୟରେ ସଂରକ୍ଷଣସୀମା ୬୦%କୁ ଛୁଇଁଛି। ତେବେ ଏହାଉପରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟୀକରଣର ଆବଶ୍ୟକତା ରହିଛି। ଅନେକ ରାଜ୍ୟ ଏବେ ତାମିଲନାଡୁ ତୁଲ୍ୟ ସମ୍ବିଧାନର ନବମ ଅନୁଚ୍ଛେଦର ସାହାରା ନେବାକୁ ବାହାରିଛନ୍ତି। ଝାଡ଼ଖଣ୍ଡରେ ଓବିସି ସଂରକ୍ଷଣକୁ ୧୪% ରୁ ୨୭%କୁ ବୃଦ୍ଧି କରିବା ପାଇଁ ଏବଂ ମୋଟ ସଂରକ୍ଷଣ ହାର ୭୭% କରିବା ପାଇଁ ସମ୍ପୃକ୍ତ ରାଜ୍ୟର କ୍ୟାବିନେଟ ମଞ୍ଜୁରି ଦେଇଛନ୍ତି। ଛତିଶଗଡ଼ ପାଦେ ଆଗେଇ ବିଭିନ୍ନ ବର୍ଗକୁ ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ପ୍ରଦାନ ପାଇଁ ପଦକ୍ଷେପ ନେଉଛି। ସେଠାରେ ମଧ୍ୟ ଓବିସି ସଂରକ୍ଷଣ ୧୪%ରୁ ୨୭% କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆହୁରି ଅନେକ ରାଜ୍ୟ ସମାନ ପ୍ରକ୍ରିୟାରେ ରହିଛନ୍ତି।

ଓଡ଼ିଶାରେ ମଧ୍ୟ ଏସଇବିସିଙ୍କ ପାଇଁ ସଂରକ୍ଷଣ ସୀମା ୧୧.୨୫%ରୁ ବଢ଼ାଇ ଉଭୟ ଚାକିରି ଓ ଶିକ୍ଷା କ୍ଷେତ୍ରରେ ୨୭% କରିବା ପାଇଁ ଦାବି ହେଉଛି। ୨୦୦୮ ମସିହାରେ ଓଡ଼ିଶା ସରକାର ଏହି ବର୍ଗ ପାଇଁ ୨୭% ସଂରକ୍ଷଣ ଘୋଷଣା କରିଥିଲେ। ତାହା ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ନିର୍ଦ୍ଧାରିତ ସଂରକ୍ଷଣ ସୀମା ଅନୁସାରେ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ରାଜ୍ୟ ସରକାର ମଧ୍ୟ ଏ ବିଷୟରେ ପଦକ୍ଷେପ ନେବାକୁ ଦାବି ହେଉଛି ଯେ ବର୍ଦ୍ଧିତ ସଂରକ୍ଷଣକୁ ନବମ ଅନୁଚ୍ଛେଦରେ ସ୍ଥାନିତ କରିବା ପାଇଁ। ଗତ ରାଜ୍ୟ ସରକାର ଏସଇବିସିଙ୍କ ସର୍ବେକ୍ଷଣ କରାଇଛନ୍ତି। ବର୍ତ୍ତମାନ ସୁଦ୍ଧା ଓବିସିଙ୍କୁ ୨୭% ସଂରକ୍ଷଣ ଦେବା ପାଇଁ ରାଜ୍ୟର ଆଭିମୁଖ୍ୟ କ'ଣ ତାହା ସ୍ପଷ୍ଟ ହୋଇନାହିଁ। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏସଇବିସି ମାନଙ୍କ ପାଇଁ ସାଧାରଣ ଉଚ୍ଚଶିକ୍ଷାରେ ୧୧.୨୫% ସଂରକ୍ଷଣ ଦିଆଯିବ ବୋଲି ଘୋଷଣା କରିଛନ୍ତି। ଏହା କିନ୍ତୁ ଡାକ୍ତରୀ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାରେ ଲାଗୁ ହେବ ନାହିଁ ବୋଲି ଜଣାପଡ଼ିଛି। ଯେଉଁଠାରେ ସଂରକ୍ଷଣର ଆବଶ୍ୟକତା ଅଧିକ ରହିଛି ସେଠାରେ ଦିଆଯାଉ ନାହିଁ। ଆଶା କରାଯାଉଛି ଖୁବ୍ ଶୀଘ୍ର ଏସମସ୍ତ କ୍ଷେତ୍ରରେ ମଧ୍ୟ ସଂରକ୍ଷଣ ସୁବିଧା ପ୍ରଦାନ କରାଯିବ। ଅନ୍ୟପଟେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଓବିସି/ଏସଇବିସିଙ୍କୁ ଜନସଂଖ୍ୟା ଅନୁସାରେ ସଂରକ୍ଷଣ ପ୍ରଦାନ ପାଇଁ ଦାବି ଜୋର୍ ଧରୁଛି। ତେଣୁ ଯାହା ଜଣାପଡୁଛି ଓବିସି ସଂରକ୍ଷଣକୁ ନେଇ ଉଭୟ କେନ୍ଦ୍ର ଓ ରାଜ୍ୟରେ ଆହୁରି ଅନେକ କିଛି ହେବାକୁ ବାକି ଅଛି।

ବାରିପଦା, ମୋ: ୭୦୦୮ ୯୭୬୧୮୦

# ଚାର୍ବାକ ଦର୍ଶନ ଓ ସୁଖବାଦ

**ସରୋଜ କାନ୍ତ ଚୌଧୁରୀ**

ତୁମେ ଯେତେଦିନ ଦୁନିଆରେ ଦେହ ଧରି ରହିଛ, ସେତେଦିନ ଭଲରେ ରୁହ। ଆନନ୍ଦ ଉଲ୍ଲାସରେ କାଳାତିପାତ କର। ଋଣ କର ପଛେ ଘିଅ ମହୁରେ ଅର୍ଥାତ୍ ଖୁବ୍ ସୁଖମୟ ଜୀବନ ଯାପନ କର(ଋଣଂ କୃତ୍ୱା ଘୃତମ୍ ପିବେତ୍, ଯାବତ୍ ଜିବେତ୍ ସୁଖମ ଜିବେତ୍)। ଭସ୍ମୀଭୂତସ୍ୟ ଦେହସ୍ୟ - ଏହି ଦେହ ଚିତାରେ ଭସ୍ମ ହୋଇଯିବ, କିଛି ବି ରହିବ ନାହିଁ। ଆତ୍ମା ରହିଥାଏ ବୋଲି କିଛି ପ୍ରମାଣ ନାହିଁ। ପୁନରାଗମନ କୁତଃ - ଏହି ଶରୀର ଫେରିବ ନାହିଁ, ପୁନର୍ଜନ୍ମର କୌଣସି ପ୍ରମାଣ ନାହିଁ। - ଏହିସବୁ ହେଉଛି ଚାର୍ବାକ ଦର୍ଶନର ସାଧାରଣରେ ବୁଝିବା ଭଳି ନିୟମ ସବୁ। ଯଦିଓ ପରମ୍ପରା ବା ପ୍ରଥା ଭଙ୍ଗକାରୀ ଏଭଳି ଭାରତୀୟ ଦର୍ଶନର ଗଭୀରତା ଏବଂ ସର୍ବବ୍ୟାପକତା ଅଧିକ ବିଶ୍ଳେଷଣ ଆବଶ୍ୟକ କରେ।

ଏ ବିଷୟରେ ଅଧିକ ଆଲୋଚନା ପୂର୍ବରୁ ସୁଖବାଦ କ'ଣ ପ୍ରକୃତରେ ତାହା ବୁଝିବା ଆବଶ୍ୟକ। ସୁଖବାଦ ହେଉଛି ଏକ ନୈତିକ ସିଦ୍ଧାନ୍ତ, ଯାହାଦ୍ୱାରା ପ୍ରତିପାଦିତ କରାଯାଇଛି ଯେ କାମନାର ସନ୍ତୁଷ୍ଟିକରଣ ମାନବ ଜୀବନର ଉଚ୍ଚତମ ନିର୍ଯାସ ଏବଂ ପ୍ରକୃତ ଲକ୍ଷ୍ୟ। ପ୍ରାୟ ସମସ୍ତ ପ୍ରାଚୀନ ଭାରତୀୟ ଦର୍ଶନ ଈଶ୍ୱରଙ୍କ ବିଦ୍ୟମାନତା ଏବଂ ମଣିଷର ଆତ୍ମା ଉପରେ ବିଶ୍ୱାସ କରିଥା'ନ୍ତି କେବଳ ଏହି ଦାର୍ଶନିକ ତତ୍ତ୍ୱ ବ୍ୟତୀତ। ଏହି ତତ୍ତ୍ୱ କହିବାକୁ ଗଲେ ଏକ ନାସ୍ତିକ ବସ୍ତୁବାଦୀ ଜୀବନ ଦର୍ଶନ। ଏହାର ଅନୁଗାମୀମାନଙ୍କ ମତରେ କୌଣସି ବସ୍ତୁ ଯଦି ମଣିଷର ଭୌତିକ ଅନୁଭବରେ ନ ଆସିଛି, ତାହାର ସ୍ଥିତି ନାହିଁ। ତେଣୁ ଈଶ୍ୱର, ଆତ୍ମା ଓ ପୁନର୍ଜନ୍ମ - ଏହାସବୁ ଭ୍ରାନ୍ତଧାରଣା। ଏହି ଜୀବନ ଦର୍ଶନ ଚାର୍ବାକ୍ ନାମକ ଜଣେ ବୈଦିକ ଭାରତର ଋଷିଙ୍କ ଦ୍ୱାରା ରଚିତ ହୋଇଥିବାର ବିଶ୍ୱାସ କରାଯାଏ। ଅନ୍ୟ କେତେକ ଐତିହାସିକଙ୍କ ମତରେ ଋଷି ବୃହସ୍ପତି ହେଉଛନ୍ତି ଏହାର ପ୍ରାରମ୍ଭିକ ମତବାଦୀ ଏବଂ ଚାର୍ବାକ୍ ତାଙ୍କର ସବୁଠାରୁ ଜଣାଶୁଣା ଶିଷ୍ୟ।

ନୀତି ବା ମାନ ନିର୍ଦ୍ଧାରିତ ସୁଖବାଦ ଦାବି କରିଥାଏ ଯେ ଜୀବନରେ ସୁଖର ହିଁ ମୂଲ୍ୟ ଥାଏ, ଅସନ୍ତୋଷ ବା ଦୁଃଖ ମୂଲ୍ୟହୀନ। ଏ ସମ୍ବନ୍ଧରେ ବିଖ୍ୟାତ ବ୍ରିଟିଶ ଦାର୍ଶନିକ ଏବଂ ଆଇନ ସଂସ୍କାରକ ଜର୍ମି ବେଂଥାମ୍‌ଙ୍କ ମତ ପ୍ରଣିଧାନଯୋଗ୍ୟ। ସେ ନୈତିକ ଓ ମନସ୍ତାତ୍ତ୍ୱିକ ସୁଖବାଦକୁ ନେଇ କହନ୍ତି ଯେ ପ୍ରକୃତି ମାନବ ସମାଜକୁ ଦୁଇଟି ସାର୍ବଭୌମ ଶାସକ ଯଥା ଯନ୍ତ୍ରଣା ଓ ଆନନ୍ଦ ତତ୍ତ୍ୱାବଧାନରେ ନିୟନ୍ତ୍ରିତ ହେବାକୁ ବ୍ୟବସ୍ଥା କରିଛି। ସେମାନେ ହିଁ କେବଳ ସୂଚାଇବେ ଆମେ କ'ଣ କରିବା ଉଚିତ୍ ଏବଂ ସ୍ଥିର କରିବେ ଆମେ ପରବର୍ତ୍ତୀ ସମୟରେ କ'ଣ କରିବୁ। ସୁତରାଂ ଜୀବନ ନିର୍ବାହରେ ସୁଖବାଦ କେବଳ ଚାର୍ବାକ୍ ବିଚାରଧାରାର ନୀତି ନୁହେଁ, ବରଂ ଏ ବିଷୟରେ ବିଶ୍ୱର ଅନେକ ଦାର୍ଶନିକ ତାଙ୍କର ବିଚାର ବ୍ୟକ୍ତ କରିଥିବା ଦେଖାଯାଇଛି। ଚାର୍ବାକଙ୍କ ଭଳି ଗ୍ରୀକ୍ ଦାର୍ଶନିକ ଏପିକ୍ୟୁରସ୍ ମଧ୍ୟ ଶାନ୍ତି ସହ ମଧ୍ୟମ ଧରଣର ସୁଖ ବା ଆନନ୍ଦ ଆଧାରିତ ଜୀବନ ନିର୍ବାହ ଉପରେ ନିଜର ମତ ସ୍ପଷ୍ଟ କରିଛନ୍ତି।

ଜଣେ ଅନଭିଜ୍ଞ ମଣିଷ ପାଇଁ ହୁଏତ ଚାର୍ବାକ ବିଚାରଧାରାରେ କିଛିମାତ୍ରାରେ ଇନ୍ଦ୍ରିୟ ସମ୍ଭୋଗ ଅଭିଳାଷ, ଦୈହିକ, ଏପରିକି ପାଶବିକ ଲାଳସା ଅଧିକ ଗୁରୁତ୍ୱ ବହନ କରୁଥିବା ଜଣାପଡ଼ିପାରେ। କିନ୍ତୁ ଏହା ଚରମ ବାସ୍ତବ ଏକ ନିଗୂଢ଼ ଦର୍ଶନର ବୁଝାମଣା ଯେ ମଣିଷ ସେ ସବୁ ଆଶା ମନକୁ ଆଣିବା କଥା ନୁହେଁ, ଯାହା ତାଙ୍କ ପାଇଁ ସ୍ୱାଭାବିକ ଭାବେ ଦରକାରକୁ ଆସିବ ନାହିଁ। ଅଧିକାଂଶ ଲୋକ, ବିଶେଷକରି ବର୍ତ୍ତମାନର ପ୍ରତିଯୋଗିତାମୂଳକ ବସ୍ତୁବାଦୀ ବ୍ୟବସ୍ଥାରେ, ବହୁ ସାମଗ୍ରୀ ପାଇଁ ଇଚ୍ଛା କରନ୍ତି, ଯାହା ତାଙ୍କ ପାଇଁ ବାସ୍ତବପକ୍ଷେ ଆବଶ୍ୟକ ହୁଏ ନାହିଁ। 'ଆକାଶ କଇଁଆ ଚିଲିକା ମାଛ' ଭଳି ଆଶା ପଛରେ ଧାଇଁ ଧାଇଁ ବିଚରା ଆଧୁନିକ ମଣିଷ ସ୍ୱଚ୍ଛ ସରଳ ଆନନ୍ଦକୁ ହରାଇ ଦୁଃଖୀ ହେଉପଡୁଛି। ଏକ ଲୋକପ୍ରିୟ ଉର୍ଦ୍ଦୁ କବିତାରେ ଯେମିତି କୁହାଯାଇଛି 'ନା ଖୁଦା ହିଁ ମିଲା, ନଁ ଭିଶାଲ୍ - ଏ-ସନମ୍, ନା ଇଧର୍ କେ ରହେ, ନା ଉଧର କେ ହମ୍(ନା ମୁଁ ଭଗବାନଙ୍କୁ ଜାଣିଲି, ନା ପାଇଲି ମୋ ପ୍ରେମିକାର ସଂସର୍ଗ। ମୁଁ ଦୁଇ ପଟରେ ବ୍ୟର୍ଥ, ଅସଫଳ)।

ଚରକ ପ୍ରଦତ୍ତ ସୁଖବାଦର ମାନବ ହିତୈଷୀ ବା ପ୍ରେରଣାଦାୟୀ ଝଲକ ମଧ୍ୟ ଲକ୍ଷ୍ୟ କରାଯାଇପାରେ। ଏହି ଜୀବନ ଦର୍ଶନ ବିଶ୍ୱାସ କରିଥାଏ ମଣିଷର ଏକ ଆନନ୍ଦମୟ ସ୍ଥିତି ବର୍ତ୍ତମାନର ପରିପ୍ରେକ୍ଷୀରେ, ଅଯଥା ଆଗାମୀ ପାଇଁ ନ ଭାବି। ବ୍ୟକ୍ତିଗତ ଆନନ୍ଦ ସାର୍ବଜନୀନ ଆନନ୍ଦକୁ ବାଟ ଫିଟାଇଥାଏ। ସମସ୍ୟାବହୁଳ ସଂସାରରେ କେହି ସଂପୂର୍ଣ୍ଣଭାବରେ ସୁଖୀ ନୁହନ୍ତି। ଅଧିକାଂଶ ନିରବଚ୍ଛିନ୍ନ ଭାବେ ଚାପରେ ରହିଥା'ନ୍ତି। କେତେବେଳେ କାହା ପାଇଁ ଆନନ୍ଦର ମୁହୂର୍ତ୍ତ ଆସି ନିରବରେ ଚାଲିଯାଏ, ଜଣାପଡ଼େ ନାହିଁ। ବିଶେଷକରି ଜୀବନର ଶେଷ ପର୍ଯ୍ୟାୟରେ ଏହା ହିଁ ସମସ୍ତଙ୍କ ପାଇଁ ସାର୍ବଜନୀନ ସତ୍ୟ। ଚାର୍ବାକ ପରାମର୍ଶ ଦିଅନ୍ତି- ସ୍ୱାଭାବିକ ଆନନ୍ଦ ବା ସୁଖର ଧାରାକୁ ପ୍ରତିରୋଧ ବା ପ୍ରତିବାଦ କରା ନ ଯାଉ। କାରଣ ଯନ୍ତ୍ରଣା ପରିପୂର୍ଣ୍ଣ ଜୀବନ ନାଟକରେ ଏହା ଯେମିତି କଦାଚିତ୍ ଆସୁଥିବା ଦୃଶ୍ୟ। ଅତଏବ ଜୀବନକୁ ସଂପୂର୍ଣ୍ଣ ଭାବେ ଉପଭୋଗ କରାଯାଉ ଏବଂ ସମସ୍ତ ଉତ୍ତମ ସାମଗ୍ରୀ ଓ ପରିସ୍ଥିତିକୁ ସ୍ୱାଗତ କରାଯାଉ। ସାକରାତ୍ମକ ମନୋଭାବର ଏହା ପରିପ୍ରକାଶ। ସବୁକଥାରେ ପ୍ରମାଣ ଖୋଜୁଥିବା ଏହି ଦର୍ଶନ କହିବାକୁ ଗଲେ ବିଜ୍ଞାନ ସମ୍ମତ ଏବଂ ହେତୁବାଦୀ।

ସାମାଜିକ ଜୀବନ ଏବେ ଜଟିଳତା ଓ ଦ୍ୱନ୍ଦ୍ୱ ମଧ୍ୟରେ ଦ୍ୱିଧାଗ୍ରସ୍ତ। ଏଠି ଆମେ ସବୁ ଆତ୍ମିକ ଚେତନାରେ ଅସନ୍ତୁଷ୍ଟ ଏବଂ ମୁଖମଣ୍ଡଳ ଆମର ସଦା ଅପ୍ରସନ୍ନ। କାରଣ ଆମେ ନୈତିକତାର ପ୍ରହେଳିକା ଯଥା ଭଲ, ମନ୍ଦ, ନୈତିକ ଓ ଅନୈତିକର ଦ୍ୱିବିଧା ମଧ୍ୟରେ ସଦା ପ୍ରପୀଡ଼ିତ। ସ୍ୱଷ୍ଟ ଉତ୍‌ଫୁଲ୍ଲତା ବା ସତେଜତା ଆମ ଜୀବନରୁ ଏବେ ହଜିଯାଉଛି ଯେତେବେଳେ, ଆଶା କରାଯାଏ ଚାର୍ବାକଙ୍କ ସୁଖବାଦୀ ଜୀବନ ନିର୍ବାହର ନୀତି ଫେରାଇ ଆଣିପାରିବ ମଣିଷ ମନରୁ ଚାଲି ଯାଇଥିବା ପ୍ରଫୁଲ୍ଲତାର ମହକ। ମନେ ରଖିବା କଥା ଚାର୍ବାକଙ୍କ ସୁଖବାଦ ଇଚ୍ଛାନୁସାରେ ନୈତିକ ଧାର୍ମିକ ଓ ସାମାଜିକ ନିୟମ ସବୁକୁ ଅଣଦେଖା କରୁଥିବା ବୋହେମିଆନିଇଜିମ୍ ନୁହେଁ। ନୁହେଁ ମଧ୍ୟ ନାସ୍ତିବାଦୀ। ଏହା ସାର୍ବଜନୀନ ବା ସର୍ବବ୍ୟାପକ ସୁଖ ପାଇଁ ଅସ୍ତିତ୍ୱବାଦୀ ଔଷଧାମୃତ କହିଲେ ଅତ୍ୟୁକ୍ତି ହେବ ନାହିଁ।

କଟକ, ମୋ: ୯୪୩୭୩୬୦୯୮୧

# ମହାଲକ୍ଷ୍ମୀଙ୍କ ସ୍ୱତନ୍ତ୍ର ମନ୍ଦିର

**ସ୍ୱପ୍ନେଶ୍ୱର**

ଲୋକକଥାରେ ଲୋକଦେବତା

ବଡ଼ବାଡ଼ ସାଆନ୍ତଙ୍କୁ ଗତ କିଛିଦିନ ହେଲା ଭଲ ନିଦ ହେଉ ନ ଥିଲା। କାଦମ୍ବରୀର ଅନୁପାନ ଯେ ବଢ଼େଇ ଦେଇ ନ ଥିଲେ ସେ କଥା ନୁହେଁ। ତଥାପି ବଡ଼ଠାକୁର ସୁଖନିଦ୍ରା ଯାଇ ପାରୁ ନ ଥିଲେ। ଦିନସାରା କାଳିଆର ଭକ୍ତମାନେ ଏମିତି ଗହଳି ଲଗେଇଛନ୍ତି ଯେ ଟିକିଏ ହେଲେ ବିଶ୍ରାମ ନ ଥିଲା। ରାତିରେ ଟିକିଏ ଛାଇ ନିଦ ଆସି ଥିବ କି ନାହିଁ କାଳିଆର ଶ୍ୱଶୁର ବରୁଣ ଦେବଙ୍କ ଗର୍ଜନରେ ଘଡ଼ିଏ ଶୋଇବା ସମ୍ଭବ ହେଉ ନ ଥିଲା। କାଳିଆକୁ କହି କିଛିଗୋଟେ ନ କଲେ ଏଠି ଶାନ୍ତିରେ ରହିବା ସମ୍ଭବ ନୁହେଁ। ଏହା ଭାବି ବଡ଼ଠାକୁର ଦିନେ ସକାଳୁ ସକାଳୁ ଶ୍ରୀଜଗନ୍ନାଥଙ୍କୁ ଡାକ ଛାଡ଼ିଲେ। ମହାପ୍ରଭୁ ପ୍ରଥମରୁ ଜାଣିଗଲେ ଯେ କିଛି ଗୋଟେ ଗୋଳମାଳ ଅଛି। ନ ହେଲେ ସକାଳୁ ସକାଳୁ ଏମିତି ଗର୍ଜନ କାହିଁକି? ସେ ଜାଣିଥିଲେ ବଡ଼ଭାଇ ରକ୍ଷଣଶୀଳ ଓ କ୍ଷଣ କୋପୀ। କିନ୍ତୁ ସରଳ ଓ ସ୍ନେହୀ। ମହାପ୍ରଭୁ ବଡ଼ଭାଇଙ୍କ ପାଖରେ ପହଞ୍ଚି ପଚାରିଲେ- 'ଭାଇ! କ'ଣ କିଛି ଅସୁବିଧା ହେଲା କି?' ବଳଭଦ୍ର ଅସନ୍ତୋଷ ଓ ରୋଷଭରା କଣ୍ଠରେ କହିଲେ- 'ପୁଣି ପଚାରୁଛୁ ଅସୁବିଧା କ'ଣ? ଦିନ ବେଳେ ତୋ ଭକ୍ତ, ରାତିରେ ତୋ ଶ୍ୱଶୁର। ତୋରି ଲାଗି ମଣିଷ ଟିକିଏ ଶାନ୍ତିରେ ଶୋଇ ପାରୁନି।' କ୍ରୋଧ, କାଦମ୍ବରୀ ଓ ଅନିଦ୍ରା ଯୋଗୁଁ ବଳଭଦ୍ରଙ୍କ ଆଖିଦୁଇଟା ଲାଲ ପଡ଼ିଯାଇଥିଲା। ଜଗନ୍ନାଥ ବଡ଼ଭାଇଙ୍କ ଆଖି ଆଗରୁ ମୁହଁ ଲୁଚେଇ ଟିକିଏ ହସିଲେ ଓ ପଚାରିଲେ- 'ତା' ହେଲେ କ'ଣ କରିବା ଭାଇ କୁହ। ଭକ୍ତମାନଙ୍କୁ ଆସିବାକୁ ମନା କରିଦେବା?' ତହୁଁ ବଡ଼ଭାଇ କହିଲେ- 'ମୋତେ ଚାଲାକି ଦେଖୋଉଛୁ? ଆରେ ଭକ୍ତମାନେ ନ ଆସିଲେ ତୋର ପରମାତ୍ମାପଣିଆ ଆସିବ କୋଉଠୁ? ଆଉ ତୁଳସୀ ଯୋଗୁଁ କାନିଶିରୀ ପାଣି ପାଇଲା ପରି ତୋ ଲାଗି ମୋତେ ବି ଭକ୍ତମାନଙ୍କଠାରୁ କିଛି ଖାତିର ମିଳି ଯାଉଛି। ବରଂ ତୋ ଶ୍ୱଶୁରଙ୍କୁ କହି ତାଙ୍କ ଗର୍ଜନ ବନ୍ଦ କର।' ଜଗନ୍ନାଥ କହିଲେ- 'ଭାଇ! ଶ୍ୱଶୁର ବାପାଙ୍କ ସମାନ। ତାଙ୍କୁ ଆମେ ଏ ସବୁ କଥା କହିଲେ ସେ ଖରାପ ଭାବିବେନି?' ବଡ଼ଠାକୁର ଆହୁରି ରାଗି କହିଲେ- 'ତୁ ଡରୁକୁଳା ଯେବେ ଶ୍ୱଶୁରଙ୍କୁ ଏ କଥା କହି ପାରିବୁ ନାହିଁ ବୋଲି ଭାବୁଛୁ, ତା' ହେଲେ ଲକ୍ଷ୍ମୀଙ୍କୁ କହ। ସେ ତାଙ୍କ ବାପାଙ୍କୁ କହି ତାଙ୍କର ଗର୍ଜନ ବନ୍ଦ କରନ୍ତୁ, ନ ହେଲେ ତାଙ୍କର ମୋ ଦେଉଳରେ ସ୍ଥାନ ନାହିଁ।'

ମହାପ୍ରଭୁ ଲକ୍ଷ୍ମୀଙ୍କ ପାଖକୁ ଯାଇ ସବୁ କଥା କହିବା ପରେ ମା'ଲକ୍ଷ୍ମୀ ଅଭିମାନରେ ବାପଘରକୁ ଚାଲିଗଲେ। ରାଜା ବରୁଣ ଝିଅକୁ ଦେଖି ଖୁସି ହେଲେ ମଧ୍ୟ ବିନା ଖବରରେ ହଠାତ୍ ଆସିଥିବାରୁ କୁଶଳ ମଙ୍ଗଳ ପଚାରିଲେ। ଲକ୍ଷ୍ମୀ କହିଲେ- 'ଆପଣଙ୍କ ଗର୍ଜନ ଯୋଗୁଁ ମୋ ଦେଢ଼ଶୁର ରାତିରେ ଶୋଇ ପାରୁନାହାନ୍ତି। ତେଣୁ ଆପଣଙ୍କର ଗର୍ଜନ ବନ୍ଦ କରିବା ପାଇଁ ସେ ମୋତେ ପଠେଇଛନ୍ତି। ତା' ନ ହେଲେ ବଡ଼ ଦେଉଳରେ ମୋର ସ୍ଥାନ ନାହିଁ।' କନ୍ୟାଙ୍କୁ ବୁଝାଇବାକୁ ଯାଇ ବରୁଣ କହିଲେ- 'ମାଆ! ଦେବୀ ଗଙ୍ଗା ଯେତେବେଳେ ହିମାଳୟରୁ ସମତଳକୁ ଅବତରଣ କରନ୍ତି ସେତେବେଳେ ଭୀଷଣ ଶବ୍ଦ ସୃଷ୍ଟି ହୁଏ। ଜଗନ୍ନାଥ ବଳଭଦ୍ର ଦୁଇଭାଇ ଯେତେବେଳେ ରଥ ଆରୋହଣ କରି ବଡ଼ଦାଣ୍ଡରେ ଯାତ୍ରା କରନ୍ତି ସେତେବେଳେ ମଧ୍ୟ ରଥ ଘୋର ଘର୍ଘର ଶବ୍ଦ ସୃଷ୍ଟି କରେ। ଏହା ସ୍ୱାଭାବିକ। ଠିକ ସେହିପରି ମୋ ବକ୍ଷରେ ତରଙ୍ଗ ସୃଷ୍ଟି ହେଲେ ସଙ୍ଗୀତ ସୃଷ୍ଟି ହୁଏ। ସମୁଦ୍ର ତଟବାସୀ ରାତିରେ ସେ ସଙ୍ଗୀତ ନ ଶୁଣିଲେ ଶୋଇପାରନ୍ତି ନାହିଁ। ତେଣୁ ସଙ୍ଗୀତ କୁହାଯାଉ ବା ଗର୍ଜନ, ବନ୍ଦ କରିବା ସମ୍ଭବ ନୁହେଁ। କାରଣ ତାହା ଅନ୍ତର୍ନିହିତ। କିନ୍ତୁ ମୁଁ ମାଆ ତୋତେ କଥା ଦେଉଛି ଯେ ଆଜିଠାରୁ ମୋର ସେ ଲହଡ଼ିର ଶବ୍ଦ ଶ୍ରୀମନ୍ଦିରକୁ ଶୁଣାଯିବ ନାହିଁ। କିନ୍ତୁ ତୁ ସାଗରରାଜ ବରୁଣଙ୍କ କନ୍ୟା। ଆମର ମାନସମ୍ମାନ ବୋଲି କିଛି ଗୋଟେ ଅଛି ତ। ବଳଭଦ୍ରଙ୍କ କହିବାନୁସାରେ ତୁ ଆଉ ବଡ଼ ଦେଉଳରେ ରହିବୁ ନାହିଁ। ମନ୍ଦିର ପରିସରର ଉତ୍ତର-ପଶ୍ଚିମ କୋଣରେ ତୋ ପାଇଁ ମୁଁ ସ୍ୱତନ୍ତ୍ର ମନ୍ଦିର ନିର୍ମାଣ କରିଦେବି। ତୁ ସେ ମନ୍ଦିରରେ ରହିବୁ। ସବୁ ଗୁରୁବାର ଦିନ ତୋ ମନ୍ଦିରକୁ ଆସି ତୋ ସହ ଏକାନ୍ତରେ କିଛି ସମୟ ବିତେଇବା ପାଇଁ ମୁଁ ଜଗନ୍ନାଥଙ୍କୁ ଅନୁରୋଧ କରିବି। ତୋ ମନ୍ଦିରର ମଣ୍ଡପରେ ମୋର ଜଳୀୟ ବାଷ୍ପଯୁକ୍ତ ଥଣ୍ଡା ପବନ ସବୁବେଳେ ବୋହିବ। ଭକ୍ତମାନେ ମନ୍ଦିରରେ ବୁଲିବୁଲି କ୍ଲାନ୍ତ ହୋଇପଡ଼ିଲେ ସେଠାରେ ବସି କ୍ଲାନ୍ତି ମେଣ୍ଟେଇବେ।' ଲକ୍ଷ୍ମୀଙ୍କ ମୁହଁରେ ଛୋଟ ହସଟିଏ ଖେଳିଗଲା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ରଥଖଳାରୁ...

# ବନ୍ଦ ହେଲା ଯନ୍ତା ଗାଡ଼



ପୁରୀ,୨୭।୫(ସମିସ): ପାଖେଇ ଆସୁଛି ରଥଯାତ୍ରା। ଆସନ୍ତା ଜୁନ୍ ୨୭ରେ ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏହାକୁ ନଜରରେ ରଖି ରଥଖଳାରେ କାମ ଦ୍ରୁତଗତିରେ ଆଗେଇ ଚାଲିଛି। ମଙ୍ଗଳବାର ସୁଦ୍ଧା ତିନିରଥର ୪୨ଟି ଯାକ ଚକ ସମ୍ପୂର୍ଣ୍ଣ ହୋଇଛି। ଅନ୍ୟପକ୍ଷରେ ଯେ ହେତୁ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ଶେଷ ହୋଇଛି। ସେଥିପାଇଁ ଶ୍ରୀମନ୍ଦିର ସମ୍ମୁଖରେ ଖୋଲାଯାଇଥିବା ଯନ୍ତା ଗାଡ଼କୁ ବନ୍ଦ କରିଛନ୍ତି ଭୋଇ ସେବକ। ସୋମବାର ରଥ ଅମିନ ତିନି ରଥ ଚାଲିକୁ ଭୋଇ ସେବକଙ୍କ ସହାୟତାରେ ଦୁଇଟି ଲେଖାଏଁ ୪୦ ଫୁଟିଆ ବ୍ରେକ୍ ଅଖ ଏବଂ ତିନି ରଥର ଗରଗରା ନିର୍ମାଣ ପାଇଁ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଯୋଗାଇଥିଲେ। ପ୍ରତ୍ୟେକ ରଥର ବ୍ରେକ୍ ଅଖର ଉଭୟ ପାର୍ଶ୍ୱ ଚଉପଟ ସହ ଗୋଲେଇ କାର୍ଯ୍ୟ ଶେଷ ହୋଇଛି। ସେହିପରି ମଙ୍ଗଳବାରଠାରୁ ଗରଗର କାଠର ଚଉପଟ କାମ ଆରମ୍ଭ ହୋଇଛି। ମହାରଣା ସେବକମାନେ ବାରିସୀରେ ଏହାକୁ ଚଉପଟ କରୁଛନ୍ତି। ରୂପକାର ସେବକମାନେ ଗୁଜଗୁଡ଼ିକରେ ସିଂହବିରାଳ ରୂପ ଖୋଦେଇ ସହ ଏଥିରେ ଅଳଙ୍କାର ପକାଇ ଏହାକୁ ପଲିସ୍ କରୁଛନ୍ତି। ଦୋଳବେଦୀ ପରିସର ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଦଣ୍ଡା କଣ୍ଟା ତିଆରି କରୁଛନ୍ତି।

# ଭୟଭୀତ କରୁଛି କରୋନା ସଂକ୍ରମଣ



ଭୁବନେଶ୍ୱର,୨୭।୫(ସମିସ): ଦେଶରେ କରୋନା ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବର୍ତ୍ତମାନ ଆକ୍ଟିଭ୍ କେସ୍ ସଂଖ୍ୟା ୧ହଜାର ଅତିକ୍ରମ କରିଛି। ମାତ୍ର ଓଡ଼ିଶାରେ ଭୟଭୀତ ହେବା ଭଳି ସ୍ଥିତି ନାହିଁ। ଏବେ ଯାଏଁ ରାଜ୍ୟରେ ଗୋଟିଏ ମାମଲା ଚିହ୍ନଟ ହୋଇଛି। ସଂକ୍ରମିତ ବ୍ୟକ୍ତିଙ୍କ ନିକଟ ସମ୍ପର୍କୀୟଙ୍କର ନମୁନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ କେହି ସଂକ୍ରମିତ ନ ଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ବୁଧବାର ଅପରାହ୍ଣରେ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ସବୁ ରାଜ୍ୟ ସହ କରୋନାସ୍ଥିତି ନେଇ ବୈଠକ କରିବେ ବୋଲି ଜଣାପଡ଼ିଛି।

ରାଜ୍ୟରେ କୋଭିଡ୍ ସ୍ଥିତି ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର କହିଛନ୍ତି ଯେ ସ୍ଥିତି ସଂପୂର୍ଣ୍ଣ ନିୟନ୍ତ୍ରଣରେ ଅଛି। ଦେଶରେ ଯେଉଁ ଦୁଇଟି ଭାରିଆଣ୍ଟ ନେଇ ସଂକ୍ରମଣ ବଢୁଛି, ତାହା ଏତେ ମାରାତ୍ମକ ନୁହେଁ। ଓଡ଼ିଶାରେ ଗୋଟେ ହିଁ କେସ୍ ଚିହ୍ନଟ ହୋଇଛି। ଏବେ ତାଙ୍କର ସ୍ୱାସ୍ଥ୍ୟବସ୍ଥା ଭଲ ଅଛି। ତାଙ୍କ ପରିବାରରେ କାହାର ଲକ୍ଷଣ ନାହିଁ। ଲକ୍ଷଣ ନ ଥିଲେ, ପରିବାର ଲୋକଙ୍କ ଟେଷ୍ଟ ହେବନି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ନିୟମ ପରିବର୍ତ୍ତନ ହୋଇଛି। ଆମେ ତାହାକୁ ଅନୁପାଳନ କରୁଛୁ। ବର୍ତ୍ତମାନ ଦେଶରେ ୧୦୧୦ ସଂକ୍ରମଣ ମାମଲା ରହିଛି। ମହାରାଷ୍ଟ୍ର ଓ କେରଳରେ ସ୍ଥିତି ସଙ୍ଗୀନ ରହିଛି। ୧୫୪ ନୂଆ ମାମଲା ସହିତ ମହାରାଷ୍ଟ୍ରରେ ୨୧୦ ଜଣ ସଂକ୍ରମିତ ରୋଗୀ ଅଛନ୍ତି। କେରଳରେ ୪୩୦ ସହ ୩୩୫ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବନ୍ଦ ଘରୁ ଗଳିତ ଶବ ଉଦ୍ଧାର**

ବାଲେଶ୍ୱର, ୨୭।୫ (ସମିସ): ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଦେବୀସାହିର ଏକ ଘରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତକ ହେଲେ, ପପୁ ସିଂ (୪୦)। ଦୁଇ ତିନି ଦିନ ତଳୁ ପପୁଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ତେବେ କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହେଲା, ତାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସେ ଆତ୍ମହତ୍ୟା କରିଛନ୍ତି ନା ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି, ସେନେଇ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ପୁଲିସ୍ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, ପପୁ ରହୁଥିବା ଘରୁ ଆଜି ଭୀଷଣ ଦୁର୍ଗନ୍ଧ ହେବାରୁ ପଡ଼ୋଶୀଙ୍କ ସନ୍ଦେହ ହୋଇଥିଲା। ଖବର ପାଇ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରିଥିଲା।

■ ସାବିତ୍ରୀ ଓଷା ପାଇଁ ସ୍ତ୍ରୀ ମନା କରିଦେଲେ

# ରଶି ଲଗାଇ ଝୁଲିପଡ଼ିଲେ ସ୍ୱାମୀ

ସୋସୋ,୨୭।୫(ସମିସ): ସ୍ତ୍ରୀ ସାବିତ୍ରୀ ଓଷା କରିବାକୁ ମନା କରିବାରୁ ବେକରେ ରଶି ଦେଇ ଜୀବନ ହାରିଲେ ସ୍ୱାମୀ। କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ୍ ପଢ଼ିଆରିପଲ୍ଲୀ ଗ୍ରାମରେ ଏପରି ଏକ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ଗ୍ରାମର କୈଳାଶ ରାଉତ(୪୦)। ସୋସୋ ପୁଲିସ୍ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନାନୁଯାୟୀ, ସୋମବାର ସାବିତ୍ରୀ ଓଷା ଥିବା ବେଳେ କୈଳାଶ ମଦ୍ୟପାନ କରି ନିଜ ସ୍ତ୍ରୀ ଓ ଝିଅକୁ ପିଟାପିଟି କରିଥିଲେ। କୈଳାଶଙ୍କ ଏଭଳି ଆଚରଣକୁ ନେଇ ତାଙ୍କ ସ୍ତ୍ରୀ ରାଗି ଯାଇଥିଲେ ଏବଂ ସାବିତ୍ରୀ ଓଷା କରିବେ ନାହିଁ ବୋଲି ମନା କରିଦେଇଥିଲେ। ସ୍ତ୍ରୀଙ୍କ ଏଭଳି କଥାକୁ ଶୁଣି ଓଷା ନକଲେ ଆତ୍ମହତ୍ୟା କରିବି ବୋଲି କୈଳାଶ କହିଥିଲେ। ତେଣୁ ସ୍ତ୍ରୀ ସାବିତ୍ରୀ ବ୍ରତ କରି ଝିଅ ସହ ମନ୍ଦିରକୁ ଯାଇଥିବା ବେଳେ କୈଳାଶ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

# ସୀମା ବିବାଦ ଥିବା ଅଞ୍ଚଳ ଗସ୍ତ କରିବ ବିଧାନସଭା ଗୃହ କମିଟି

ଭୁବନେଶ୍ୱର,୨୭।୫(ସମିସ): ବାଚସ୍ପତି ସୁରମା ପାଢୀଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସୀମା ବିବାଦ ସମ୍ପର୍କିତ ଗୃହ କମିଟିର ଗୁରୁତ୍ୱପୂର୍ଣ୍ଣ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ରାଜ୍ୟର ଯେଉଁ ଯେଉଁ ଅଞ୍ଚଳରେ ସୀମା ବିବାଦ ରହିଛି, ଉକ୍ତ ଅଞ୍ଚଳକୁ କମିଟି ଗସ୍ତ କରିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଏହିକ୍ରମରେ ଆଗାମୀ ଦିନରେ କମିଟିର ସଦସ୍ୟ କୋଟିଆ, ଗଞ୍ଜାମ, ଗଜପତି, ବାଲେଶ୍ୱର ଜିଲ୍ଲାର ସୀମା ବିବାଦ ଥିବା ଅଞ୍ଚଳକୁ ଗସ୍ତ କରିବେ।

ବୈଠକରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସହ ବିଜେଡି ଓ ବିଜେପି ସଦସ୍ୟମାନେ ଉପସ୍ଥିତ ଥିଲେ। ଏନେଇ କମିଟିର ସଦସ୍ୟ ତଥା ବିଜେଡି ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଯେ କୋଟିଆ, ପୋଲାଭରମ ଆଦି ପ୍ରସଙ୍ଗ ସହ ଆନ୍ଧ୍ର, ଛତିଶଗଡ, ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ସହ ଥିବା ସୀମା ବିବାଦ ନେଇ ମଧ୍ୟ ବୈଠକରେ ଆଲୋଚନା ହୋଇଛି। କୋଟିଆ ଅଞ୍ଚଳ ନେଇ ଆନ୍ଧ୍ର ସହ ସ୍ୱାଧୀନତା ପରଠୁ ବିବାଦ ଲାଗି ରହିଥିବା ବେଳେ ସୁପ୍ରିମକୋର୍ଟରେ ମାମଲା ବିଚାରାଧୀନ ଅଛି। ଉକ୍ତ ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଓଡ଼ିଆ ଭାଷା ପ୍ରତି ଲୋକଙ୍କ ଆଗ୍ରହ ଆସିବା, ସରକାରୀ ସହାୟତା ଆଦି ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବା ଆବଶ୍ୟକ। ସେହିପରି ବାଲେଶ୍ୱର ଜିଲ୍ଲାରେ ସୁବର୍ଣ୍ଣରେଖା ଏବଂ ସାହାବାଜିପୁର ଓ ଭୋଗରାଇ ଅଞ୍ଚଳର ସମସ୍ୟା ଉପରେ ମଧ୍ୟ ଆଲୋଚନା ହୋଇଛି । ପଶ୍ଚିମବଙ୍ଗର ପ୍ରଶାସନ ସେଠାରେ ଖୁଣ୍ଟ ପୋତିଥିବା ବେଳେ ସ୍ଥାନୀୟ ଲୋକେ ଖୁଣ୍ଟ ସବୁ ଓପାଡ଼ି ଦେଇଛନ୍ତି। ତାହାର ମଧ୍ୟ ସ୍ଥାୟୀ ସମସ୍ୟା ଆବଶ୍ୟକ ଅଛି ବୋଲି ଶ୍ରୀ ପାତ୍ର ମତବ୍ୟକ୍ତ କରିଛନ୍ତି। ଅତଏବ ଉକ୍ତ ଅଞ୍ଚଳଗୁଡ଼ିକୁ କମିଟି ଗସ୍ତ କରିବା ପାଇଁ ବାଚସ୍ପତିଙ୍କୁ ଅନୁରୋଧ କରାଯାଇଛି ବୋଲି ଶ୍ରୀ ପାତ୍ର କହିଛନ୍ତି।

■ ବିରକେରାରେ ଅଭାବନୀୟ ଘଟଣା

# ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଆସିଥିବା ଯୁବକଙ୍କୁ ତୀର ମାଡ଼

**ସାନ ସଢୁଙ୍କୁ ତୀର ମାରିଲା ଦେଢ଼ଶାଶୂର ପ୍ରେମିକ**

ରାଉରକେଲା,୨୭।୫(ସମିସ): ବଡ଼ ସଢୁଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିବା ସାନ ସଢୁଙ୍କୁ ତୀର ମାରି ଗୁରୁତର କରିଛି ଦେଢ଼ ଶାଶୂର ପ୍ରେମିକ। ଦେଢ଼ ଶାଶୂର ସ୍ୱାମୀଙ୍କ ମୃତ୍ୟୁ ପରେ ତାର ପ୍ରେମିକ ତାକୁ ପତ୍ନୀ ଭାବେ ରଖିବାକୁ କହିଥିଲା। ଏହାକୁ ବାରଣ କରିବାରୁ ସାନ ସଢୁକୁ ତାର ପ୍ରେମିକ ତୀର ମାଡ଼ କରିଛି। ବ୍ରାହ୍ମଣୀତରଙ୍ଗ ଥାନା ଅଧୀନ ବିରକେରା ଝରିଆଟୋଲା ଗ୍ରାମରେ ମଙ୍ଗଳବାର ଏଭଳି ଅଭାବନୀୟ ଘଟଣା ଘଟିଛି। ଗୁରୁତର ଅବସ୍ଥାରେ ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ଆହତ ଯୁବକ ହେଉଛନ୍ତି, ସମ୍ବଲପୁରର ନିତ୍ୟାନନ୍ଦ ରନବେଡା (୨୮)।

ସୂଚନା ଅନୁସାରେ, ବଡ଼ସଢୁ ଦୁର୍ଯୋଧନ ଲୋହାର ବିରକେରା ଝରିଆଟୋଲା ଗ୍ରାମରେ ପରିବାର ସହ ରୁହନ୍ତି। କିଛି ଦିନ ପୂର୍ବେ ତାଙ୍କର ମୃତ୍ୟୁ ଘଟିଥିଲା। ଶୁଦ୍ଧିକ୍ରିୟା କାର୍ଯ୍ୟରେ ସାନ ସଢୁ ନିତ୍ୟାନନ୍ଦ ରନବେଡା ଯୋଗ ଦେଇଥିଲେ। ତେବେ ବଡ଼ ସଢୁର ମୃତ୍ୟୁ ପରେ ପତ୍ନୀଙ୍କୁ ତା'ର ପ୍ରେମିକ ସ୍ତ୍ରୀ ଭାବେ ରଖିବାକୁ ପ୍ରସ୍ତାବ ଦେଇଥିଲା। ଏଥିରେ ସାନସଢୁ ନିତ୍ୟାନନ୍ଦ ସମେତ ପରିବାରର ଅନ୍ୟ ସଦସ୍ୟ ରାଜି ହୋଇନଥିଲେ। ଏଥିରେ ପ୍ରେମିକ ପ୍ରତିଶୋଧପରାୟଣ ହୋଇପଡ଼ିଥିଲା। ମଙ୍ଗଳବାର ସକାଳ ପ୍ରାୟ ସାଢ଼େ ୯ଟା ବେଳେ ନିତ୍ୟାନନ୍ଦ ପରିବାର ସହ ଏକ



ଅଟୋରେ ଷ୍ଟେସନ ଅଭିମୁଖେ ବାହାରି ଥିଲେ। ବଲଣ୍ଡା ବାଗଡେଗା ଘାଟିଠାରେ ପ୍ରେମିକ ଓ ତାର ଦୁଇ ସହଯୋଗୀ ଏକ ବାଇକ୍‌ରେ ଆସି ନିତ୍ୟାନନ୍ଦକୁ ତୀରମାଡ଼ କରି ଫେରାର ହୋଇଯାଇଥିଲେ। ଫଳରେ ତାଙ୍କ ଅଣ୍ଟା ଉପରେ ଯାଇ ତୀର ପଶି ଯାଇଥିଲା। ତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପୁଲିସ ତଦନ୍ତ ଜାରି ରଖିଥିବା ବେଳେ ଜଣକୁ ଅଟକ ରଖି ପଚରାଉଚରା ଚଳାଇଛି।

■ ଗର୍ଭବତୀ ପତ୍ନୀଙ୍କୁ କିରୋସିନ୍‌ରେ ପୋଡ଼ି ହତ୍ୟା ମାମଲା

# ସ୍ୱାମୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ହାଇକୋର୍ଟରେ କାଏମ

କଟକ,୨୭।୫(ସମିସ): ଗର୍ଭବତୀ ପତ୍ନୀଙ୍କୁ କିରାସିନି ପକାଇ ପୋଡ଼ି ହତ୍ୟା କରିବା ଘଟଣାରେ ନିମ୍ନ ଅଦାଲତ ଦ୍ୱାରା ଦୋଷୀସାବ୍ୟସ୍ତ ହୋଇଥିବା ସ୍ୱାମୀର ଆଜୀବନ ଜେଲ୍ ଦଣ୍ଡାଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଯାଜପୁର ଦୌରା ଅଦାଲତ ଗତ ୨୦୧୪ ଜାନୁଆରି ୧ରେ ଆଇପିସିର ଦଫା ୩୦୨ରେ ଅଭିଯୁକ୍ତ ସ୍ୱାମୀଙ୍କୁ ପ୍ରଦାନ କରିଥିବା ଆଜୀବନ ଜେଲ ଦଣ୍ଡାଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ । ସୁଶାନ୍ତ ଓରଫ ସୁଶୀଲ କୁମାର ସାହୁଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଅନ୍ୟପଟରେ କିନ୍ତୁ ଆବେଦନକାରୀଙ୍କୁ ଯୌତୁକ ନିରୋଧ ଆଇନର ଧାରା୪,ଆଇପିସିର ଧାରା ୪୯୮ ଏ ଓ ୩୦୪ବିରୁ ଦୋଷମୁକ୍ତ କରିଛନ୍ତି ଖଣ୍ଡପୀଠ ।

ମୃତ୍ୟୁ ସମୟରେ ବ୍ୟକ୍ତି ସତ୍ୟ କହିଥାଏ ଓ ମିଛ କହିବାର କୌଣସି ଉଦ୍ଦେଶ୍ୟରୁ ମୁକ୍ତ ରହିଥାଏ । ଏଣୁ ମୃତକ ପତ୍ନୀଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀକୁ ହାଇକୋର୍ଟ ଗ୍ରହଣ କରିବା ସହ ଏହି ରାୟ ପ୍ରଦାନ କରିଛନ୍ତି । ମାମଲାରୁ ପ୍ରକାଶ ଯେ ୨୦୧୧ ନଭେମ୍ବର୧୪ରାତିରେ ଆବେଦନକାରୀ ମଦ୍ୟପାନ କରି ଆସିବା ସହ ତାଙ୍କର ୯ମାସର ଗର୍ଭବତୀ ପତ୍ନୀ ଜୟନ୍ତୀ ସାହୁଙ୍କ ଉପରେ କିରୋସିନ ଢାଳି ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ଏସସିବି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ୨୦୧୧ନଭେମ୍ବର୧୬ରେ ସେ ଏକ ମୃତ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ତେବେ ୨୦୧୧ଡିସେମ୍ବର ୧୨ରେ ଜୟନ୍ତୀଙ୍କ ମୃତ୍ୟୁ ହୋଇଥିଲା । ଯାଜପୁର ବରୀ ଥାନାରେ ମୃତକଙ୍କ ବାପ ଘର ପକ୍ଷରୁ ଏତଲା ଦିଆଯାଇଥିଲା । ଏହି ଘଟଣାରେ ପୁଲିସ ଚାର୍ଜସିଟ ଦାଖଲ କରିବା ପରେ ଅଭିଯୁକ୍ତ ସ୍ୱାମୀଙ୍କୁ ଗତ ୨୦୧୪ଜାନୁଆରି୧ରେ ନିମ୍ନ ଅଦାଲତ ଆଜୀବନ ଜେଲ ଦଣ୍ଡାଦେଶ ପ୍ରଦାନ କରିଥିଲେ। ଏହା ରାୟ ବିରୋଧରେ ଆବେଦନକାରୀ ଅଭିଯୁକ୍ତ ସ୍ୱାମୀ ଗତ ୨୦୧୪ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଅବଶିଷ୍ଟାଂଶ

### ଜଷ୍ଟିସ ପାଠକ...

ହାଇକୋର୍ଟ ବିଚାରପତି ଜଷ୍ଟିସ୍ ବିବେକ କୁମାର ସିଂଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ, ଆନ୍ଧ୍ରପ୍ରଦେଶ ପିଏଚସିରୁ ଜଷ୍ଟିସ୍ ବଟୁ ଦେବାନନ୍ଦଙ୍କୁ ମାଡ୍ରାସ ହାଇକୋର୍ଟ, ଆହ୍ଲାବାଦ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଓମପ୍ରକାଶ ଶୁକ୍ଲାଙ୍କୁ ଦିଲ୍ଲୀ ହାଇକୋର୍ଟ ଏବଂ ଝାଡଖଣ୍ଡ ପିଏଚସି ଜଷ୍ଟିସ୍ ଶ୍ରୀ ଚନ୍ଦ୍ରଶେଖରଙ୍କୁ ବମ୍ବେ ହାଇକୋର୍ଟ ବଦଳି କରିବାକୁ ସୁପାରିସ୍ କରାଯାଇଛି।

ସୂଚନାଯୋଗ୍ୟ, ୨୮ ଅଗଷ୍ଟ, ୧୯୬୫ରେ ଗୌହାଟୀରେ ଜନ୍ମିତ ଜଷ୍ଟିସ୍ ପାଠକ ବେଙ୍ଗାଲୁରୁ ବିଶ୍ୱବିଦ୍ୟାଳୟ ଅଧୀନ ବେଙ୍ଗାଲୁରୁର ସେଣ୍ଟ ଯୋଶେଫ୍ କଲେଜରୁ କଳାରେ ସ୍ନାତକ ଏବଂ ଗୌହାଟୀ ବିଶ୍ୱବିଦ୍ୟାଳୟ ଅଧୀନରେ ଗୌହାଟୀର ସରକାରୀ ଆଇନ କଲେଜରୁ ଏଲ.ଏଲ.ବି. ଡିଗ୍ରୀ ହାସଲ କରିଥିଲେ। ୧୯୯୦ ମସିହାରେ ସେ ଆସାମ, ନାଗାଲାଣ୍ଡ, ମେଘାଳୟ, ମଣିପୁର, ତ୍ରିପୁରା, ମିଜୋରାମ ଏବଂ ଅରୁଣାଚଳପ୍ରଦେଶର ବାର୍ କାଉନସିଲରେ ଆଇନଜୀବୀ ଭାବରେ ପଞ୍ଜିକୃତ ହୋଇଥିଲେ। ଦୀର୍ଘ ଦୁଇ ଦଶନ୍ଧି ଧରି ସେ ମୁଖ୍ୟତଃ ଦେୱାନୀ, ସାମ୍ବିଧାନିକ, ଭୂମି ଅଧିଗ୍ରହଣ ଏବଂ ସେବା ମାମଲାରେ ଅଭ୍ୟାସ କରୁଥିଲେ। ସେ ଆସାମ ସରକାରଙ୍କ ଷ୍ଟାଣ୍ଡିଂ କାଉନସେଲ୍ ଥିଲେ। ୨୨ ମେ' ୨୦୧୩ରେ ତାଙ୍କୁ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା। ତେବେ ୨୦୧୮ ନଭେମ୍ବର ୧୨ରୁ ସେ ଗୌହାଟୀ ହାଇକୋର୍ଟର ସ୍ଥାୟୀ ବିଚାରପତି ଭାବେ କାର୍ଯ୍ୟରତ ଅଛନ୍ତି।

### ବିକାଶରେ ପକ୍ଷପାତ...

୩, ଢେଙ୍କାନାଳର ୪ ବିଧାନସଭା କ୍ଷେତ୍ରକୁ ଅନୁଦାନ ରାଶି ପ୍ରଦାନ କରାଯାଇଛି । ସେହିପରି ଅନ୍ୟ ଜିଲ୍ଲାଗୁଡ଼ିକର ଗୋଟିଏ ଯୋଡ଼ିଏ ବିଧାନସଭା କ୍ଷେତ୍ର ନିମନ୍ତେ କିଛି କିଛି ଅର୍ଥ ମଞ୍ଜୁର ହୋଇଛି। ନୟାଗଡ ଜିଲ୍ଲାରେ ୪ଟି ନିର୍ବାଚନ ମଣ୍ଡଳୀ ରହିଛି । ସେଥିମଧ୍ୟରୁ ରଣପୁର ଓ ଖଣ୍ଡପଡା ଆସନରେ ବିଜେପି ବିଧାୟକ ରହିଥିବା ବେଳେ ଦଶପଲ୍ଲା ଓ ନୟାଗଡ ଆସନରେ ବିଜେଡି ବିଧାୟକ ରହିଛନ୍ତି । ମାତ୍ର ବିଜେପି ବିଧାୟକ ରହିଥିବା ଦୁଇ ନିର୍ବାଚନ ମଣ୍ଡଳୀ ରଣପୁର ଓ ଖଣ୍ଡପଡାକୁ ଦୁଇ କୋଟି ଲେଖାଏଁ ଅନୁଦାନ ମିଳିଥିବା ବେଳେ ନୟାଗଡ ଓ ଦଶପଲ୍ଲା ବିଧାନସଭା କ୍ଷେତ୍ରକୁ ଏହି ସହାୟତାରୁ ବଞ୍ଚିତ କରାଯାଇଛି । ଯାହାକୁ ନେଇ ଜିଲ୍ଲା ରାଜନୀତିରେ ଏବେ ତୁମ୍ବି ତୋଫାନ ଆରମ୍ଭ ହୋଇଛି । ସେହିପରି ଏହି ପ୍ରସଙ୍ଗକୁ ନେଇ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ସରକାରଙ୍କ ବିରୋଧରେ ସ୍ୱର ତୀବ୍ର ହୋଇଛି । ବିନା ଭୟ ଓ ପକ୍ଷପାତରେ କାର୍ଯ୍ୟ କରିବାକୁ ଈଶ୍ୱରଙ୍କ ନାମରେ ଶପଥ ନେଇଥିବା ସରକାର କିପରି ବିକାଶମୂଳକ କାର୍ଯ୍ୟ ନିମନ୍ତେ ଅନୁଦାନ ସମୟରେ ପକ୍ଷପାତ କରୁଛନ୍ତି, ତାହାକୁ ନେଇ ଏବେ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି ।

### କେନ୍ଦ୍ର, ରାଜ୍ୟଙ୍କୁ...

ଚାଲେଞ୍ଜ କରୁଛନ୍ତି। ସେ ଆହୁରି ମନେ ପକାଇଦେଇଥିଲେ ଯେ ସୁପ୍ରିମ କୋର୍ଟ ଏବେ ୧୯୯୧ର ଧର୍ମପୀଠ ଆଇନ ଏବଂ ୧୯୯୨ର ଜାତୀୟ ସଂଖ୍ୟାଲଘୁ କମିସନ ଆଇନ ବିରୋଧରେ ଆଗତ ପିଟିସନର ଶୁଣାଣି କରୁଛନ୍ତି । ଏହାପୂର୍ବରୁ ମଧ୍ୟ ୱାକଫ୍ ଆଇନ ୧୯୯୫କୁ ଚାଲେଞ୍ଜ କରି ଅନେକ ପିଟିସନ ଦାଖଲ ହୋଇଥିଲା ।

### ଝିଅକୁ ଦୁଷ୍କର୍ମ...

ଅଭିଯୁକ୍ତଜଣଙ୍କ ନାବାଳିକାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରୁଥିବା ବେଳେ ନାବାଳିକାର ବାପା-ମା' ଦେଖିଦେବା ସହ ଅଭିଯୁକ୍ତକୁ ମାଡ଼ ମାରିଥିଲେ। ତେବେ ଏଥିରେ ଅଭିଯୁକ୍ତଜଣଙ୍କ ପ୍ରତିଶୋଧପରାୟଣ ହୋଇ ଉଠିଥିଲା। ସନ୍ଧ୍ୟାରେ ଘର ନିକଟରେ ନାବାଳିକାର ବାପା ଠିଆ ହୋଇଥିବା ବେଳେ ଅଭିଯୁକ୍ତ ଅନ୍ଧାରର ସୁଯୋଗ ନେଇ ତାଙ୍କୁ ଗୋଟିଏ ତୀର ମାରିଥିଲା। ତୀରଟି ନାବାଳିକାଙ୍କ ବାପାଙ୍କ ବାହୁରେ ପଶି ଯାଇଥିଲା।

# ଓଡ଼ିଶା ବିଧାନସଭାର ସଂକ୍ଷିପ୍ତ ଇତିହାସ ପୁସ୍ତକ ଉନ୍ମୋଚିତ

**ପ୍ରାକ୍ ସ୍ୱାଧୀନତାଠାରୁ ଚଳିତ ବିଧାନସଭା ନିର୍ବାଚନ ଯାଏଁ ରହିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ**



ଭୁବନେଶ୍ୱର, ୨୭।୫ (ସମିସ): ଓଡ଼ିଶା ବିଧାନସଭାର ଗବେଷଣା ଶାଖା ପକ୍ଷରୁ ପ୍ରକାଶିତ "ଏ ବ୍ରିଫ୍ ହିଷ୍ଟ୍ରି ଅଫ୍ ଓଡ଼ିଶା ଲେଜିସଲେଟିଭ୍ ଆସେମ୍ବଲି' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ପୁସ୍ତକଟିକୁ ଉନ୍ମୋଚନ କରି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି ଯେ, ଆମ ସମସ୍ତଙ୍କ ପାଇଁ ଏହି ପୁସ୍ତକ ପ୍ରକାଶନର ଯଥାର୍ଥତା ରହିଛି। ୧୯୩୬ ମସିହା ଅପ୍ରେଲ ପହିଲାରେ ବ୍ରିଟିଶ ଶାସନାଧିକ ଭାରତବର୍ଷରେ ଏକ ଭାଷାଭିତ୍ତିକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଓଡ଼ିଶା ଶାସନଗତ ସ୍ୱାଧୀନତା ତଥା ସ୍ୱତନ୍ତ୍ର ସାମ୍ବିଧାନିକ ସ୍ଥିତି ହାସଲ କଲା। ସ୍ୱତନ୍ତ୍ର ଓଡ଼ିଶାର (ପ୍ରାକ୍ ସ୍ୱାଧୀନତା) ପ୍ରଥମ ବିଧାନସଭାଠାରୁ ଚଳିତ ସପ୍ତଦଶ ଓଡ଼ିଶା ବିଧାନସଭା ନିର୍ବାଚନ ପର୍ଯ୍ୟନ୍ତ ଓଡ଼ିଶା ଦାୟିତ୍ୱରେ ଥିବା ରାଜ୍ୟପାଳ, ବାଚସ୍ପତି, ଗୃହର ନେତା (ମୁଖ୍ୟମନ୍ତ୍ରୀ), ବିରୋଧୀ ଦଳ ନେତା, ଉପବାଚସ୍ପତି, ବିଧାନସଭା ସଚିବାଳୟର ସଚିବଙ୍କ ସହିତ ବିଭିନ୍ନ ପର୍ଯ୍ୟାୟରେ ମନ୍ତ୍ରୀମଣ୍ଡଳ ଗଠନ, ସାଧାରଣ ନିର୍ବାଚନ, ଉପନିର୍ବାଚନ, ଦଳୀୟ ସ୍ଥିତି ସହିତ ବିଧାନସଭା ସମ୍ପର୍କିତ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଏହି ପୁସ୍ତକରେ ପ୍ରକାଶିତ ହୋଇଛି। ଏହି ପୁସ୍ତକ ଲୋକପ୍ରତିନିଧିଙ୍କଠାରୁ ଆରମ୍ଭ କରି ଗବେଷକ, ବୁଦ୍ଧିଜୀବୀ, ବିଦ୍ୟାର୍ଥୀ ତଥା ସାଧାରଣ ଜନତାଙ୍କ ପାଇଁ ନିଶ୍ଚିତ ଭାବେ ଉପାଦେୟ ହୋଇପାରିବ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ତି। ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପବାଚସ୍ପତି ଭବାନୀଶଙ୍କର ଭୋଇ, ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ, ବିଧାନସଭା ସଚିବ ସତ୍ୟବ୍ରତ ରାଉତ, ଗବେଷଣା ଶାଖାର ନିର୍ଦ୍ଦେଶକ ଡ. ତ୍ରିବିକ୍ରମ ପ୍ରଧାନ, ପୁସ୍ତକ ସଂକଳନରେ ସଂପୃକ୍ତ ଗବେଷଣା ଅଧିକାରୀ ଜୟକୃଷ୍ଣ ପ୍ରଧାନ,ପ୍ରଶାନ୍ତ ଦାସ, ଅମୂଲ୍ୟ କୁମାର ସ୍ୱାଇଁଙ୍କ ସମେତ ବିଧାୟକମାନେ ଉପସ୍ଥିତ ଥିଲେ।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

କେସିଙ୍ଗା,୨୭।୫ (ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହର ସୀମାନ୍ତ ବଲାଙ୍ଗୀର ଜିଲ୍ଲା ଲୁଥୁରବନ୍ଧ ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଏହି ମହିଳା ଜଣକ ହେଲେ ଗାଁର ଗୌର ମିଶ୍ରଙ୍କ ପତ୍ନୀ ରେବତୀ ମିଶ୍ର (୬୮)। ମଙ୍ଗଳବାର ଭୋରରେ ଘରଲୋକ ତାଙ୍କୁ କେସିଙ୍ଗା ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

ODISHA HYDRO POWER CORPORATION LTD. CAD-553
OFFICE OF THE SENIOR GENERAL MANAGER (ELECTRICAL)
UPPER KOLAB HYDRO ELECTRIC PROJECT
AT/PO: BARINIPUT, DIST: KORAPUT- 764006
PHONE - 06854-242001, FAX - 06854242038.
E-mail: sgmel.ukhep@gmail.com
CIN:U40101OR1995SGC003963

E-Tender NOTICE No. - 03/2025-26, Dated 23.05.2025

The Unit Head, Upper Kolab Hydro Electric Project, Bariniput, Korpaut, Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl No. | Name of the work | Approx. Estimated cost (in ₹) | E.M.D. (in ₹) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | Construction of Road Side Earthen Drain Connecting from Daudapadar Chowk to Valve House & Surge Tank, UKHEP, Bariniput | 5,83,168/- | 5,850/- | 4720/- (Rs.4000+18 % GST) | "C or D" Class | From 10:00 AM of Dt. 02.06.2025 to 12:00 Hrs of Dt.11.06.2025 | At 11:30 Hrs. of Dt.12.06.2025 |

1. The Bidders have to participate in ONLINE bidding only through the Govt.e-Procurement portal www.tendersorissa.gov.in by using their compatible Digital Signature Certificate. (DSC)
2. Further details like tender specification (DTCN), BOQ and any addendum/ corrigendum/cancellation of tender can be seen in the same website.

Unit Head
UKHEP, Bariniput
OIPR-04002/11/0087/2526

SALE
Booking Open 2/3 BHK Flats BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
Contact
GADHWAL GROUP
M.: 9437015112

NOTICE
By virtue of an affidavit sworn before the Notary Public, Cuttack, dated 27.05.2025 I, Subhasish Satapathy, S/o – Santosh Kumar Satapathy, resident of QR. No. D/156, Sector-7, P.O.- Rourkela, P.S.- Sector-7, Dist- Sundargarh, Odisha, Pin- 769003 have changed my name from Subashish Satpathy & Subhasish Satpathy to Subhasish Satapathy. Henceforth, I shall be known as Subhasish Satapathy for all purposes.
Sd/- Subhasish Satapathy

AFFIDAVIT
I, Reshma Bibi, W/o- Sk Mojifur Rahman of Vill-Kotal Mohalla, P.o- Gujidarda, P.s-Bhadrak(R), Dist- Bhadrak, Pin-756128, Declare by this Affidavit No-4932, 15-05-2025, that now onwards. My Son Name & Address wrongly mentioned as Aadhaar Card No-9781 8423 2518 Mansur Mojiburrehman Shaiikh, I shall be known as SK MANSUR of Vill-Kotal Mohalla, P.o-Gujidarda, P.s-Bhadrak(R), Dist- Bhadrak, Pin-756128 for all future purposes.

AFFIDAVIT
I, Sangram Keshari Sahoo, aged about 56 years, S/o- Nirmal Chandra Sahoo, resident of Nilakanthapur, Sandhapalli, Kendrapara, Pin-754215, Odisha declared by this affidavit No. 1068, dtd-24/05/2025 that now onwards I shall be known as SANGRAM SAHOO for all future purposes.

AFFIDAVIT
I Smt Snehalata Biswal, W/o- RABINDRA BISWAL of Vill- PANPUR Po- Balimed, Ps- Naikanidihi, Dist-Bhadrak. My actual name is SNEHALATA BISWAL as per my Aadhar Card . But in my L.I.C. Policy No.587361624 my name wrongly mentioned as " RANJITA ROUT" instead of " SNEHALATA BISWAL", W/O- RABI ROUT is same & one person.

AFFIDAVIT
By virtue of an affidavit sworn before The Notary Public, Borigumma on dated- 03/05/2025. I, Smt. Pulamani Ganda, W/o Sri Bhuban Ganda, resident of Village- Phupugam, PO- Pujariput, PS- Borigumma, Dist- Koraput, Odisha declare that I have changed my name from Dinamani Gonda To Pulamani Ganda in my Bank Pass Book (Bank of Baroda). Henceforth, I shall be known as Pulamani Ganda for all future purposes.
(Pulamani Ganda)

AFFIDAVIT
By virtue of an affidavit before The Notary Public, Titilagarh, on dated- 27/05/2025. I, Gopal Dora (Applicant name), Son of Chudamani Dora , permanent resident of At- Gunchitara, P.O- Tentulikhunti, P.S- Titilagarh, Dist- Bolangir, (Odisha), PIN- 767037 now residing at the same place affirm that I have changed my minor Son name from Bibnishan Dora To Bibhisen Dora. Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as Bibhisen Dora.
(Gopal Dora)

AFFIDAVIT
By virtue of an affidavit before The Executive Magistrate, Hindol on dated- 20/05/2025. I, Subasachandra Pradhan, aged 35 years, S/o- Harihar Pradhan, resident of Vill/Po- Karanda, Ps- Rasol, Dist- Dhenkanal, Odisha, PIN- 759020 declared that my real name is Subasachandra Pradhan which is mentioned in my Aadhaar Card bearing No- 4734 4507 3938 and Voter Id No- YQH0319145, but in my LIC Policy at Dhenkanal Branch bearing Policy No- 58744407 in where my name is wrongly mentioned as Kalia Pradhan instead of Subasachandra Pradhan. Henceforth, both are name one and same person.
(Subasachandra Pradhan)

ଘୋଷଣା
ମୁଁ ରେଡ୍ଡୀ ସତ୍ୟସାଇ ରାମକୃଷ୍ଣ ପି. ରେଡ୍ଡୀ ଆଦି ନାରାୟଣ ନି; ଭୁଲେରବାହାଳ ପୋ- ମାଣ୍ଡୋସିଲ, ଥା/ତ-ପାଇକମାଲ, ଜି- ବରଗଡ଼। ଏତଦ୍ଦ୍ୱାରା ଘୋଷଣା କରୁଅଛି ଯେ, ମୁଁ ଭୁଲେରବାହାଳ ମୌଜାର ଏ୪.୭୨ଡି ଜମି ଖାତା ନଂ୭୩/୩୨୯ର ରେକର୍ଡ ଥିବା ରେକର୍ଡଦାର ପ୍ରଜା ମଲ୍ଲାପୁଡ଼ି ରମାଦେବୀ, ସ୍ୱାମୀ- ମଲ୍ଲାପୁଡ଼ି ବାପିରାଜୁଙ୍କ ଠାରୁ କିଣି ଅଛି। ଏହି ଜମି କିଣିବା ସମୟରେ ଉକ୍ତ ମଲ୍ଲାପୁଡ଼ି ରମାଦେବୀ ଏହି ଜମିର ପୂର୍ବ ସମ୍ପର୍କିତ ରେଜିଷ୍ଟ୍ରି ଦଲିଲ (ବିକ୍ରି ନାମା) ୧୯୮୧/୧୯.୧୨.୧୯୮୮ ଏବଂ ପଟା ଖାତା ନଂ୭୩/୩୨୯ର ମୌଜା ଭୁଲେରବାହାଳ ମୋତେ ଦେଇଥିଲେ। ଉପରୋକ୍ତ ରେଜିଷ୍ଟ୍ରି ଦଲିଲ ଏବଂ ପଟା ହଜିଯାଇଛି। ଏହି ସମ୍ପତ୍ତି କୌଣସି ବ୍ୟାଙ୍କ୍ କିମ୍ବା ଆର୍ଥିକ ଅନୁଷ୍ଠାନକୁ ବନ୍ଧକ ସୂତ୍ରେ ଦିଆଯାଇନାହିଁ। ମୋ ମାଲିକାନାରେ ଥିବା ଏହି ସମ୍ପତ୍ତିକୁ ଆମେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଜାମସେଠ ଶାଖାରେ ବନ୍ଧକ ଦେଇ ଋଣ ନେବାକୁ ଆବେଦନ କରିଅଛୁ। ଏଥିରେ କାହାରି କିଛି ଆପତ୍ତି ଅଭିଯୋଗ ଥିଲେ ଏହି ବିଜ୍ଞାପନ ପ୍ରକାଶନର ୭ଦିନ ମଧ୍ୟରେ ଉକ୍ତ ବ୍ୟାଙ୍କକୁ ଜଣାଇବାକୁ ଅନୁରୋଧ। ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ।

## ଚୋରି ଅଭିଯୋଗରେ ଦୁଇ ଗିରଫ



**ବଡ଼ବିଲ,୨୭।୫(ସମିସ):** ଚୋରି ଅଭିଯୋଗରେ ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ବଡ଼ବିଲ ଥାନା ଶ୍ରୀରାମ ନଗରର ବିପୁଲ ନାୟକ ଓ ଏସ୍ଆଇଏଲ ହଟି ଅଞ୍ଚଳର କୁନାଲ ପ୍ରସାଦ। ବଡ଼ବିଲ ଥାନା ଅଧୀନ ୱାର୍ଡ଼ ନମ୍ବର ୭ରେ ବାସ କରୁଥିବା ସାୟେଦ ଅବଦୁଲ୍ କାଦିରଙ୍କ ଘରୁ କେହି ଦୁର୍ବୃତ୍ତ ସୁନା, ରୁପା ଅଳଙ୍କାର ସହ ନଗଦ ୬୦ହଜାର ଟଙ୍କା ଲୁଟ କରିଥିବା ନେଇ ସେ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ। ପୁଲିସ୍ ତଦନ୍ତ କରି ବିପୁଲ ଓ କୁନାଲଙ୍କୁ ଗିରଫ କରିଥିଲା। ସେମାନଙ୍କ ପାଖରୁ ଚୋରିରେ ବ୍ୟବହୃତ ବ୍ୟାଗ, ଦୁଇଟି ମାର୍ତୁଲ, ଗୋଟିଏ ତାଲାକଟା ବ୍ଲେଡ ଓ ନଗଦ ୧୦ହଜାର ଟଙ୍କା ଜବତ କରିଥିବା ଥାନା ଅଧିକାରୀ ଅଶୋକ ନାୟକ ସୂଚନା ଦେଇଛନ୍ତି।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**ଆନନ୍ଦପୁର,୨୭।୫(ସମିସ):** କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଶାଳପଡ଼ା-ସରେଇ ରାସ୍ତାର ଜାଗିଅ ସ୍କୁଲ ନିକଟରେ ମଙ୍ଗଳବାର ସକାଳୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ପୁଲିସ ଉଦ୍ଧାର କରିଛି। ଏହି ବ୍ୟକ୍ତି ଆଜକୁ ୪ଦିନ ଧରି ଆଖପାଖ ଅଞ୍ଚଳରେ ଘୁରି ବୁଲୁଥିଲା। ରାସ୍ତାରେ ବୁଲୁଥିବା ସମୟରେ କେହି ଦୁର୍ଘଟଣା ଘଟାଇ ଥାଇପାରନ୍ତି ବୋଲି ପୁଲିସ ପ୍ରକାଶ କରିଛି। ତେବେ ଶବ ବ୍ୟବଚ୍ଛେଦ ହେବା ପରେ ସଠିକ ତଥ୍ୟ ଜଣାପଡ଼ିବ ବୋଲି ଜଣାଯାଇଛି।

## କେ.ବାଲିପାଳ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରିବାକୁ ଦାବି

**ସୋସୋ,୨୭।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ଆଦିବାସୀ ବହୁଳ ଜଙ୍ଗଲ ପାହାଡ଼ ପରିବେଷ୍ଟିତ କେ. ବାଲିପାଳ ପଞ୍ଚାୟତକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ହେଉନଥିବାରୁ ଗରିବ ଆଦିବାସୀ ମହିଳାଙ୍କ ମନରେ ଅସନ୍ତୋଷ ବୃଦ୍ଧିପାଉଛି। ପଞ୍ଚାୟତ କାର୍ଯ୍ୟାଳୟକୁ କୌଣସି ବସ୍ କି ଗମନାଗମନର ସୁବିଧା ନାହିଁ। ଲୋକେ ଚାଲିଚାଲି ଓ ଦୁଇଚକିଆ ଗାଡ଼ିରେ ରାଇଘାଟିର ତଳକୁ ଆସି ବ୍ଲକ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ଯାଉଥାନ୍ତି। ଯଦି ପ୍ରଶାସନ ରାଇଘାଟିର ଘାଟି ଓ ଝର୍ଣ୍ଣିକ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ ହୋଇପାରନ୍ତା ତେବେ ବହୁ ମହିଳାଙ୍କର ଆର୍ଥିକ ସମୃଦ୍ଧି ବୃଦ୍ଧି ପାଇବା ସହିତ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟପାଇଁ କମ୍ ପଇସାରେ ଯାତାୟାତ କରିବାର ସୁବିଧା ହୋଇପାରନ୍ତା। ଜିଲ୍ଲାପାଳ ଏଦିଗରେ ଦୃଷ୍ଟିଦେଇ ଏହି ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳ କରିବାର ସୁବିଧା କରାଇଲେ ଗରିବ ଆଦିବାସୀ ଲୋକମାନଙ୍କର ଯାତାୟାତ ସୁବିଧା ହୋଇପାରନ୍ତା ବୋଲି ସରପଞ୍ଚ କୁନ୍ତଳା ନାୟକ ଦାବି କରିଛନ୍ତି।

## ବିଦ୍ୟୁତ କାଟ୍‌କୁ ନେଇ ବଢୁଛି ଅସନ୍ତୋଷ

**ତୁରୁମୁଙ୍ଗା,୨୭।୫(ସମିସ):** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗା ସବ୍‌ଷ୍ଟେସନ ଅଞ୍ଚଳରେ ବିଦ୍ୟୁତ କାଟ୍‌କୁ ନେଇ ଉପଭୋକ୍ତାଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଗରମ ଗୁଳୁଗୁଳି ସାଙ୍ଗକୁ ଅନ୍ଧାର ରାତିରେ ବିଦ୍ୟୁତ୍ କାଟ ଅସହ୍ୟ ହେଉଛି। ସୋମବାର ରାତି ୧୧ଟାରୁ ବିଦ୍ୟୁତ ନଥିବାରୁ ଲୋକେ ନାହିଁ ନଥିବା ସମସ୍ୟା ଭୋଗ କରିଥିଲେ। ଅନ୍ୟପଟେ କର୍ମଚାରୀମାନେ ମୁଖ୍ୟାଳୟରେ ରହିବାକୁ ନିୟମ ଥିବା ବେଳେ ତୁରୁମୁଙ୍ଗା ଉପଖଣ୍ଡ ବିଦ୍ୟୁତ କାର୍ଯ୍ୟାଳୟର ଏସ୍‌ଡିଓ ତୁରୁମୁଙ୍ଗାରେ ନ ରହି କେନ୍ଦୁଝରରେ ରହୁଥିବା ଅଭିଯୋଗ ହେଉଛି। ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲାପାଳ ଦୃଷ୍ଟି ଦେଇ ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ପାଇଁ ଦାବି ହୋଇଛି।

## ଶିବ ବିବାହ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ



**କେନ୍ଦୁଝର,୨୭।୫(ସମିସ):** କେନ୍ଦୁଝର ସଦର ବ୍ଲକ ଅଧୀନ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମରେ ଥିବା ଶିବ ଦୁର୍ଗା ମନ୍ଦିରରେ ଶ୍ରୀବ୍ରହ୍ମେଶ୍ୱର ମହେଶଙ୍କର ଶିବ ବିବାହ ଉତ୍ସବ ଶୀତଳଷଷ୍ଠୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକର ନିଷ୍ପତ୍ତି କ୍ରମେ ଚଳିତ ମାସ ୩୦ ତାରିଖରୁ ଜୁନ ୧ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବାକୁ ଥିବାବେଳେ କୋଇଲିବୁଡ଼, ବରାନୁଗମନ, ଶୁଭବିବାହ, ପ୍ରୀତିଭୋଜନ ଆଦି କାର୍ଯ୍ୟକ୍ରମ ରହିଥିବା ଜଣାପଡ଼ିଛି। ଉତ୍ସବକୁ ଆକର୍ଷଣ କରିବା ପାଇଁ କମିଟି ତରଫରୁ ସମସ୍ତ ଆୟୋଜନ କରାଯାଉଛି। ଶିବ ଦୁର୍ଗା କମିଟିର ମୁଖ୍ୟ ଉପଦେଷ୍ଟା ରସାନନ୍ଦ ଘଣା, ପୂଜକ ପ୍ରସନ୍ନ ମହାପାତ୍ର, ସଦସ୍ୟ ଭୀମସେନ ନାଏକ, ପବନା ନାଏକ, ବସନ୍ତ ନାଏକ, ଶଶିଭୂଷଣ ମହାନ୍ତ, ନୁଟା ନାଏକ, ଯଦୁମଣି ନାଏକ, ଇନ୍ଦ୍ର ନାଏକ, କୀର୍ତ୍ତନ ନାଏକ, ଦୁଶାସନ ନାଏକ, ବାଙ୍କୁ ନାଏକ, ଦେବ ପାତ୍ର, ବିଭିଷଣ ନାଏକ, ଋଷିନାଥ ମହାନ୍ତ ଓ ସାଇବ ନାଏକ ପ୍ରମୁଖ ପ୍ରସ୍ତୁତି ବୈଠକରେ ଯୋଗଦେଇ ଆଲୋଚନା କରିଥିଲେ। ଉତ୍ସବରେ ଭକ୍ତଗଣ ଯୋଗଦେଇ ବ୍ରହ୍ମାଣ୍ଡ ସୃଷ୍ଟି କର୍ତ୍ତା ବାବାଙ୍କ କୃପା ଲାଭ କରିବାକୁ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ତରଫରୁ ନିବେଦନ କରିଛନ୍ତି।

### କାଳିଆହତା-ରେକୁଟି ପୂର୍ତ୍ତବିଭାଗ ରାସ୍ତା ଶୋଚନୀୟ

## ଆଣ୍ଠୁଏ କାଦୁଅରେ ଯାତାୟାତ କରୁଛନ୍ତି ଲୋକେ

**ତେଲକୋଇ,୨୭।୫(ସମିସ)**



ତେଲକୋଇ ବ୍ଲକର ଉପାନ୍ତ କାଳିଆହତାରୁ ରେକୁଟି ଗ୍ରାମକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଶୋଚନୀୟ ହୋଇପଡ଼ିଛି। ଦୁଇ ବର୍ଷ ହେବ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ତାହା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଫଳରେ ଲୋକେ ଆଣ୍ଠୁଏ କାଦୁଅରେ ଭଗବାନଙ୍କୁ ଭରଷା କରି ଯାତାୟାତ କରୁଛନ୍ତି। ରାସ୍ତାରେ ଏକ ପୋଲ ନିର୍ମାଣ ହୋଇଥିବା ବେଳେ ସଂଯୋଗୀକରଣ ସ୍ଥାନରେ ମେଟାଲ୍ ବଦଳରେ ଠିକା ସଂସ୍ଥା ମାଟି ପକାଇଥିବାରୁ ଅସରାଏ ବର୍ଷାରେ ଲୋକେ କାଦୁଅରେ ବହୁ ହିନସ୍ତା ହେଉଛନ୍ତି। ଦୁଇ ବର୍ଷ ହେବ ଏହି ପୋଲ ନିର୍ମାଣ ହୋଇଥିବା ବେଳେ ପୂର୍ତ୍ତ ବିଭାଗ ଏହାକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ଲୋକେ ଉକ୍ତ ସ୍ଥାନରେ ପଥର ପକାଇ ଯିବାଆସିବା କରୁଛନ୍ତି। ସ୍ଥାନୀୟ ଲୋକେ ଯେତେ ଅଭିଯୋଗ କଲେ ସୁଦ୍ଧା ବିଭାଗୀୟ ଅଧିକାରୀ ଏଥିପ୍ରତି ଆଖି ବୁଜି ଦେଇଥିବା ଲୋକେ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ଏହି ସମସ୍ୟା ପ୍ରତି ଦୃଷ୍ଟିଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବାଲି ବୋଝେଇ ଗାଡ଼ି ଚଳାଚଳ ବନ୍ଦ କଲେ ଗ୍ରାମବାସୀ

**ସୋସୋ,୨୭।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ବୈତରଣୀ ନଦୀ କୂଳରୁ ଦୈନିକ ଶହଶହ ହାଇୱା ଗାଡ଼ିରେ ବାଲି ବୋଝେଇ ହୋଇ ବେଆଇନ ଭାବେ ଚାଲାଣ ହେଉଥିବା ବେଳେ ଏଥିପ୍ରତି ପ୍ରଶାସନ, ପୁଲିସ ଓ ଖଣି ବିଭାଗର ଅଙ୍କୁଶ ଲାଗୁନାହିଁ। ବାଲି ଚୋରା ଚାଲାଣ ବୃଦ୍ଧି ପାଇଥିବାବେଳେ ଭାରୀଯାନ ଯାତାୟାତ ହେଉଥିବାରୁ ରାସ୍ତାଗୁଡ଼ିକ ଏବେ ମରଣଯନ୍ତା ପାଲଟିଛି। ଚଷାଖଣ୍ଡରୁ ଶାଳଣୀଆଁ ରାସ୍ତା କାଦୁଅ ପଚପଚ ହେବାସହିତ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ବର୍ଷବର୍ଷ ଧରି ରାସ୍ତାକୁ ମରାମତି ପାଇଁ ଦାବି ହୋଇଆସୁଥିଲେ ବି ଏଥିପ୍ରତି କାହାର ନଜର ନାହିଁ। ଏଭଳି କ୍ଷେତ୍ରରେ ମଙ୍ଗଳବାର



ଚଷାଖଣ୍ଡ ଗ୍ରାମବାସୀ ବାଲିବୋଝେଇ ଗାଡ଼ିଗୁଡ଼ିକୁ ରାସ୍ତାରେ ଯାତାୟାତ କରିବାକୁ ନେଇ ବିରୋଧ କରିବା ସହିତ ଏହି ଭାରୀଯାନ ଚଳାଚଳକୁ ବନ୍ଦକରିଛନ୍ତି। ଏନେଇ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ବାଲି ଚାଲାଣକାରୀ ସେହି ଗାଁରେ ପହଞ୍ଚି ବୁଝାସୁଝା କରୁଥିଲେ ବି ଗାଁ ଲୋକ ନିଜ ଜିଦ୍‌ରେ ଅଟଳ ଅଛନ୍ତି। ଯଦି ପ୍ରଶାସନ ଏଥିପ୍ରତି ଅଙ୍କୁଶ ନଲଗାଏ ତେବେ ଆଗାମୀ ଦିନରେ ଏହାକୁ ନେଇ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ସହ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି।

## ଧର୍ମାନ୍ତରୀକରଣ ଘଟଣାକୁ ନେଇ ପ୍ରଶାସନର ହସ୍ତକ୍ଷେପ ଦାବି



**ହାଟଡ଼ିହୀ,୨୭।୫(ସମିସ):** କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ବ୍ଲକର ଆଦିବାସୀ ଗରିବ ଲୋକମାନଙ୍କୁ କିଛି ବ୍ୟକ୍ତି ପ୍ରଲୋଭନ ଦେଖାଇ ଧର୍ମାନ୍ତରୀକରଣ କରୁଥିବା ଅଭିଯୋଗ ହେଉଛି। ଏନେଇ ସୋସୋ ଥାନା ଅଧୀନ ସୁନ୍ଦରାପାଳ ପଥରଗଦା ସାହିରେ ଦୁଇଦିନ ହେଲା ଉତ୍ତେଜନା ଲାଗିରହିଛି। ସୋମବାର ଶହଶହ ଗ୍ରାମବାସୀ ଏହାର ତୀବ୍ର ବିରୋଧ କରିବା ସହିତ ପ୍ରଶାସନର ହସ୍ତକ୍ଷେପ ଦାବି କରିଛନ୍ତି। ସୋସୋ ପୁଲିସ ଘଟଣାସ୍ଥଳକୁ ଆସିଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦେଇ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଧର୍ମ ପରିବର୍ତ୍ତନ କରୁଥିବା ଲୋକମାନେ ସରକାରଙ୍କର ବିଭିନ୍ନ ଯୋଜନାରେ ସାମିଲ ହୋଇ ଉପକୃତ ହେଉଥିବା ବେଳେ କାହିଁକି ଏଭଳି କରୁଛନ୍ତି, ତାହା ପ୍ରଶାସନ ବୁଝିବା ଦରକାର ବୋଲି ପ୍ରଦ୍ୟୁମ୍ନ ପାତ୍ର, ଅଲେଖ ପାତ୍ର, ଜଲ ବିରୁଆ, ମାନିକ ହୋ, ବିଜୟ ହୋ, ରଞ୍ଜନ ଜେନା, ପିଣ୍ଟୁ ମୁଣ୍ଡା, ମଦନ ହୋ, ରୁପକ ବେହେରା, ପ୍ରତାପ ଖଣ୍ଡେଇ ପ୍ରମୁଖ ଦାବି କରିଛନ୍ତି।


## ବ୍ଲକ୍ ସଭାଗୃହରେ ମିଳିତ ଅଭିଯୋଗ ଶୁଣାଣି

**ଯୋଡ଼ା,୨୭।୫(ସମିସ):** କେନ୍ଦୁଝର ଜିଲ୍ଲା ଯୋଡ଼ା ବ୍ଲକ ସଭାଗୃହରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍‌ର ୧୯ଟି ପଞ୍ଚାୟତ ଏବଂ ଯୋଡ଼ା ବଡ଼ବିଲ ପୌରପାଳିକାରୁ ଅନେକ ଲୋକ, ଜନପ୍ରତିନିଧି ଆସି ନିଜ ତଥା ଅଞ୍ଚଳର ସମସ୍ୟାଗୁଡ଼ିକର ସମାଧାନ ନିମନ୍ତେ ଅଭିଯୋଗ କରିଥିଲେ। ମୋଟ ୮୭ଟି ଅଭିଯୋଗ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଶୁଣିଥିବା ବେଳେ ତୁରନ୍ତ ସମାଧାନର ପ୍ରତିଶ୍ରୁତି ଦେଇଥିଲେ। ଖଣି ଅଞ୍ଚଳରେ ଜନସାଧାରଣଙ୍କ ଅନେକ ସମସ୍ୟା ମଧ୍ୟରେ ମୁଖ୍ୟତଃ ରାସ୍ତା, ଧୂଳି ଧୂଆଁ, ନିଯୁକ୍ତି, ଜମି ପଟ୍ଟା, ବିଜୁଳି ଆଦି ଅଭିଯୋଗ ରହିଥିଲା। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଶାଳ ସିଂ, ଆରକ୍ଷୀ ଅଧିକ୍ଷକ ନିତିନ କୁଶଳକର ଡାଙ୍ଗଡୁ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଜିଲ୍ଲା ବନ ବିଭାଗ ଅଧିକାରୀ ଏଚ୍ ଡି ଧନରାଜ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ପୃଷ୍ଟି, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ଅଧିକାରୀ କୁମାର ନାଗ ଭୂଷଣ, ଚମ୍ପୁଆ ରେଞ୍ଜର ଅକ୍ଷୟ ଛତ୍ରିଆ, ବଡ଼ବିଲ ରେଞ୍ଜର ସଂଜୀବ ରାଉତ, ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ପିଙ୍ଗୁଆ, ବଡ଼ବିଲ ତହସିଲଦାର ଅଶୋକ ପଣ୍ଡା, ବଡ଼ବିଲ ଥାନା ଅଧିକାରୀ, ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ, ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ, ବଡ଼ବିଲ ଏଆର୍‌ଟିଓ, ବିଡିଓ ଡାନିସ ବେହେରା, ଯୋଡ଼ା ବ୍ଲକ ଅଧକ୍ଷ କବିନ୍ଦ୍ର ନାଏକଙ୍କ ସହିତ ଅନ୍ୟ ସମସ୍ତ ବିଭାଗର ଆଞ୍ଚଳିକ ଅଧିକାରୀ ଅଂଶଗ୍ରହଣ କରିଥିଲେ।




## ଶ୍ରୀଦଧିବାମନ ଜୀଉଙ୍କ ମନ୍ଦିର ପରିଚାଳନାରେ ଅବ୍ୟବସ୍ଥା

### ସେବାୟତଙ୍କୁ ମିଳୁନି ସର୍ବନିମ୍ନ ପାଉଣା



**ଆନନ୍ଦପୁର,୨୭।୫(ସମିସ):** ଆନନ୍ଦପୁରର ଆରାଧ୍ୟ ଦେବତା ଶ୍ରୀଦଧିବାମନ ଜୀଉଙ୍କ ମନ୍ଦିର ପରିଚାଳନା ଅବ୍ୟବସ୍ଥାରେ ଚାଲିଥିବାରୁ ଶ୍ରଦ୍ଧାଳୁଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଦେବୋତ୍ତର ବିଭାଗ କିମ୍ବା ପ୍ରଶାସନ କୌଣସି ସମାଧାନ କରିପାରୁନଥିବା ବେଳେ ନୂଆକରି ଗଠିତ ହୋଇଥିବା ପରିଚାଳନା କମିଟି କୌଣସି ଦାୟିତ୍ୱ ତୁଲାଇ ପାରୁନଥିବା ଜଣାଯାଇଛି। ସେବାୟତମାନେ ସର୍ବନିମ୍ନ ପାଉଣା ପାଉନଥିବାରୁ ନୀତିକାନ୍ତି ଅନେକ ସମୟରେ ପ୍ରଭାବିତ ହୋଇଛି। ବିଭିନ୍ନ ସ୍ଥାନରେ ଏକର ଏକର ଚାଷ ଜମି ଥିଲେ ମଧ୍ୟ କିଣା ଚାଉଳରେ ହେଉଛି ନୀତିଧୂପ। ଦୋକାନ ଘର, ଆନନ୍ଦବଜାର ଓ କଲ୍ୟାଣମଣ୍ଡପ ଭଳି ଉତ୍ସରୁ ଆଦାୟ ହେବାକୁ ଥିବା ଅର୍ଥ ଜନୈକ ବ୍ୟକ୍ତି ହରିଲୁଟ କରୁଥିବାରୁ ଆର୍ଥିକ ସଙ୍କଟ ମୁଖ୍ୟ ସମସ୍ୟା ରୂପେ ଠିଆ ହୋଇଛି। ଂଚୋ ଅକରୁଆ ବାଉଁଶଗଡ଼ର ଚାଷ ଜମି ଜବରଦଖଲ ହୋଇପଡ଼ିଛି। ଆନନ୍ଦପୁର ପାଟକୁଳ ସାହି ନିକଟରେ ଥିବା ପ୍ରାୟ ୫୦ ଡିସମିଲ ଜମିକୁ ଆୟତ୍ତକୁ ଆଣିବାପାଇଁ କାହାରି ଆନ୍ତରିକତା ପ୍ରକାଶ ପାଉନଥିବା ପରିତାପର ବିଷୟ। ବାରମାସରେ ତେର ପର୍ବ ପାଇଁ ଆର୍ଥିକ ସମସ୍ୟା ହେଉଥିବାରୁ ପାରମ୍ପରିକ କାର୍ଯ୍ୟକ୍ରମ ବନ୍ଦ ହେବା ପରିସ୍ଥିତି ସୃଷ୍ଟି ହେଲାଣି। ପ୍ରତିବର୍ଷ ରଥ କାଠ ସଂଗ୍ରହ ଏବଂ ମରାମତି ପାଇଁ ଲକ୍ଷାଧିକ ଟଙ୍କାର ଆବଶ୍ୟକତା ଥିବାବେଳେ ଦେବୋତ୍ତର ବିଭାଗର ଅନୁଦାନ ଅତ୍ୟନ୍ତ ନୈରାଶ୍ୟ ଜନକ ହେଉଥିବାରୁ ପରିଚାଳନା ଗତ ବିଭ୍ରାଟ ଚିନ୍ତାର କରଣ ହୋଇଛି। ଏସବୁର ସମାଧାନ ପାଇଁ ଦେବୋତ୍ତର ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଆନନ୍ଦପୁର ଭଳି ଏକ ସମ୍ବେଦନଶୀଳ ଉପଖଣ୍ଡର ପ୍ରଶାସନ ଦାୟିତ୍ୱରେ ଥିବା ଉପଜିଲ୍ଲାପାଳ ଏତେବଡ଼ ମନ୍ଦିରର ଟିକନିକ ପରିଚାଳନା ବୁଝିବା କଷ୍ଟକର। ତେବେ ଏହା ସରକାରୀ ବ୍ୟବସ୍ଥା ହୋଇଥିବାରୁ ସମାଧାନ ଉଦ୍ୟମ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି।

## ଦଧିବାମନ ଜୀଉଙ୍କ ଜମିରେ ଫଳ ଚାରାରୋପଣ



**ଚମ୍ପୁଆ,୨୭।୫(ସମିସ):** ଚମ୍ପୁଆ ବ୍ଲକ ଅଧୀନ ବଡ଼ନଇ ପଞ୍ଚାୟତର ପଳଶା ଗ୍ରାମରେ ଦଧିବାମନ ଜୀଉଙ୍କ ୨୦ ଏକରରୁ ଉର୍ଦ୍ଧ୍ୱ ଜମିରେ ମେଗା ଫଳ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ଏସିଏଫ୍ ଅକ୍ଷୟ ଛତ୍ରିୟା ଏବଂ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ, ଗଣମାଧ୍ୟମ ପ୍ରତିନିଧି, ସମିତି ସଭ୍ୟ, ସହକାରୀ ଜିଲ୍ଲାପାଳ ଫୁଲଲାଇ ବେଶ୍ରା, ପ୍ରକୃତି ବନ୍ଧୁ ରମାକାନ୍ତ ପ୍ରଧାନ, ଅଧ୍ୟାପକ ରାଜକିଶୋର ମହାନ୍ତ ପ୍ରମୁଖ ଯୋଗଦେଇ ଏହି ଚାରାରୋପଣ କାର୍ଯ୍ୟକୁ ସଫଳ କରିଥିଲେ। ବିଭିନ୍ନ ପ୍ରଜାତିର ୨ ହଜାରରୁ ଉର୍ଦ୍ଧ୍ୱ ଆମ୍ବ ଚାରାରୋପଣ କରାଯାଇଛି। ସ୍ଥାନୀୟ ଅଧିବାସୀମାନଙ୍କୁ ଆର୍ଥିକ ସ୍ୱାବଲମ୍ବନ କରିବା ସହିତ ଦଧିବାମନ ମନ୍ଦିରର ଆୟ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଚାରାରୋପଣ କରାଯାଇଛି। ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ସ୍ଥାନୀୟ ଲୋକଙ୍କ ହାତରେ ଅର୍ପଣ କରାଯିବ ଏବଂ ଦେବୋତ୍ତର ବିଭାଗ ପକ୍ଷରୁ ଏହାର ଦାୟିତ୍ୱ ନିଆଯିବ ବୋଲି ଜଣାଯାଇଛି। ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କର ଉଦ୍ୟମ କ୍ରମେ ପଳଶା ଗ୍ରାମର ଅପନ୍ତରା ଜମିର ରୂପରେଖ ପରିବର୍ତ୍ତନକୁ ନେଇ ଅଞ୍ଚଳବାସୀ ତାଙ୍କୁ ସାଧୁବାଦ ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବନାଞ୍ଚଳ କର୍ମଚାରୀ ସହଯୋଗ କରିଥିଲେ।

## ସାହିତ୍ୟ, ସଂସ୍କୃତି ଓ କଳା ପ୍ରତିଷ୍ଠାନର କାର୍ଯ୍ୟକ୍ରମ

**କେନ୍ଦୁଝର,୨୭।୫(ସମିସ):** କେନ୍ଦୁଝରର ସାହିତ୍ୟ, ସଂସ୍କୃତି ଓ କଳା ପ୍ରତିଷ୍ଠାନର ସଭାପତି ତଥା ତେଲକୋଇର ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକଙ୍କ ନେତୃତ୍ୱରେ ଏକ ଅଣ ଆନୁଷ୍ଠାନିକ ଆଲୋଚନା ଗୋନାସିକା ନିକଟସ୍ଥ ବୈତରଣୀ କୂଳ ନିକଟରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଂପ୍ରସାରଣ, ବାର୍ଷିକ ଉତ୍ସବ ଓ ଏହାର ମୁଖପତ୍ର "ମହାଦୀପ'ର ପ୍ରକାଶନ ସମ୍ପର୍କରେ ଆଲୋଚନା ହୋଇଥିବା କାର୍ଯ୍ୟକାରୀ ସଭାପତି ଡ. ବିମ୍ବାଧର ବେହେରା ଜଣାଇଛନ୍ତି। କେନ୍ଦୁଝରର ଆଦିବାସୀ କଳା ଓ ସଂସ୍କୃତିର ସାଂପ୍ରତିକ ପରିବର୍ତ୍ତନ ସଂପର୍କରେ ଗବେଷଣାତ୍ମକ ତଥ୍ୟ ସଂଗ୍ରହ ଉପରେ ସଭାପତି, କାର୍ଯ୍ୟକାରୀ ସଭାପତି ଓ ଅନ୍ୟାନ୍ୟ ସଦସ୍ୟମାନେ ଆଗ୍ରହ ପ୍ରକାଶ କରିଛନ୍ତି। କେନ୍ଦୁଝରର ପର୍ଯ୍ୟଟନ ଉପରେ ଏହାର ଭୂମିକା ଅନୁଧ୍ୟାନ କରାଯାଇପାରେ। ପରିବେଶ ଓ ପର୍ଯ୍ୟଟନ ଉପରେ ସାଧାରଣ ଲୋକଙ୍କୁ ସଚେତନ କରାଯାଇପାରିବ। ପ୍ରତିଷ୍ଠାନର ଉପସଭାପତି ନରେଶ ପଟ୍ଟନାୟକ, ସମ୍ପାଦକ ମନୋଜ ଦାଶ, ସହସମ୍ପାଦକ କରୁଣାକର ବାରିକ ଉପସ୍ଥିତ ରହି ମତପ୍ରକାଶ କରିଥିଲେ।

## ବନନିଗମ କର୍ମଚାରୀ ସଂଘର ସମ୍ମିଳନୀ

**କେନ୍ଦୁଝର,୨୭।୫(ସମିସ):** ନିଖିଳ ଉତ୍କଳ ବନନିଗମ କର୍ମଚାରୀ ସଂଘ କେନ୍ଦୁଝର ଶାଖାର ଦ୍ୱିବାର୍ଷିକ ସମ୍ମିଳନୀ ତୈଳିକ ସମାଜ ସଭାଗୃହରେ ସଭାପତି ଦେବେନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ୟୁନିଟ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। କେନ୍ଦ୍ରୀୟ କମିଟି କାର୍ଯ୍ୟକାରୀ ସଭାପତି ସଂଗ୍ରାମ ପଟ୍ଟନାୟକ, ସାଧାରଣ ସମ୍ପାଦକ ରଙ୍ଗାଧର ନାୟକ, ଉପସଭାପତି ଅର୍ଜୁନ ସେଠୀ ଏବଂ ଆଞ୍ଚଳିକ ସମ୍ପାଦକ ଉମାଶଙ୍କର ପାଣିଗ୍ରାହୀ, ଉପଦେଷ୍ଟା ଅକ୍ଷୟ ବିଶ୍ୱାଳ, ଯୁଗ୍ମ ସମ୍ପାଦକ ରାକେଶ ଜେନା, ଦୀପ୍ତିରଞ୍ଜନ ସାହୁ, ପୂର୍ବତନ କାର୍ଯ୍ୟକାରୀ ସଭାପତି ଭୁବନେଶ୍ୱର ଅଞ୍ଚଳ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମର ଉନ୍ନତିକରଣ ନେଇ ମତପ୍ରକାଶ କରିଥିଲେ। ଆଗାମୀ ବର୍ଷ ପାଇଁ ସଂଘର ନୂତନ କାର୍ଯ୍ୟକର୍ତ୍ତା ନିର୍ବାଚନରେ କୃଷ୍ଣଚନ୍ଦ୍ର ମହାପାତ୍ର ସଭାପତି, ଦିବ୍ୟରଞ୍ଜନ ବେହେରା ଉପସଭାପତି, ଦୀପ୍ତିରଞ୍ଜନ ସାହୁ ସମ୍ପାଦକ, ଜ୍ୟୋତିପ୍ରକାଶ ଗୁମାନସିଂ ସହସମ୍ପାଦକ, ନସୋମା ମୁଣ୍ଡା କୋଷାଧ୍ୟକ୍ଷ, ସୁନୀଲ ନାୟକ ସଂଗଠନ ସମ୍ପାଦକ, ଝରଣା ପରିଡ଼ା ସମୀକ୍ଷକ ଭାବେ ନିର୍ବାଚିତ ହୋଇ ଶପଥ ଗ୍ରହଣ କରିଥିଲେ।

## ଚମ୍ପୁଆ ରେଞ୍ଜ ଖଣି ଅଞ୍ଚଳରେ ୪୦ ହାତୀ

### ଗତିବିଧି ଉପରେ ନଜର ରଖିଛି ବନବିଭାଗ



**ଯୋଡ଼ା,୨୭।୫(ସମିସ):** କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାମେବାରୀ, ବାଲିବନ୍ଧ, ଯୋଡ଼ା ସେକ୍ସନରେ ୪୦ଟି ହାତୀ ବିଚରଣ କରୁଥିବା ସୂତ୍ରରୁ ଜଣାପଡ଼ିଛି। ଦିନ ତମାମ ହାତୀପଲ ବିଭିନ୍ନ ଜଙ୍ଗଲରେ ରହୁଥିବା ବେଳେ ରାତିରେ ଗ୍ରାମାଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ଚାଲି ଆସୁଛନ୍ତି। ଏନେଇ ଗଜସାଥି ଓ ବନ କର୍ମଚାରୀ ସର୍ବଦା ହାତୀମାନଙ୍କ ଉପରେ ନଜର ରଖିବାସହ ଡ୍ରୋନ ମାଧ୍ୟମରେ ସେମାନଙ୍କ ଗତିବିଧି ଲକ୍ଷ୍ୟ ରଖାଯାଇଛି। ଏବେ ଖଣି ଅଞ୍ଚଳରେ ୪୦ଟି ହାତୀ ବିଚରଣ କରୁଥିବା ଜଣାପଡ଼ିଛି। ୧୪ଟି ହାତୀ ଚମକପୁର, ଧୋବାକୁଚୁଡ଼ା ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ରହୁଥିବା ବେଳେ ୧୮ଟି ହାତୀ ବୈତରଣୀ ନିକଟ ଖଣ୍ଡବନ୍ଧ ସଂରକ୍ଷିତ ଜଙ୍ଗଲ ଏବଂ ୮ଟି ହାତୀ ବିକ୍ରୟମୁକ୍ତ ମହାପର୍ବତ ସଂରକ୍ଷିତ ଜଙ୍ଗଲରେ ରହୁଛନ୍ତି। ଚମକପୁର, ଧୋବାକୁଚୁଡା ନିକଟରେ ରହୁଥିବା ୧୪ ହାତୀ ମଧ୍ୟରୁ ଗୋଟିଏ ଦନ୍ତା, ୭ ମାଇହାତୀ ଥିବାବେଳେ ୬ଟି ଛୁଆ ରହିଛନ୍ତି। ଖଣ୍ଡବନ୍ଧ ସଂରକ୍ଷିତ ଜଙ୍ଗଲରେ ୧୮ଟି ହାତୀ ମଧ୍ୟରୁ ଦନ୍ତା ୩ଟି, ମାଇହାତୀ ୯ଟି ଏବଂ ଛୁଆ ୬ଟି ରହିଛନ୍ତି। ବାମେବାରୀ ସେକ୍ସନ ମହାପର୍ବତ ସଂରକ୍ଷିତ ଜଙ୍ଗଲରେ ୮ ହାତୀ ମଧ୍ୟରୁ ଦନ୍ତା ଗୋଟିଏ, ମାଇହାତୀ ୪ ଏବଂ ଛୁଆ ୩ଟି ରହିଛନ୍ତି। ଖଣି ଅଞ୍ଚଳରେ ଅନବରତ ଖଣି ଖନନ, ଧ୍ୱନି ପ୍ରଦୂଷଣ ଦ୍ୱାରା ବେଳବେଳେ ହାତୀ ଜନବସତିକୁ ଆସି ଧନଜୀବନ ନଷ୍ଟ କରୁଥିବା ଏବଂ ହାତୀ ଓ ମନୁଷ୍ୟ ଲଢେଇରେ ଉଭୟଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବନ ବିଭାଗ ପକ୍ଷରୁ ସ୍କ୍ୱାର୍ଡ ଓ ଗଜସାଥୀ ହାତୀମାନଙ୍କ ଗତିବିଧି ଉପରେ ୨୪ ଘଣ୍ଟା ନଜର ରଖିଛନ୍ତି। ଏହାସହିତ ରେଳ ବିଭାଗ, ବିଦ୍ୟୁତ ବିଭାଗ ଓ ଜାତୀୟ ରାଜପଥ ପ୍ରାଧିକରଣ ସହ ଯୋଗାଯୋଗରେ ରହୁଛନ୍ତି। ବାଲିବନ୍ଧ ଯୋଡ଼ା ସେକ୍ସନରେ ୱାଚ ଟାୱାର ନିର୍ମାଣ କରିବା ସହ ଧାନ ବିଲ ଓ ଜନଜୀବନ ସୁରକ୍ଷା ନିମନ୍ତେ ତିନି କିଲୋମିଟର ବ୍ୟାସାର୍ଦ୍ଧରେ ଏକସୁରକ୍ଷା ଖାଇ ନିର୍ମାଣ କରାଯାଇଛି। ହାତୀ ରହୁଥିବା ସ୍ଥାନରେ ସ୍ଥାନୀୟ ଗ୍ରାମବାସୀଙ୍କ ସଚେତନ ଓ ସହଯୋଗ ମିଳୁଥିବା ନେଇ ଚମ୍ପୁଆ ରେଞ୍ଜ ଅଫିସର ଅକ୍ଷୟ ଛତ୍ରିଆ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି।

## ମାର୍ଦ୍ଦାରେ ଘର ଭାଙ୍ଗିଲେ ୮ ଟିକିଆ ହାତୀପଲ

**ତେଲକୋଇ,୨୭।୫(ସମିସ):** କେନ୍ଦୁଝର ଜିଲ୍ଲା ତେଲକୋଇ ରେଞ୍ଜ ରାଇସୁଆଁ ପଞ୍ଚାୟତ ମାର୍ଦ୍ଦା ଗ୍ରାମରେ ୮ଟିକିଆ ହାତୀପଲଙ୍କ ଉତ୍ପାତ ଦେଖିବାକୁ ମିଳିଛି। ଗତକାଲି ରାତିରେ ହାତୀପଲ ଗ୍ରାମର ଋଷିଆ ଲେଙ୍ଗାଙ୍କ ୩ ବଖରା ଘର ଭାଙ୍ଗିବା ସହିତ ୬ ବସ୍ତା ଧାନ ଓ ଏକ କୁଇଣ୍ଟାଲ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ପରିବାର ଲୋକେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ହାତୀପଲ ଖାଦ୍ୟ ଅନ୍ୱେଷଣରେ ଘର କାନ୍ଥ ଭାଙ୍ଗି ଧାନ ଚାଉଳ ଖାଇବା ସହିତ ଆସବାବପତ୍ର ଭାଙ୍ଗିରୁଜି ନଷ୍ଟ କରି ଦେଇଛନ୍ତି। ପରିବାର ଲୋକେ କୌଶଳକ୍ରମେ ଖସି ଆସିଥିବା ବେଳେ ଗ୍ରାମବାସୀ ହାତୀପଲକୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ହାତୀପଲ ହଟି ନଥିଲେ। ପ୍ରାୟ ଘଣ୍ଟାଏ କାଳ ଉତ୍ପାତ କରିବା ପରେ ହାତୀପଲ ପଳାଇଥିଲେ। ବନ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରି ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



**ନୂଆ ସରକାରକୁ ପୂରିବ ବର୍ଷେ**

# ଖୋଲିଲାନି ମୟୂରଭଞ୍ଜ ଆୟୁର୍ବେଦ ମହାବିଦ୍ୟାଳୟ

ବାରିପଦା, ୨୭।୫(ସମିସ):

ବାରିପଦାରେ ଥିବା ଉତ୍ତର ଓଡିଶାର ପୁରାତନ ବୃହତ୍ ଶିକ୍ଷାନୁଷ୍ଠାନ ମୟୂରଭଞ୍ଜ ଆୟୁର୍ବେଦ ମହାବିଦ୍ୟାଳୟ ପୁଣି ଥରେ ଖୋଲିବା ଆଶା ପୂରଣ ହେଲାନାହିଁ। ସମ୍ପ୍ରତି ଏହି କଲେଜ ଭୂତକୋଠି ପାଲଟି ମାଟିରେ ମିଶିବାକୁ ବସିଲାଣି। ଏହି ମହାବିଦ୍ୟାଳୟର ପୁରାତନ ଛାତ୍ର ଡା.କୃଷ୍ଣଚନ୍ଦ୍ର ମହାପାତ୍ର ମନ୍ତ୍ରୀ ହେବା ପରେ ପୁଣି ଶିକ୍ଷାଦାନ ହେବ ବୋଲି ଜିଲ୍ଲାବାସୀ ଆଶା କରିଥିଲେ; କିନ୍ତୁ ସବୁ ଆଶା ପାଣିରେ ମିଳେଇଯାଇଛି। ଜିଲ୍ଲାର ଏକମାତ୍ର ଅଣସଂରକ୍ଷିତ ମୋରଡା ବିଧାନସଭା ଆସନରୁ ସେ ବିଜୟୀ ହୋଇ ମନ୍ତ୍ରୀ ହୋଇଛନ୍ତି। ତେଣୁ ଆୟୁର୍ବେଦିକ ମହାବିଦ୍ୟାଳୟରେ ପୁଣି ଥରେ ଶିକ୍ଷାଦାନ ଆରମ୍ଭ ହେବ ନେଇ ଜିଲ୍ଲାବ୍ୟାପୀ ଚର୍ଚ୍ଚା ଜୋର ଧରିଥିଲା; ମାତ୍ର ନୂଆ ସରକାରକୁ ବର୍ଷେ ପୂରିବାକୁ ଯାଉଥିଲେ ହେଁ ଆଶା କେବଳ ଆଶାରେ ହିଁ ରହିଯାଇଛି। ଅପରପକ୍ଷରେ ମୁଖ୍ୟମନ୍ତ୍ରୀ ରାଇରଙ୍ଗପୁରରେ କେନ୍ଦ୍ର ସରକାରଙ୍କ ଅନୁଦାନରେ ଆୟୁର୍ବେଦ ମହାବିଦ୍ୟାଳୟ ପ୍ରତିଷ୍ଠା ଘୋଷଣା ପରେ ଏହି ମହାବିଦ୍ୟାଳୟ ପୁନରୁଦ୍ଧାରରେ ଏକ ପ୍ରକାର ଯବନିକା ପଡିଛି ବୋଲି ଚର୍ଚ୍ଚା ହେଉଛି। ତତ୍କାଳୀନ ମୟୂରଭଞ୍ଜ ରାଜ୍ୟରେ ମହାରାଜାଙ୍କ ଶାସନ କାଳରେ ଆଧୁନିକ ଚିକିତ୍ସାଳୟ ନ ଥିବାରୁ ବାରିପଦା ସହରରେ କବିରାଜଖାନା ପ୍ରତିଷ୍ଠା ହୋଇଥିଲା। ଶିମିଳିପାଳ ଅଭୟାରଣ୍ୟରୁ ପ୍ରଚୁର ଔଷଧୀୟ ଦ୍ରବ୍ୟ ସହ ବ୍ୟୟରେ ମିଳୁଥିବାରୁ ସମସ୍ତେ ଆୟୁର୍ବେଦ ଚିକିତ୍ସା ଉପରେ ନିର୍ଭର କରୁଥିଲେ। ଆୟୁର୍ବେଦ ଚିକିତ୍ସାର ଲୋକପ୍ରିୟତାକୁ ଦୃଷ୍ଟିରେ ରଖି କେତେଜଣ ବୁଦ୍ଧିଜୀବି ଏବଂ ସମାଜସେବୀ ୧୯୮୩ ମସିହାରେ ଘରୋଇ ଭାବେ ଏହି ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ପରିଚାଳନା ସମିତିର ସରକାରୀ ଅନୁମୋଦନ ବେଳେ ଜିଲ୍ଲାପାଳଙ୍କ ସଭାପତି ଏବଂ ମହାବିଦ୍ୟାଳୟର ଅଧକ୍ଷଙ୍କୁ ସଂପାଦକ ରୂପେ ମନୋନୀତ କରି ରାଜ୍ୟ ସରକାର ପରିଚାଳନା ସମିତି ପୁନର୍ଗଠନ କରିଥିଲେ।




୧୯୮୩ରୁ ୨୦୦୭ ମସିହା ପର୍ଯ୍ୟନ୍ତ ବହୁ ବାଧାବିଘ୍ନ ମଧ୍ୟରେ ରାଜ୍ୟର ଅନ୍ୟ ଘରୋଇ ଆୟୁର୍ବେଦ ମହାବିଦ୍ୟାଳୟରୁ ଭଲଭାବେ ଚାଲିଥିଲା ଏବଂ ପ୍ରତିବର୍ଷ ୩୦ ଜଣ କରି ଡାକ୍ତର ବାହାରୁଥିଲେ। ମାତ୍ର କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଗଠନ ହେବା ପରେ ଆୟୁର୍ବେଦ ମହାବିଦ୍ୟାଳୟଗୁଡିକର ପାହ୍ୟାବୃଦ୍ଧି ପାଇଁ କେନ୍ଦ୍ରୀୟ ଆୟୁର୍ବେଦ ପରିଷଦର ନର୍ମସ ଅନୁଯାୟୀ ଅଧାପକ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କଲେଜରେ ଜିଲ୍ଲାପାଳ ସଭାପତି ଥିବାରୁ ସମସ୍ତ ସରକାରୀ ନୀତି ନିୟମ ଅନୁଯାୟୀ କଲେଜ ପରିଚାଳନା ହେଉଥିବା ଏବଂ ସରକାରୀ ମନୋନୟନ କମିଟି ଦ୍ୱାରା ଅଧାପକ ନିଯୁକ୍ତ କରାଯାଉଥିବାରୁ ରାଜ୍ୟର ଅନ୍ୟ ଘରୋଇ ଆୟୁର୍ବେଦ ମହାବିଦ୍ୟାଳୟ ଭଳି ସରଳ ଉପାୟରେ କିମ୍ବା ଅଧିକ ବେତନ ଦେଇ ଅଧାପକ ନିଯୁକ୍ତ କରିବା ସମ୍ଭବ ହୋଇପାରିଲା ନାହିଁ। ଫଳସ୍ୱରୂପ ୨୦୦୮ ଶିକ୍ଷାବର୍ଷଠାରୁ କେନ୍ଦ୍ରସରକାର ଛାତ୍ର ଗ୍ରହଣ କରିବା ପାଇଁ ଅନୁମତି ବନ୍ଦ କରିଦେଇଥିଲେ। ଫଳରେ ଦିନକୁଦିନ ଏହି କଲେଜ ଦୁର୍ବଳ ହୋଇପଡିଲା। ପରିଚାଳନା ସମିତିରେ ଜିଲ୍ଲାପାଳ ସଭାପତି ଥିବାରୁ ଅନ୍ୟ ସଦସ୍ୟଙ୍କ ଗୁରୁତ୍ୱ ନ ଥିବାରୁ ଭବିଷ୍ୟତରେ ଅଚଳ ଅବସ୍ଥା ସୃଷ୍ଟି ହେବାର ଆଶଙ୍କା କରି ୨୦୦୪ ମସିହାରେ ପରିଚାଳନା ସମିତିରୁ ଜିଲ୍ଲାପାଳକୁ ବାଦଦେଇ ସଂପୂର୍ଣ୍ଣ ଘରୋଇ ଭାବେ ପରିଚାଳନା ସମିତି ପୁନର୍ଗଠନ କରିବାକୁ ତତ୍କାଳୀନ ଜିଲ୍ଲାପାଳ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ମାତ୍ର ରାଜ୍ୟ ସରକାର ଯଦି ସେ ପ୍ରସ୍ତାବକୁ ସେତେବେଳେ ଗ୍ରହଣ କରି ରାଜ୍ୟର ଅନ୍ୟ ଘରୋଇ ଆୟୁର୍ବେଦ ମହାବିଦ୍ୟାଳୟ ଭଳି ସଂପୂର୍ଣ୍ଣ ଘରୋଇ ଭାବେ ପରିଚାଳନା ସମିତି ପୁନର୍ଗଠନ କରି ପରିଚାଳନା କରିବାକୁ ଅନୁମତି ଦେଇଥାନ୍ତେ ତେବେ କଲେଜ ପୂର୍ବବତ ଚାଲୁଥାନ୍ତା। ସ୍ଥାନୀୟ ସାଂସଦ, ମନ୍ତ୍ରୀ, ବିଧାୟକମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସ୍ୱାସ୍ଥ୍ୟ ବିଭାଗ ଉକ୍ତ ମହାବିଦ୍ୟାଳୟକୁ ସରକାର ହାତକୁ ନିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଅର୍ଥ ବିଭାଗର ସମ୍ମତି ମାଗିଥିଲେ। ଅର୍ଥବିଭାଗ ଉକ୍ତ ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ସମୟରେ ବିଭିନ୍ନ ପ୍ରଶ୍ନ ଉଠାଇ ସାସ୍ଥ୍ୟ ବିଭାଗକୁ ବାରମ୍ବାର ଫାଇଲ ଫେରାଉଥିଲେ। ସ୍ୱାସ୍ଥ୍ୟ ବିଭାଗ ସମସ୍ତ ପ୍ରଶ୍ନର ସଠିକ ଉତ୍ତର ସହ ୨୦୦୯ରୁ ୨୦୧୬ ମସିହା ମଧ୍ୟରେ ୬ଥର ଫାଇଲ ଅର୍ଥ ବିଭାଗକୁ ଦେଇଥିଲେ ମଧ୍ୟ ସମ୍ମତି ମିଳି ନ ଥିଲା। ପରବର୍ତ୍ତୀ ସମୟରେ ମନ୍ତ୍ରୀ, ବିଧାୟକ, ସାସ୍ଥ୍ୟସଚିବ, ଉଚ୍ଚ ଶିକ୍ଷାସଚିବ, ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ, ଆୟୁଷ ନିର୍ଦ୍ଦେଶକ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କୁଳପତି, ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ମହାବିଦ୍ୟାଳୟର ଅଧକ୍ଷ ତଥା ସଂପାଦକ ବୈଠକ ମାଧ୍ୟମରେ ସମାଧାନ ପନ୍ଥା ବାହାର କରିଥିଲେ। ଜିଲ୍ଲା ଖଣିଜ ପାଣ୍ଠିରୁ କଲେଜ ପରିଚାଳନା ପାଇଁ ଆୟୁଷ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଆୟୁଷ ନିର୍ଦ୍ଦେଶକ ୨କୋଟି ୨୨ଲକ୍ଷ ଟଙ୍କା ଖର୍ଚ୍ଚ ହେବାର ରିପୋର୍ଟ ଦେବା ପରେ ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଅନ୍ୟ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଖଣିଜ ପାଣ୍ଠି ପରିବର୍ତ୍ତେ ସ୍ୱାସ୍ଥ୍ୟ ବିଭାଗରୁ ଆର୍ଥିକ ଅନୁଦାନ ଦେଇ ମହାବିଦ୍ୟାଳୟକୁ ଚଳାଇବା ନିଷ୍ପତ୍ତି ହୋଇଥିଲା। ପୁଣି ଉନ୍ନୟନ କମିଶନରଙ୍କ ଅଧକ୍ଷତାରେ କେବଳ ଅର୍ଥ ସଚିବ, ସ୍ୱାସ୍ଥ୍ୟସଚିବ ଓ ଉଚ୍ଚଶିକ୍ଷା ସଚିବଙ୍କ ଏକ ବୈଠକ ଅନୁଷ୍ଠିତ ହୋଇ ମହାବିଦ୍ୟାଳୟ ନ ଚଳାଇ କେବଳ ସଂଲଗ୍ନ ଚିକିତ୍ସାଳୟ ଚଳାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗରୁ ଅନୁଦାନ କିମ୍ବା ଜିଲ୍ଲା ଖଣିଜ ପାଣ୍ଠିରୁ ଅର୍ଥ ଯୋଗାଇବାର ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତିର ପୁନର୍ବିଚାର ପାଇଁ ସ୍ଥାନୀୟ ଜିଲ୍ଲାପାଳ ତଥା ପରିଚାଳନା ସମିତିର ସଭାପତି ମହାବିଦ୍ୟାଳୟକୁ ନ ଚଳାଇ କେବଳ ମହାବିଦ୍ୟାଳୟ ସଂଲଗ୍ନ ଚିକିତ୍ସାଳୟ ଚଳାଇଲେ ସମସ୍ୟାର ସମାଧାହେବ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗକୁ ଅବଗତ କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲା ଗସ୍ତରେ ଆସି ରାଜ୍ୟ ସରକାର ମହାବିଦ୍ୟାଳୟ ପରିଚାଳନା ଦାୟିତ୍ୱ ବହନ କରିବା ନେଇ କରିଥିବା ଘୋଷଣାକୁ କାର୍ଯ୍ୟକାରୀ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ ଏବଂ ୩ବର୍ଷ ତଳେ ସାସ୍ଥ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଘୋଷଣାକୁ କାର୍ଯ୍ୟକାରୀ ନିମନ୍ତେ ସାସ୍ଥ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସାସ୍ଥ୍ୟମନ୍ତ୍ରୀ ବିଧାନସଭା ପ୍ରଶ୍ନୋତ୍ତରରେ ଉକ୍ତ କଲେଜକୁ ସରକାର ହାତକୁ ନେବାର ପ୍ରସ୍ତାବ ବିଚାରାଧୀନ ଅଛି ବୋଲି ଉତ୍ତର ରଖି ଚାଲିଥିଲେ। ମାତ୍ର ଇତି ମଧ୍ୟରେ କଲେଜ ସରକାରୀ ହେବାର ଆଶା ରଖି କିଛି କର୍ମଚାରୀ ଅବସର ନେଲେଣି ତ ଅନ୍ୟ କେତେକଙ୍କ ମୃତ୍ୟୁ ଘଟିଲାଣି ଏବଂ କେତେକ କର୍ମଚାରୀ ଅବସର ଅପେକ୍ଷାରେ ରହିଛନ୍ତି। କିନ୍ତୁ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରୀ ହୋଇପାରିଲା ନାହିଁ। କେନ୍ଦ୍ର ସରକାରଙ୍କ ନୋଟିସ୍ ଉତ୍ତର ଓଡ଼ିଶାର ଏକମାତ୍ର ଆୟୁର୍ବେଦ ମହାବିଦ୍ୟାଳୟର ଅସ୍ତିତ୍ୱ ଲୋପ ପାଇବାକୁ ବସିଲାଣି। ବର୍ତ୍ତମାନ କଲେଜରୁ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ହେବା ମଧ୍ୟ ଆରମ୍ଭ ହେଲାଣି। ଜିଲ୍ଲାପାଳ, ସ୍ଥାନୀୟ ଲୋକ ପ୍ରତିନିଧି ଓ ବିଭିନ୍ନ ରାଜନୈତିକ ଦଳ ଓ ସଂଗଠନ ତରଫରୁ ବାରମ୍ବାର ଅନୁରୋଧ ସତ୍ତ୍ୱେ ୨୦୦୯ ମସିହାରୁ ଅଦ୍ୟାବଧି ରାଜ୍ୟ ସରକାର ଉକ୍ତ ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ନ ଦେବା ଅତ୍ୟନ୍ତ କ୍ଷୋଭ ବିଷୟ ବୋଲି ଜିଲ୍ଲାବାସୀ ଅଭିଯୋଗ କରିଛନ୍ତି।

**ପୂର୍ବତନ ଛାତ୍ର ଡା. କୃଷ୍ଣଚନ୍ଦ୍ର ମହାପାତ୍ର କ୍ୟାବିନେଟ ମନ୍ତ୍ରୀ ହେବା ପରେ ଜିଲ୍ଲାବାସୀ ଥିଲେ ଆଶାବାଦୀ**

## ଟ୍ରାକ୍ଟର ଦୁର୍ଘଟଣାରେ ଦୁଇ ଗୁରୁତର

ବଡ଼ବିଲ, ୨୭।୫(ସମିସ): କେନ୍ଦୁଝର ଜିଲ୍ଲା ରୁଗୁଡି ଥାନା ରୋଇଡା ଭଦ୍ରାସହି ରାସ୍ତାରେ ଆଜି ଅପରାହ୍ନରେ ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହେବାରୁ ୨ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ହେବାରୁ ଚାଳକ ସୁକଦେବ ଗୋପ ଓ ସେଥିରେ ବସିଥିବା ଋଷିକେଶ ପାଣିଗ୍ରାହୀ ଆହତ ହୋଇ ବଡ଼ବିଲ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକତ୍ସିତ ହେଉଛନ୍ତି ବୋଲି ରୁଗୁଡି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବିଦ୍ୟାଳୟ ପାଚେରି ଭାଙ୍ଗି ହଷ୍ଟେଲରେ ପଶିଲା ଦନ୍ତା



ମୋରଡା/ବେତନଟୀ,୨୭।୫(ସମିସ): ରାସଗୋବିନ୍ଦପୁର ଏବଂ ବେତନଟୀ ରେଞ୍ଜ ଅଧୀନ ମୋରଡ଼ା ବ୍ଲକରେ ଦୀର୍ଘଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ପ୍ରତିଦିନ ହାତୀ ଘର ଭାଙ୍ଗିବା ସହ ଧାନ ଚାଉଳ ଖାଇ ନଷ୍ଟ କରିଦେଉଛନ୍ତି। ସୋମବାର ବିଳମ୍ବିତ ରାତିରେ ବେତନଟୀ ରେଞ୍ଜ ଅଧୀନ ଭାଲିଆଡିହା କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲରେ ପଶି ଏକ ଦନ୍ତା ପାଚେରୀ ଭାଙ୍ଗିବା ସହିତ ଆଳୁ, ଡାଲି, ଚାଉଳ ଖାଇ ନଷ୍ଟ କରିଦେଇଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ହରିପ୍ରିୟା ମହାନ୍ତ ସୂଚନା ଦେଇଛନ୍ତି। ବର୍ତ୍ତମାନ ବେତନଟୀ ରେଞ୍ଜରେ ୧୪ ଟିକିଆ ହାତୀପଲ ରହିଛନ୍ତି। ହାତୀପଲର ଗତିବିଧି ଉପରେ ନଜର ରଖି ଲୋକଙ୍କୁ ମାଇକ ଯୋଗେ ଅବଗତ କରାଇବା ପାଇଁ ଦାବି କରିଛନ୍ତି ଅଞ୍ଚଳବାସୀ।

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ତେଲକୋଇ,୨୭।୫(ସମିସ): ତେଲକୋଇ ଥାନା ଅନ୍ତର୍ଗତ ଶିବନାରାୟଣପୁର ଗୋଡା ପଞ୍ଚାୟତ ବିରିଦା ଗ୍ରାମରେ ଜଣେ ଯୁବକ ପାଣିରେ ବୁଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଚିତ୍ର ସନଙ୍ଗି (୩୦)। ସୂଚନା ଅନୁଯାୟୀ ମଙ୍ଗଳବାର ମଧ୍ୟାହ୍ନରେ ଚିତ୍ର ଗ୍ରାମ ନିକଟରେ ଥିବା ବଇଁଶି ନାଳକୁ ଗାଧୋଇବା ପାଇଁ ସେ ଯାଇଥିଲେ। ତାଙ୍କ ଗୋଡ଼ ଗଭୀର ସ୍ଥାନକୁ ଖସିଯିବା ଫଳରେ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କଲା ପରେ ଉକ୍ତ ନାଳରେ ଭାସୁଥିବା ଦେଖିବାକୁ ପାଇଥିଲେ। ପରେ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରି ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ଥିଲେ; ହେଲେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଲିସ ତଦନ୍ତ ଆରମ୍ଭ କରିଛି।

## ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ; ଗୋପବନ୍ଧୁ ହାଇସ୍କୁଲ ବିଜୟୀ

କେନ୍ଦୁଝର, ୨୭।୫ (ସମିସ): ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଏବଂ ଜିଲ୍ଲା କ୍ରୀଡା ସଂସ୍ଥା ସହଯୋଗରେ ଷ୍ଟାଡିୟମ ପଡିଆଠାରେ ଚାଲିଥିବା ଗ୍ରୁପ 'ବି'ର ଏକ ଲିଗ ପର୍ଯ୍ୟାୟ ଖେଳରେ ବଡ଼ବିଲର ଗୋପବନ୍ଧୁ ହାଇସ୍କୁଲ (ମିଳିତ) କେନ୍ଦୁଝରର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର (ମିଳିତ) ବିପକ୍ଷରେ ୯୩ ରନରେ ବିଜୟୀ ହୋଇଛି। ଏଥିସହ ଲିଗର ୩ଟି ମ୍ୟାଚରୁ ସବୁଥିରେ ବିଜୟ ଲାଭ କରି ୬ ପଏଣ୍ଟ ହାସଲ କରିବା ସହ ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ଗୁରୁବାର ଫାଇନାଲ ଖେଳରେ ଗୋପବନ୍ଧୁ ହାଇସ୍କୁଲ କେନ୍ଦୁଝରର ସେଣ୍ଟ ଜାଭିଆର ହାଇସ୍କୁଲକୁ ଭେଟିବେ। ଆଜିର ଖେଳରେ ଗୋପବନ୍ଧୁ ହାଇସ୍କୁଲ ଟସରେ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା ଏବଂ ୨୦.୫ ଓଭର ବ୍ୟାଟିଂ କରି ୨୭୨ ରନରେ ସମସ୍ତ ଉଇକେଟ ହରାଇଥଲା। ଦଳ ପକ୍ଷରୁ ଯୋଗେଶ୍ୱର ମହାନ୍ତ ବ୍ୟାଟିଂ କରି ୪୨ଟି ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ଏବଂ ୨ଟି ଛକା ସହାୟତାରେ ୧୭୧.୪୩ ଷ୍ଟ୍ରାଇକ ରେଟ ସହ ୭୨ ରନ ସଂଗ୍ରହ କରି ଅର୍ଦ୍ଧଶତକ ହାସଲ କରିଥିବା ବେଳେ ଅଧିନାୟକ ଆଶୁତୋଷ ନାୟକ ୨୦ଟି ବଲର ସମ୍ମୁଖୀନ ହୋଇ ୬ଟି ଚୌକା ସହାୟତାରେ ୩୧ ରନ ସଂଗ୍ରହ କରିଥିଲେ। ଜବାବରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବ୍ୟାଟିଂ କରିବାକୁ ଆସି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ। ଦଳ ପକ୍ଷରୁ କ୍ରିଷ୍ଣାଜିତ ସାହୁ ୨୨ଟି ବଲର ସମ୍ମୁଖୀନ ହୋଇ ୩ଟି ଚୌକା ସହାୟତାରେ ସର୍ବାଧିକ ୨୦ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ଅଫ ସ୍ପିନର ଅଙ୍ଗଦ ଲୋଟିଆ ୪ ଓଭର ବୋଲିଂରେ ଗୋଟିଏ ମେଡନ ସହ ୮ ରନ ଦେଇ ୪ଟି ଉଇକେଟ ନେଇଥିବା ବେଳେ ଦିବ୍ୟାଂଶୁ ପୃଷ୍ଟି ୩.୨ ଓଭର ବୋଲିଂରେ ୧୧ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ। ଆଜିର ଖେଳରେ ଗୋପବନ୍ଧୁ ହାଇସ୍କୁଲର ଅଙ୍ଗଦ ଲୋଟିଆ ନିଜର ଯାଦୁକରୀ ସ୍ପିନ ବୋଲିଂରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବ୍ୟାଟିଂ ବିପର୍ଯ୍ୟୟର ମୁଖ୍ୟ ନାୟକ ହୋଇଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା।

## ସାର୍ନା ଧର୍ମ କୋର୍ଡ ମାନ୍ୟତା ଦାବିରେ ଜେଏମଏମର ଆନ୍ଦୋଳନ



ବାରିପଦା, ୨୭।୫(ସମିସ): ସାର୍ନା ଧର୍ମ କୋର୍ଡ ମାନ୍ୟତା ଓ ସେନସସ୍ କୋର୍ଡ ବ୍ୟବସ୍ଥା ଦାବିରେ ବାରିପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ହୋଇଛି। ଜେଏମଏମ ପକ୍ଷରୁ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଆନ୍ଦୋଳନ ପ୍ରଦର୍ଶନ କରିଛନ୍ତି। ଏହାସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ବସବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକେ ପ୍ରକୃତି ପୂଜକ ଅଟନ୍ତି। ସେମାନେ ସାର୍ନା ଧର୍ମରେ ବିଶ୍ୱାସ କରନ୍ତି। ଏମାନଙ୍କର ପୂଜା ପଦ୍ଧତି ଅନ୍ୟ ସମ୍ପ୍ରଦାୟ ଠାରୁ ସମ୍ପୂର୍ଣ୍ଣ ଅଲଗା। ତେଣୁ କରି ତାଙ୍କ ଧର୍ମର ସୁରକ୍ଷା ନିମନ୍ତେ ଆସନ୍ତା ଜନଗଣନା ପୂର୍ବରୁ ସାର୍ନା ଧର୍ମ କୋର୍ଡ ମାନ୍ୟତା ସହ ସେନସସ୍ କୋର୍ଡର ବ୍ୟବସ୍ଥା ପାଇଁ ଦାବି ହୋଇଛି। ତେବେ ଏହାକୁ ଲାଗୁ କରିବାକୁ ପଦକ୍ଷେପ ଗ୍ରହଣ ନିମନ୍ତେ ନିବେଦନ କରିଛନ୍ତି। ଏଥିପ୍ରତି ସରକାରୀ ସ୍ତରରେ ପଦକ୍ଷେପ ଗ୍ରହଣ ନକରିଲେ ଆଗକୁ ତୀବ୍ର ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି।

## ଅବକାରୀ ବିଭାଗର ଚଢ଼ଉ; ୩ ଗିରଫ

ମୋରଡା,୨୭।୫(ସମିସ): ମୋରଡା ଅବକାରୀ ଅଧିକାରୀ ଦୀପକ କୁମାର ରାଉତ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୫୦ ଲିଟର ଦେଶୀ ମଦ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅବକାରୀ ବିଭାଗ ପ୍ରଥମେ ମାଜଣା ଗ୍ରାମରେ ଚଢ଼ଉ କରି ଚୁରିଆ ମୁର୍ମୁ, ସାନ ମୁଣ୍ଡାବଣି ଗ୍ରାମର ଉମାକାନ୍ତ ହାଁସଦା ଏବଂ ସରସ୍ୱତୀ ଟୁଡୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆୟୁର୍ବେଦିକ ଡାକ୍ତରଖାନାର ସ୍ଥିତି ପରଖିଲେ ସ୍ୱତନ୍ତ୍ର ପ୍ରତିନିଧି



**'ସକାଳ' ପ୍ରଭାବ**

ରାମଚନ୍ଦ୍ରପୁର,୨୭।୫(ସମିସ): କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଅଳତି ଗ୍ରାମରେ ୧୯୮୫ ମସିହାରୁ ପ୍ରତିଷ୍ଠା ହୋଇଥିବା ଆୟୁର୍ବେଦିକ ଡାକ୍ତରଖାନାର ଭିତ୍ତିଭୂମି ଅସଜଡା ଏବଂ ଡାକ୍ତର ସମସ୍ୟା ଲାଗି ରହିଛି। ଏ ନେଇ ଗ୍ରାମବାସୀ ଦୀର୍ଘଦିନ ହେଲା ଦାବି କରି ଆସୁଥିଲେ। ଡାକ୍ତରଖାନାର ନୂତନ ଗୃହ ପାଇଁ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ସୁଦ୍ଧା ସରକାରୀ ସ୍ତରରେ ଗୃହ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ବାଧକ ସାଜିଥିଲା, ଫଳରେ ନୂତନ ଗୃହ ନିର୍ମାଣ ପ୍ରକ୍ରିୟା ଦୁଇବର୍ଷ ହେଲା ଅଟକି ରହିଥିଲା। ଏ ନେଇ ଗତ ୧୯ ତାରିଖରେ 'ଅବ୍ୟବସ୍ଥା ଘେରରେ ଅଳତି ଆୟୁର୍ବେଦିକ ଚିକିତ୍ସାଳୟ' ଶୀର୍ଷକ ଏକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଏହି ଖବରକୁ ଶ୍ରୀଲେଖା ଜେନା ଟୁଇଟର ମାଧ୍ୟମରେ କେନ୍ଦୁଝର ଜିଲ୍ଲାପାଳ, ସ୍ୱାସ୍ଥ୍ୟମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତ୍ୱରିତ ସମାଧାନ କ୍ଷେତ୍ରରେ ଘଟଣାର ସବିଶେଷ ତଥ୍ୟ ପାଇଁ କେନ୍ଦୁଝର ଜିଲ୍ଲା ଆୟୁର୍ବେଦିକ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶଶିଭୂଷଣ ତ୍ରିପାଠୀ ଆଜି ଅଳତି ଆୟୁର୍ବେଦିକ ଚିକିତ୍ସାଳୟରେ ପହଞ୍ଚି ସ୍ଥିତି ପରଖିଥିଲେ। ସରପଞ୍ଚ ଇଂ ପ୍ରିୟବ୍ରତ ବରାଳଏବଂ ସମାଜସେବୀ ଡ.ରତିକାନ୍ତ ବରାଳ, ସିଦ୍ଧେଶ୍ୱର ଦାସ ସମେତ ଗ୍ରାମର ଅନେକ ବୁଦ୍ଧିଜୀବୀ, ରାଜସ୍ୱ ନିରୀକ୍ଷକ ଦିଲ୍ଲୀପ କୁମାର ପଣ୍ଡା ଉପସ୍ଥିତ ଥିଲେ। ଡାକ୍ତରଖାନା ପାଇଁ ଜମି ମାପଚୁପ ଆରମ୍ଭ କରିଥିଲେ। ଜମି ଚିହ୍ନଟର ସବିଶେଷ ତଥ୍ୟ ଖୁବଶିଘ୍ର ଡିଏଏମଓଙ୍କୁ ପ୍ରଦାନ କରାଯିବ ବୋଲି ଆରଆଇ କହିଛନ୍ତି।

## ଜଙ୍ଗଲ ମନ୍ତ୍ରୀଙ୍କ ଶୀତଳ ଭଣ୍ଡାର ପରିଦର୍ଶନ

କରଞ୍ଜିଆ,୨୭।୫(ସମିସ): ମଙ୍ଗଳବାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଇଂ. ଗଣେଶରାମ ସିଂ ଖୁଣ୍ଟିଆ କରଞ୍ଜିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଭୁବନେଶ୍ୱର ଯିବା ବାଟରେ କଙ୍କଡା ଶୀତଳ ଭଣ୍ଡାର ପରିଦର୍ଶନ କରିଥିଲେ। ତାଙ୍କ ସହିତ ବିଜେପି ପୂର୍ବତନ ଜିଲ୍ଲାସଭାପତି କୃପାସିନ୍ଧୁ ମହାନ୍ତ, ଜିଲ୍ଲା ଉପସଭାପତି ବିପିନ ବିହାରୀ ମହାନ୍ତ, କେନ୍ଦୁଝର ସାଂସଦଙ୍କ ପ୍ରତିନିଧି ଆଶିଷ ମହାନ୍ତ, ଶ୍ରୀ ଗଣେଶ ଶୀତଳଭଣ୍ଡାର ମାଲିକ ସନ୍ତୋଷ କୁମାର ପଟୱାରୀ, ବଳା ସରପଞ୍ଚ ସ୍ମିତା ନାଏକ, ଲକ୍ଷ୍ମୀଧର ରାମ, ଜ୍ୟୋତିଶଙ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କିଛି ବର୍ଷ ପୂର୍ବରୁ କରଞ୍ଜିଆରେ ୧୧ଟି ଥିବାବେଳେ ଏବେ ୧୦ଟି ଶୀତଳ ଭଣ୍ଡାର ବନ୍ଦ ରହିଛି। ଗୋଟିଏ ମାତ୍ର ବାଲାଜୀ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ରହିଛି। ଶୀତଳ ଭଣ୍ଡାର ମାଲିକ ସନ୍ତୋଷ କୁମାର ପଟୱାରୀ ମନ୍ତ୍ରୀଙ୍କୁ ବୁଲାଇ ଦେଖାଇବା ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ସରକାର ଏହି ଶୀତଳ ଭଣ୍ଡାରକୁ ଲିଜ ସୂତ୍ରରେ ନେଇ ଚାଷୀଙ୍କ ନିମନ୍ତେ ଚଳାଇବାକୁ ପ୍ରସ୍ତାବ ଦେଇଥିଲେ। ଏ ନେଇ ସେ କୃଷି ମନ୍ତ୍ରୀଙ୍କ ସହିତ ଆଲୋଚନା କରିବେ ବୋଲି ସୂଚନା ଦେଇଥିଲେ।

## କୁଆମରା ଓ ଆରପଟା ପଞ୍ଚାୟତରେ ବ୍ୟାପୁଛି ଜଣ୍ଡିସ

କୁଆମରା,୨୭।୫(ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ଓ ଆରପଟା ପଞ୍ଚାୟତରେ ଜଣ୍ଡିସ ବ୍ୟାପିଗାରେ ଲାଗିଛି। ଏପ୍ରିଲରୁ ମେ ଦୁଇ ମାସ ମଧ୍ୟରେ ପ୍ରାୟ ୧୦ରୁ ଅଧିକ ରୋଗୀ ଏଥିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଏହି ରୋଗୀମାନେ କୁଆମରା, ଉଦଳା ଓ ବାଲେଶ୍ୱର ଡାକ୍ତରଖାନାରେ ଚିକିତ୍ସା ହେଉଛନ୍ତି। ଚିକିତ୍ସିତ ହେଉଥିବା ଆରପଟା ପଞ୍ଚାୟତ ୮ରୁ ଅଧିକ ଓ କୁଆମରା ପଞ୍ଚାୟତରେ ୨ ଜଣ ରୋଗୀ ଥିବା ଜଣାପଡିଛି। ବିଶେଷ କରି ଆଦିବାସୀ ସଂପ୍ରଦାୟର ଲୋକେ ସଚେତନ ନ ଥିବାରୁ ଅଧିକ ଆକ୍ରାନ୍ତ ହେଉଛନ୍ତି। ତେବେ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଲୋକେ ଚିନ୍ତିତ ହୋଇପଡିଛନ୍ତି। ଏ ନେଇ କୁଆମରା ଡାକ୍ତରଖାନାର ଇନଚାର୍ଜ ଡଃ ଶାନ୍ତନୁ କୁମାର ଜେନାଙ୍କୁ ପଚାରିବାରୁ ଦୂଷିତ ପାଣି ପାଇଁ ଲୋକେ ଆକ୍ରାନ୍ତ ହେଉଛନ୍ତି। ସଚେତନ ନ ଥିବାରୁ ପୋଖରୀ ଓ ସାଧାରଣ କୂପର ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରୁଥିବା କହିଥିଲେ। ତେବେ ବିଭିନ୍ନ ଗ୍ରାମର ପାନୀୟ ଜଳ ପାଇପ ଯୋଗେ ଯୋଗାଣ ହେଉଥିବା ବେଳେ ଅଧିକାଂଶ ସ୍ଥାନରେ ତାହା ଫାଟି ରାସ୍ତା ଘାଟରେ ପାଣି ନିର୍ଗତ ହେଉଥିବା ବେଳେ ରାସ୍ତା ଉପରେ ଥିବା ଗୋଳିଆ ପାଣି ପାଇପ ଭିତରକୁ ପଶିବା ଯୋଗୁଁ ଏହି ଦୂଷିତ ପାଣିକୁ ଲୋକେ ବ୍ୟବହାର କରୁଛନ୍ତି। ଅଧିକାଂଶ ଗ୍ରାମରେ ବର୍ଷ ବର୍ଷ ଧରି ପୁରୁଣା ପାଇପକୁ ବଦଳା ଯାଉନଥିବାର ଅଭିଯୋଗ ହୋଇଛି।

## ଟ୍ରାନ୍ସଫର୍ମରରେ ସୁରକ୍ଷା ବାଡ଼ ଦେବାକୁ ଦାବି



କେନ୍ଦୁଝର,୨୭।୫ (ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମର ବେହେରା ସାହିକୁ ପଳାଶପଙ୍ଗା ଫିଡରର ଝୁମ୍ପୁରା ସେକ୍ସନରୁ ବିଦ୍ୟୁତ ସେବା ଯୋଗାଇ ଦିଆଯାଇଛି। ବେହେରା ସାହି ନିକଟ ଆମ୍ବ ତୋଟାରେ ଥିବା ୨୫କେଭି ଟ୍ରାନ୍ସଫର୍ମରରୁ ବେହେରା ସାହି, ପାତ୍ର ସାହି ଓ ଶିବ ଦୁର୍ଗା ମନ୍ଦିର ସାହିର ପାଖାପାଖି ଏକ ଶହରୁ ଅଧିକ ଘରକୁ ବିଦ୍ୟୁତ ସଂଯୋଗ କରାଯାଇଛି। ତେବେ ଅଧିକାଂଶ ସମୟରେ ଫିଉଜ ଜଳି ଯାଉଛି ବା ଏମସିବି ଟ୍ରିପ ହୋଇ ଯାଉଛି। ଫଳରେ ଲୋକମାନେ ବିଦ୍ୟୁତ ସରବରାହରୁ ବଞ୍ଚିତ ହେଉଛନ୍ତି। ଟ୍ରାନ୍ସଫର୍ମର ଲାଗିଥିବା ସ୍ଥାନରେ ପ୍ରତିବର୍ଷ କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ରଜ ମହୋତ୍ସବ ପାଳିତ ହୋଇଥାଏ। ତେଣୁ ସୁରକ୍ଷା ବାଡ଼ ଦେବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡା, ସଭାପତି ପୁଷ୍ପାଞ୍ଜଳି ବେହେରାଙ୍କ ସମେତ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

**ବିନ୍ଧାଣୀ ଉନ୍ନୟନ ମହାସଂଘର ଜିଲ୍ଲାସ୍ତରୀୟ କମିଟି ବୈଠକ**

# ସମ୍ପ୍ରଦାୟର ବିକାଶ ପାଇଁ ଦୃଷ୍ଟି ଦେଉନି ରାଜ୍ୟ ସରକାର

ବାରିପଦା, ୨୭।୫(ସମିସ):




ଲାଲବଜାର ସ୍ଥିତ ଗେଷ୍ଟ ହାଉସରେ ନିଖିଳ ଓଡିଶା ଆଦିବାସୀ ବିନ୍ଧାଣି ଲୋହାରସ ସମ୍ପ୍ରଦାୟ ଉନ୍ନୟନ ମହାସଂଘର ଜିଲ୍ଲାସ୍ତରୀୟ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲା ମୁଖ୍ୟ ଉପଦେଷ୍ଟା ହରିଶ ଚନ୍ଦ୍ର ବିନ୍ଧାଣୀ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟବକ୍ତା ଭାବେ ଜିଲ୍ଲା ସଭାପତି ସଚୀନ ମୁଣ୍ଡାଲୁହାରୀ, ଜିଲ୍ଲା ଉପସଭାପତି ଗୁରୁଭା ମୁଣ୍ଡା ଲୋହାର, ଜିଲ୍ଲା ସଂଗଠକ ସୁନାରାମ ବିନ୍ଧାଣୀ ଓ ମୋରଡା ତହସିଲ ସଭାପତି ରାଜେନ୍ଦ୍ର ବିନ୍ଧାଣୀ ପ୍ରମୁଖ ଯୋଗଦେଇ ସମ୍ପ୍ରଦାୟର ବିଭିନ୍ନ ସମସ୍ୟାର ରୂପରେଖ ଉପରେ ଅଭିଭାଷଣ ରଖିଥିଲେ। ଏମାନେ ମୂଳ ଆଦିବାସୀ ହୋଇ ମଧ୍ୟ ସ୍ୱାଧୀନତା ପରେ ବି ମୌଳିକ ଅଧିକାରରୁ ବଞ୍ଚିତ ରଖାଯାଇଥିବା ନେଇ ଅଭିଯୋଗ କରିଛନ୍ତି। ବିଜେପି ସରକାର ଉକ୍ତ ସମ୍ପ୍ରଦାୟର ବିକାଶ ପାଇଁ ତିଳେମାତ୍ର ମନନିବେଶ କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ସମ୍ପ୍ରଦାୟର ମୂଳ ଜାତି କୋଲହ ଓ ମୁଣ୍ଡା, ତାଙ୍କ ଭାଷା, ସଂସ୍କୃତି, ପରମ୍ପରା ଓ ସାମାଜିକ ରୀତିନୀତି, ଚଳଣି ଆଦି ଆଦିବାସୀଙ୍କ ସହିତ ଓତଃପ୍ରୋତଭାବେ ଜଡିତ। ଜୀବନଜୀବିକା ନିମନ୍ତେ ଏମାନେ ଲୁହା କାମ କରିଥାନ୍ତି। ତେବେ ନିଜସ୍ୱ ଜମି ନ ଥିବାରୁ ଅସ୍ଥାୟୀ ଭାବେ ବସବାସ କରୁଛନ୍ତି। ତେବେ ସେଟେଲମେଣ୍ଟ ସମୟରେ ଠିକ ଜାତି ଅନୁଧ୍ୟାନ ନ କରିବାରୁ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଓଡିଶା ଅନୁସୂଚିତ ଜାତି ଏବଂ ଜନଜାତି ସରଂକ୍ଷଣ ମାନୁଆଲରେ ଉକ୍ତ ଜାତି ୩୪ ନମ୍ବର କ୍ରମିକରେ ସ୍ଥାନିତ ରହିଛି। ମହାସଂଘ ଆନ୍ଦୋଳନ ପରେ ପଟ୍ଟା ସଂଶୋଧନ ଓ ଜାତି ପ୍ରମାଣପତ୍ର ତଦନ୍ତ କରି ସଂଶୋଧନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଆରଆଇ ଓ ବିଭାଗୀୟ ଅଧିକାରୀ ଏହି ଆଦେଶକୁ ମାନୁନାହାନ୍ତି। ଏଭଳି ଘଟଣା ବେତନଟୀ ତହସିଲ ଅଞ୍ଚଳରେ ହୋଇଥିବାରୁ ଉଦବେଗ ପ୍ରକାଶ ପାଇଛି। ମହାସଂଘ ପକ୍ଷରୁ ବେତନଟୀ ବିଡ଼ିଓ /ତହସିଲଦାର ସୁଶାନ୍ତ କୁମାର ସୂତାରଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ସେ ସମାଧାନ କରିବା ବଦଳରେ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି। ତେଣୁକରି ତାଙ୍କ ବିରୋଧରେ ସଂଘ ପକ୍ଷରୁ ଆନ୍ଦୋଳନ କରିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଭାରେ ଜିଲ୍ଲା ସମ୍ପାଦକ କମଳ ଭାଇ, କୋଷାଧକ୍ଷ ବୁଲୁଭାଇ, ଉପଦେଷ୍ଟା କାହ୍ନା ବିନ୍ଧାଣି, କାଲାଚାନ୍ଦ ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ଥିଲେ।

# ଅସହ୍ୟ ହେଲା ଋଣଭାର: ବିଷ ପିଇ ଜୀବନ ହାରିଲେ ପରିବାରର ୭ ସଭ୍ୟ



ଚଣ୍ଡିଗଡ଼, ୨୭।୫ (ଏଜେନ୍ସି): ୨୦ କୋଟି ଟଙ୍କାର ଋଣଭାର । ପୁଣି ଋଣଦାତାଙ୍କ ହତ୍ୟା ଧମକ । ଏଭଳି ଚାପ ସହିନପାରି ଉତ୍ତରାଖଣ୍ଡର ଏକ ପରିବାର ଚରମ ପଦକ୍ଷେପ ନେଇଛନ୍ତି । ପରିବାରର ସମସ୍ତ ସାତ ଜଣ ସଭ୍ୟ ବିଷ ପିଇ ଆତ୍ମହତ୍ୟା କରିଛନ୍ତି । ସେମାନଙ୍କର ମୃତଦେହ ହରିଆଣାର ପଞ୍ଚକୁଲା ନିକଟରେ ଏକ କାର ଭିତରୁ ଉଦ୍ଧାର କରାଯାଇଛି । ମୃତକମାନଙ୍କ ମଧ୍ୟରେ ଅଛନ୍ତି ଦଂପତି, ସେମାନଙ୍କ ପିତାମାତା ଓ ତିନି ପିଲା (ଦୁଇ ଝିଅ ଏବଂ ଗୋଟିଏ ପୁଅ) । କାର ଭିତରୁ ପୁଲିସ ସୁଇସାଇଡ୍ ନୋଟ୍ ଉଦ୍ଧାର କରିଛି ଏବଂ ଋଣଭାର ସହିନପାରି ସେମାନେ ଆତ୍ମହତ୍ୟା କରିଥିବା ଏଥିରେ ଉଲ୍ଲେଖ ରହିଛି । ଦୁଇ ମାସ ତଳେ ଏହି ପରିବାର ଡେରାଡୁନରୁ ଆସି ପଞ୍ଚକୁଲା ନିକଟରେ ରହୁଥିଲେ ।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଗତକାଲି ରାତିରେ ଜଣେ ବ୍ୟକ୍ତି ରାସ୍ତାକଡ଼ରେ ପରିତ୍ୟକ୍ତ ଅବସ୍ଥାରେ ଗୋଟିଏ କାର ଥୁଆ ହୋଇଥିବା ଦେଖିଥିଲେ । ।ସେ ପାଖକୁ ଯାଇ ଦେଖିଲେ ଯେ କାର ଭିତରେ ୬ ଜଣ ବ୍ୟକ୍ତି ନିଶ୍ଚଳ ହୋଇପଡ଼ିଛନ୍ତି । ସପ୍ତମ ବ୍ୟକ୍ତି ଜଣକ କାର ବାହାରେ ବସିଥିଲେ ଏବଂ ସେ ନିଶ୍ୱାସ ନେଇପାରୁ ନଥିଲେ । ବ୍ୟକ୍ତି ଜଣକ ତାଙ୍କ ପାଖକୁ ଯିବାରୁ ସେ କହିଥିଲେ, 'ଋଣଭାର ଯୋଗୁଁ ଆମେ ସମୂହ ଆତ୍ମହତ୍ୟା କରିଛୁ ଏବଂ ୫ ମିନିଟ ମଧ୍ୟରେ ମୁଁ ମଧ ମରିଯିବି ।' ଆଖପାଖରେ ଥିବା ଲୋକେ ଖବର ପାଇ ସେମାନଙ୍କୁ ତୁରନ୍ତ ମେଡିକାଲ ନେଇଥିଲେ । ସେଠାରେ ୬ ଜଣଙ୍କୁ ମୃତ ଘାଷଣା କରାଯାଇଥିଲା । ତେବେ ସପ୍ତମ ବ୍ୟକ୍ତି ଜଣକଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ସପ୍ତମ ବ୍ୟକ୍ତି ଜଣକ ହେଉଛନ୍ତି ବ୍ୟବସାୟୀ ଏବଂ ତାଙ୍କ ବୟସ ୪୨ ବର୍ଷ ହେବ ବୋଲି ଜଣାପଡ଼ିଛି । ଆତ୍ମହତ୍ୟା କରିଥିବା ତିନି ପିଲାଙ୍କର ବୟସ ୧୧ରୁ ୧୪ ବର୍ଷ ହେବ ।

**■ କାର ଭିତରୁ ମୃତଦେହ ଉଦ୍ଧାର**

ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମୃତ ସମସ୍ତ ବ୍ୟକ୍ତି ହେଉଛନ୍ତି ବ୍ୟବସାୟୀ ପରିବାରର । ଏହି ପରିବାର ପଞ୍ଚକୁଲାରେ ରହୁଥିଲେ । ୨୦୦୫ରୁ ୨୦୦୮ ମଧ୍ୟରେ ବ୍ୟବସାୟରେ ଭୀଷଣ କ୍ଷତି ହେବାରୁ ସେମାନେ ଘର, କାରଖାନା ଓ ଅନ୍ୟାନ୍ୟ ସଂପତ୍ତି ଛାଡ଼ି ଡେରାଡୁନ ପଳାଇଥିଲେ । ଦୁଇ ମାସ ତଳେ ସେମାନେ ପଞ୍ଚକୁଲା ଫେରି ଆସି ଟ୍ୟାକ୍ସି ବ୍ୟବସାୟ କରୁଥିଲେ । ପଞ୍ଚକୁଲାରେ ସେମାନଙ୍କର ଅଢ଼େଇ କୋଟି ଟଙ୍କାର ଏକ ଫ୍ଲାଟ୍ ଥିଲା । ଋଣ ପରିଶୋଧ କରିନପାରିବାରୁ ବ୍ୟାଙ୍କ ଏହି ଫ୍ଲାଟକୁ ଜବତ କରିଥିଲା । ଅନ୍ୟ ଋଣଦାତାମାନେ ମଧ୍ୟ ଟଙ୍କା ପାଇଁ ସେମାନଙ୍କ ଉପରେ ପ୍ରବଳ ଚାପ ପକାଇବା ସହିତ ଧମକଚମକ ଦେଉଥିଲେ ବୋଲି ଆତ୍ମହତ୍ୟା କରିଥିବା ପରିବାରର ଜଣେ ସଂପର୍କୀୟ କହିଛନ୍ତି । ପୁଲିସ ସମଗ୍ର ଘଟଣାର ତଦନ୍ତ କରୁଛି । ଏହା ହତ୍ୟା ନା ଆତ୍ମହତ୍ୟା, ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି ।

# ନିଜ ବୋମାରେ ଉଡ଼ିଗଲା ଖଲିସ୍ତାନୀ ଆତଙ୍କୀ

ଅମୃତସର,୨୭।୫(ଏଜେନ୍ସି): ମଙ୍ଗଳବାର ସକାଳେ ପଞ୍ଜାବର ନୌସେରାରେ ବୋମା ବିସ୍ଫୋରଣରେ ଜଣେ ଖଲିସ୍ତାନୀ ଆତଙ୍କବାଦୀ ନିହତ ହୋଇଛି । ବାବର ଖଲସା ଇଣ୍ଟରନ୍ୟାସନାଲ( ବିକେଆଇ) ସଂଗଠନ ସହ ସଂପୃକ୍ତ ଥିବା ଏହି ଆତଙ୍କବାଦୀ ଜଣକ ଅମୃତସର-ମାଜିଥା ସଡ଼କପଥ ନିକଟରେ ନୌସେରା ଗ୍ରାମ ନିକଟରେ ଏକ ବୋମା ପୋତିଥିଲା ବେଳେ ମଙ୍ଗଳବାର ସକାଳେ ଏହାକୁ ଖୋଜିବାକୁ ଆସିଥିଲା । ଯେଉଁଠି ସେ ବୋମା ପୋତିଥିଲା ସେଠାରେ ଖୋଳିବା ବେଳେ ବୋମା ବିସ୍ଫୋରଣ ହେବାରୁ ତା'ର ଦୁଇ ହାତ ଉଡ଼ିଯାଇଥିଲା । ଏହାପରେ ଘଟଣାସ୍ଥଳରେ ହିଁ ତା'ର ମୃତ୍ୟୁ ହୋଇଥିବା ନୌସେରା ବର୍ଡର ରେଞ୍ଜ ଡିଆଇଜି ସତିନ୍ଦର ସିଂ କହିଛନ୍ତି । ତେବେ ସଂପୃକ୍ତ ଆତଙ୍କବାଦୀର ନାମ ଏବଂ ଠିକଣା ଜଣାପଡ଼ି ନାହିଁ । ପଞ୍ଜାବ ପୁଲିସର ବୋମା ନିଷ୍କ୍ରିୟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

# ପାକିସ୍ତାନର ୭୨ ସୀମା ପୋଷ୍ଟ ଉଡାଇଥିଲା ବିଏସ୍ଏଫ




ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଅପରେସନ ସିନ୍ଦୂର ବେଳେ ଭାରତୀୟ ସୀମା ସୁରକ୍ଷାବାହିନୀ (ବିଏସଏଫ) ପକ୍ଷରୁ ପାକିସ୍ତାନର ୭୨ଟି ପୋଷ୍ଟ ଏବଂ ଆତଙ୍କବାଦୀ ଲଞ୍ଚ ପ୍ୟାଡ୍‌କୁ କିଭଳି ଉଡାଇ ଦିଆଯାଇଥିଲା ତାହାର ଏକ ଭିଡିଓ ଜାରିକରାଯାଇଛି । ବିଏସଏଫ ଆଇଜି ଶଶାଙ୍କ ଆନନ୍ଦ ମଙ୍ଗଳବାର ସାମ୍ବାଦିକମାନଙ୍କୁ ଏ ସମ୍ପର୍କରେ ସୂଚନା ଦେବା ସହିତ ଅଖନୂର,ସାମ୍ବା, ଆରଏସ ପୂରା,ଲୋନି,ମାସ୍ତପୁର ଏବଂ ଛାବ୍ରା ଆଦି ସୀମା ପଏଣ୍ଟରେ ବିଏସଏଫ ପକ୍ଷରୁ ପାକିସ୍ତାନୀ ପୋଷ୍ଟ ଉପରେ ଆକ୍ରମଣ କରାଯାଇ ସେଗୁଡିକୁ କିଭଳି ନଷ୍ଟ କରିଦିଆଯାଇଥିଲା ତାହାର ଏକ ଭିଡିଓ ପ୍ରଦର୍ଶନ କରିଛନ୍ତି । ବିଶେଷକରି ପାକିସ୍ତାନୀ ପୋଷ୍ଟ ଏବଂ ଟେରର ଲଞ୍ଚପ୍ୟାଡ୍‌କୁ ସଠିକ୍ ଟାର୍ଗେଟ କରି ସେଗୁଡିକୁ ନଷ୍ଟ କରି ଦେବାରେ ବିଏସଏଫ ଯବାନଙ୍କ ଉତ୍କର୍ଷତାକୁ ପ୍ରଦର୍ଶନ କରାଯାଇଛି ।

**■ ଜୁନ୍‌ରୁ ସେପ୍ଟମ୍ବର ୧୦୬ ପ୍ରତିଶତ ବର୍ଷା**

# ମଧ୍ୟପ୍ରଦେଶ, ଛତିଶଗଡ଼ ଓ ମହାରାଷ୍ଟ୍ରରେ ଅଧିକ ବର୍ଷା

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଏ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ସହିତ ଜୁନ୍‌ରୁ ସେପ୍ଟମ୍ବର ମାସ ମଧ୍ୟରେ ୧୦୬ ପ୍ରତିଶତ ବର୍ଷା ହେବ ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ପକ୍ଷରୁ ପ୍ରାକ୍ ଆକଳନ କରାଯାଇଛି । ମଙ୍ଗଳବାର ଆଇଏମଡି ପକ୍ଷରୁ କରାଯାଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଏ ବର୍ଷ ମୌସୁମୀ ଋତୁରେ ୧୦୬ ପ୍ରତିଶତ ବର୍ଷା ହେବ । ଯାହାକି ସ୍ୱାଭାବିକ ଠାରୁ ଅଧିକ । ଚଳିତ ବର୍ଷ ମୌସୁମୀର ଆଗମନ ଆଗୁଆ ରହିଥିଲା ବେଳେ ଏହାର ଅଗ୍ରଗତି ଆଶାନୁରୂପ ରହିଛି ଓ ଆଗାମୀ ଦିନରେ ଏହା ଆଉ କିଛି ରାଜ୍ୟରେ ସକ୍ରିୟହେବ ବୋଲି ସେ କହିଛନ୍ତି । ଚଳିତ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବା ଅର୍ଥନୀତି ପାଇଁ ଅନୁକୂଳ ହେବ । କୃଷି ଭାରତୀୟ ଜିଡିପି ପାଇଁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ବେଳେ ସ୍ୱାଭାବିକ ଠାରୁ ଅଧିକ ବର୍ଷା କୃଷି ପାଇଁ ଲାଭଦାୟକ ହେବ ବୋଲି କୁହାଯାଉଛି ।

# ପାକିସ୍ତାନକୁ ମୋଦୀଙ୍କ ଚେତାବନୀ: ଇଟାର ଜବାବ ପଥରରେ ଦିଆଯିବ



ଅହମ୍ମଦାବାଦ,୨୭।୫(ଏଜେନ୍ସି): ଅପରେସନ ସିନ୍ଦୂର ପରେ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ଗୁଜରାଟ ଗସ୍ତରେ ଯାଇଥିଲା ବେଳେ ମଙ୍ଗଳବାର ଅହମ୍ମଦାବାଦରେ ପୁଣି ପାକିସ୍ତାନ ଉପରେ ବର୍ଷିଛନ୍ତି । ଗୁଜରାଟ ନଗର ଉନ୍ନୟନର ୨୦ ତମ ବାର୍ଷିକୀ ସମାରୋହରେ ଯୋଗ ଦେଇ ବିଭିନ୍ନ ବିକାଶ ପ୍ରକଳ୍ପର ଶିଳାନ୍ୟାସ କରିବା ଅବସରରେ ସେ ପାକିସ୍ତାନକୁ ଏଣିକି ଇଟାର ଜବାବ ପଥରରେ ଦିଆଯିବ ବୋଲି କହିଛନ୍ତି । ପାକିସ୍ତାନର ଆତଙ୍କବାଦ କାର୍ଯ୍ୟକଳାପକୁ ନେଇ ସେ କହିଥିଲେ ଯେ, ସେମାନେ ଆତଙ୍କବାଦୀଙ୍କୁ ରାଷ୍ଟ୍ରୀୟ ସମ୍ମାନରେ ସମ୍ମାନିତ କରୁଛନ୍ତି । ଆତଙ୍କବାଦୀଙ୍କ ମାଧ୍ୟମରେ ପାକିସ୍ତାନ ଭାରତ ବିରୋଧରେ ଛାୟାଯୁଦ୍ଧ ଚଳାଇଛି ବୋଲି କୁହାଯାଉଛି । କିନ୍ତୁ ଏହା ପ୍ରକୃତରେ ସେମାନଙ୍କ ରଣନୀତି ଏବଂ ଏହି ଉପାୟରେ ସେମାନେ ଭାରତ ବିରୋଧରେ ଯୁଦ୍ଧ ଚଳାଇଛନ୍ତି । କିନ୍ତୁ ଭାରତ ମଧ୍ୟ ନିଜ ରଣନୀତି ବଦଳାଇସାରିଛି । ପାକିସ୍ତାନର କୌଣସି ହରକତ୍‌କୁ ଭାରତ ଠିକଣା ଢଙ୍ଗରେ ଜବାବ ଦେବାକୁ ପ୍ରସ୍ତୁତ ବୋଲି ମୋଦୀ କହିଛନ୍ତି ।

ଅପରେସନ ସିନ୍ଦୂରର ସଫଳତାକୁ ପୁଣି ଦୋହରାଇ ସେ କହିଥିଲେ ଯେ, ଆମ ସେନା ପାକିସ୍ତାନକୁ ଯେଭଳି ଶିକ୍ଷାଦ୍ଇଛେନ୍ତି ତାହାକୁ କୌଣସି ଦେଶବାସୀ ଭୁଲିପାରିବେ ନାହିଁ । ଭାରତ ବିରୋଧରେ ସେମାନେ କଦାଚିତ ପ୍ରତ୍ୟକ୍ଷ ଯୁଦ୍ଧ ଜିତିପାରିବେ ନାହିଁ ଜାଣିଛନ୍ତି । ତେଣୁ ପାକିସ୍ତାନ ଆତଙ୍କବାଦୀଙ୍କ ଜରିଆରେ ଛାୟା ଯୁଦ୍ଧକୁ ଆଶ୍ରୟ କରିଛି । ହେଲେ ଭାରତ ଆତଙ୍କବାଦୀଙ୍କୁ ଠିକଣା ଜବାବ ଦେଇଛି ବୋଲି ମୋଦୀ କହିଥିଲେ ।

**■ ଚକିତ ହୋଇଥିଲେ ସ୍କଟିସ୍ ୟୁଟ୍ୟୁବର୍**


# ଜ୍ୟୋତିଙ୍କୁ ପାକିସ୍ତାନରେ ମିଳୁଥିଲା କଡ଼ା ସୁରକ୍ଷା ବ୍ୟବସ୍ଥା

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ପାକିସ୍ତାନର ଆଇଏସଆଇ ପାଇଁ ଗୁଇନ୍ଦାଗିରି କରୁଥିବା ହରିୟାଣା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ କଳାକାରନାମା ସମ୍ପର୍କରେ ବେଳକୁ ବେଳ ବହୁ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଥିବା ବେଳେ ପାକିସ୍ତାନରେ ତାଙ୍କୁ କିଭଳି କଡ଼ା ସୁରକ୍ଷା ମିଳୁଥିଲା ସେ ସମ୍ପର୍କିତ ତଥ୍ୟ ସାମ୍ନାକୁ ଆସିଛି । ଜ୍ୟୋତି ଦୁଇ ଦୁଇ ଥର ପାକିସ୍ତାନ ଗସ୍ତ କରିଥିଲା ବେଳେ ସେଠାରେ ସେ ପାକିସ୍ତାନୀ ଗୁଇନ୍ଦା ଏଜେଣ୍ଟମାନଙ୍କୁ ଭେଟୁଥିଲେ । ଏହି ସମୟରେ



ତାଙ୍କୁ ମିଳୁଥିବା ସୁରକ୍ଷା ବ୍ୟବସ୍ଥାକୁ ଦେଖି ସ୍କଟଲାଣ୍ଡରେ ଜଣେ ୟୁଟ୍ୟୁବର ବିସ୍ମିତ ହୋଇପଡ଼ିଥିଲେ । ସ୍କଟିସ୍ ୟୁଟ୍ୟୁବର କାଲମ ମିଲ ଦେଇଥିବା ତଥ୍ୟ ଅନୁସାରେ ସେ ଯେତେବେଳେ ପାକିସ୍ତାନ ଯାଇଥିଲେ ସେତେବେଳେ ଜ୍ୟୋତି ମଧ୍ୟ ପାକିସ୍ତାନ ଯାଇଥିଲେ । ଏହି ସମୟରେ ଲାହୋରର ଅନାରକଲି ବଜାରରେ କାଲମ ସୁଟିଂ କରୁଥିଲା ବେଳେ ସେ ଜ୍ୟୋତିଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ଜଣେ ଭାରତୀୟ ୟୁଟ୍ୟୁବର ଭାବେ ତାଙ୍କ ସହ କିଛି ସମୟ କଥା ହୋଇଥିଲେ । ହେଲେ ଏହି ସମୟରେ ଜ୍ୟୋତିଙ୍କ ପାଇଁ ଯେଉଁଳି ସୁରକ୍ଷା ବ୍ୟବସ୍ଥା ହୋଇଥିଲା ତାହାକୁ ଦେଖି କାଲମ ତଟସ୍ଥ ହୋଇଯାଇଥିଲେ । ଜଣେ ୟୁଟ୍ୟୁବରଙ୍କୁ ଯେ ଏଭଳି ସୁରକ୍ଷା ମିଳିପାରେ ତାହା ସେ କେବେ ଚିନ୍ତା କରି ନଥିବା କହିଛନ୍ତି । ଜ୍ୟୋତିଙ୍କୁ ପ୍ରାୟ ୬ ଜଣ ବନ୍ଧୁକଧାରୀ ଘେରି ରହିଥିଲେ ଏବଂ ସେ ଜୁଆଡେ ଯାଉଥିଲେ ଏହି ସୁରକ୍ଷାକର୍ମୀମାନେ ତାଙ୍କ ପଛେ ପଛେ ଯାଉଥିବା ସେ ଦେଖିଥିଲେ ବୋଲି ପ୍ରକାଶ କରିଛନ୍ତି ।

# ଆଲୋଚନା ପାଇଁ ପ୍ରସ୍ତାବ ଦେଲେ ଶେହବାଜ୍



ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଅପରେସନ ସିନ୍ଦୂର ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ କୂଟନୈତିକ ଯୁଦ୍ଧ ଆହୁରି ତୀବ୍ର ହୋଇଛି । ପାକିସ୍ତାନ ସିନ୍ଧୁ ଜଳ ବନ୍ଦକୁ ନେଇ ଜାତିସଂଘ ଠାରୁ ଆରମ୍ଭ କରି ବିଭିନ୍ନ ଦେଶରେ ଭାରତ ବିରୋଧରେ ଅଭିଯାନ ଚଳାଇଥିଲା ବେଳେ ଅନ୍ୟପଟେ ଭାରତ ପାକିସ୍ତାନର ଆତଙ୍କବାଦକୁ ନେଇ ବିଶ୍ୱ ସମାଜକୁ ଅବଗତ କରିବାରେ ଲାଗିଛି । ଏହାମଧ୍ୟରେ ପାକିସ୍ତାନ ଭାରତ ସହ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହେଁ ବୋଲି ପ୍ରଧାନମନ୍ତ୍ରୀ ଶେହବାଜ୍ ସରିଫ୍ କହିଛନ୍ତି । କଶ୍ମୀର, ସିନ୍ଧୁ ନଦୀ ଜଳ ଚୁକ୍ତି, ବ୍ୟବସାୟ ବାଣିଜ୍ୟ ଏବଂ ଆତଙ୍କବାଦ ଭଳି ବିଭିନ୍ନ ପ୍ରସଙ୍ଗରେ ପାକିସ୍ତାନ ଭାରତ ସହ ଆଲୋଚନା କରି ସମସ୍ୟା ସମାଧାନ ପାଇଁ ଆଗ୍ରହୀ ଅଛି ବୋଲି ଶେହବାଜ କହିଛନ୍ତି । ଶେହବାଜ ସଂପ୍ରତି ଇରାନ ଗସ୍ତରେ ଯାଇଥିଲା ବେଳେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କ ସହ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ , ଭାରତ ସହିତ ବିଭିନ୍ନ କ୍ଷେତ୍ରରେ ରହିଥିବା ବିବାଦକୁ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ପାକିସ୍ତାନ ରାଜି ଅଛି । ଇସଲାମାବାଦ ଅତ୍ୟନ୍ତ ହୃଦୟତା ଏବଂ ଗମ୍ଭୀରତା ସହ ଶାନ୍ତି ପ୍ରତିଷ୍ଠା କରିବାକୁ ଚାହୁଁଛି । ଯଦି ଭାରତ ପାକିସ୍ତାନର ଏହି ପ୍ରସ୍ତାବକୁ ଗ୍ରହଣ କରି ଆଲୋଚନା ପାଇଁ ସହମତ ହୁଏ ତେବେ ଅନେକ ସମସ୍ୟାର ସମାଧାନ ସମ୍ଭବ ବୋଲି ଶେହବାଜ୍ କହିଛନ୍ତି । ହେଲେ ପାକିସ୍ତାନରେ ଆତଙ୍କବାଦୀ ସଂଗଠନଗୁଡିକୁ ଯେଭଳି ପ୍ରୋତ୍ସାହନ ଦିଆଯାଉଛି ତାହାକୁ ବନ୍ଦ କରାଯିବା କି ନାହିଁ ସେ ସମ୍ପର୍କରେ ଧାଡ଼ିଟିଏ କହିନାହାନ୍ତି । ଅନ୍ୟପକ୍ଷରେ ପାକିସ୍ତାନ ସୀମାପାର ଆତଙ୍କବାଦ ବନ୍ଦ ନ କଲା ଯାଏଁ ଆଲୋଚନା ସମ୍ଭବ ନୁହେଁ ବୋଲି ଭାରତ ବହୁ ପୂର୍ବରୁ ନିଜର ଆଭିମୁଖ୍ୟକୁ ଦୋହରାଇ ଆସିଛି ଏବଂ ଏବେ ମଧ୍ୟ ଏହି ନୀତିରୁ ବାହାରି ନାହିଁ । ଭାରତର ଏହି ମନୋଭାବକୁ ନେଇ ପ୍ରଧାନମନ୍ତ୍ରୀ ଶେହବାଜ୍ ଭାରତ ଉପରେ ଚାପ ସୃଷ୍ଟି କରିବାକୁ ଇତିମଧ୍ୟରେ ତୁର୍କୀ, ଇରାନ, ଅଜରବୈଜାନ ଏବଂ ତାଜାକିସ୍ତାନ ଭଳି ବିଭିନ୍ନ ରାଷ୍ଟ୍ର ଗସ୍ତ କରିଛନ୍ତି ।


# ତଳମୁହାଁ ଶିଳ୍ପ ଅଭିବୃଦ୍ଧି

ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଶିଳ୍ପ ଅଭିବୃଦ୍ଧି କ୍ଷେତ୍ରରେ ଭାରତକୁ ଲାଗିବାକୁ ଯାଉଛି ବଡ଼ ଝଟ୍‌କା । କାରଣ ଦେଶର ଶିଳ୍ପ ଉତ୍ପାଦନ ଅଭିବୃଦ୍ଧି (ଆଇଆଇପି) ହାର ଅଧା ହୋଇଯିବ । ଏପ୍ରିଲ ମାସରେ ଦେଶର ଶିଳ୍ପ ଅଭିବୃଦ୍ଧି ହାର ମାର୍ଚ୍ଚର ୩ ପ୍ରତିଶତରୁ ୧.୨ ପ୍ରତିଶତକୁ ହ୍ରାସ ପାଇବାର ସମ୍ଭାବନା ରହିଛି । ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସଦ୍ୟତମ ରିପୋର୍ଟରେ ଏ ନେଇ ଆକଳନ କରାଯାଇଛି ।

ରିପୋର୍ଟରେ କୁହାଯାଇଛି ଯେ ଏହି ହ୍ରାସ ଅର୍ଥନୈତିକ କାର୍ଯ୍ୟକଳାପରେ ମନ୍ଥରତା ଯୋଗୁଁ ହୋଇପାରେ । ବିଶେଷକରି ଖଣି ଏବଂ ଉତ୍ପାଦନ କ୍ଷେତ୍ରରେ ଉତ୍ପାଦକତା ହ୍ରାସ ଘଟିଛି । ଏଥିରେ କୁହାଯାଇଛି ଯେ ଆଇଆଇପି ୨୦୨୪ ଏପ୍ରିଲର ୫.୨ ପ୍ରତିଶତ ଅପେକ୍ଷା ବହୁତ କମ୍ ରହିବ ବୋଲି ଆଶା କରାଯାଉଛି । ଏହା ଦେଶର ଅର୍ଥନୀତିରେ ଆର୍ଥିକ କାର୍ଯ୍ୟକଳାପରେ ହ୍ରାସକୁ ସୂଚିତ କରୁଛି । ରିପୋର୍ଟ ଅନୁଯାୟୀ, ଚଳିତବର୍ଷ ମାର୍ଚ୍ଚ ପାଇଁ ଆଇଆଇପି ରିପୋର୍ଟ ଏପ୍ରିଲରେ ମାନ୍ଦାବସ୍ଥାକୁ ସୂଚିତ କରିଥିଲା । ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଶୁଳ୍କ ଘୋଷଣା ପରେ ବିଶ୍ୱ ବାଣିଜ୍ୟ ଅନିଶ୍ଚିତତା ବୃଦ୍ଧି ପାଇବା ଯୋଗୁଁ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା । ଆଇଆଇପିରେ ରପ୍ତାନିର ଯୋଗଦାନ ୩୦ ରୁ ୩୫ ପ୍ରତିଶତ । ଆରବିଆଇର ସଦ୍ୟତମ ବୁଲେଟିନରେ କୁହାଯାଇଛି ଯେ ଏପ୍ରିଲ ମାସରେ ଇ-ୱେ ବିଲ୍ ଏବଂ ଟୋଲ୍ ସଂଗ୍ରହରେ ଦୁଇ ଅଙ୍କ ବୃଦ୍ଧି ଘଟିଛି । ସେହି ସମୟରେ, ଅଟୋମୋବାଇଲ କ୍ଷେତ୍ରରେ ମାନ୍ଦାବସ୍ଥା ଦେଖାଯାଇଥିଲା । ଏହା ବ୍ୟତୀତ, ଲଗାତାର ଭାବେ ତୃତୀୟ ମାସ ପାଇଁ ପେଟ୍ରୋଲିୟମ୍ ବ୍ୟବହାର ହ୍ରାସ ପାଇଛି । ଏପ୍ରିଲ ମାସରେ ବାଣିଜ୍ୟ ନିଅଣ୍ଟ ବୃଦ୍ଧି ପାଇଛି । ଏପ୍ରିଲ ମାସରେ ବାଣିଜ୍ୟ ନିଅଣ୍ଟ ୨୬.୪ ବିଲିୟନ ଡଲାର ଥିଲା, ଯାହା ପୂର୍ବ ବର୍ଷର ଏହି ସମୟ ମଧ୍ୟରେ ୧୯.୨ ବିଲିୟନ ଡଲାର ଥିଲା ।

# ଭାରତ ନିର୍ମାଣ କରିବ ୫ମ ପିଢ଼ିର ଷ୍ଟେଲଥ୍ ଯୁଦ୍ଧ ବିମାନ

**■ ଏଏମସିଏ ପ୍ରକଳ୍ପକୁ ପ୍ରତିରକ୍ଷା ବିଭାଗର ମଞ୍ଜୁରୀ**



ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଅପରେସନ ସିନ୍ଦୂର ସଫଳତାକୁ ନେଇ ଏବେ ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ଚର୍ଚ୍ଚା ଚାଲିଛି । ବିଶେଷକରି ଭାରତର ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଏବଂ କ୍ଷେପଣାସ୍ତ୍ର ଏହି ଅପରେସନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିବାରୁ ଦେଶର ପ୍ରତିରକ୍ଷା ଗବେଷଣା ସଂସ୍ଥା ଏବଂ ଉତ୍ପାଦନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମଙ୍ଗଳବାର ନିଆଯାଇଥିବା ଏକ ବଡ଼ ନିଷ୍ପତ୍ତି ଅନୁଯାୟୀ ଭାରତୀୟବାୟୁସେନାକୁ ଅଧିକ ସଶକ୍ତ କରିବା ଲାଗି ଏକ ନୂଆ ଯୋଜନାକୁ ମଞ୍ଜୁରୀ ଦିଆଯାଇଛି । ଭାରତରେ ୫ମ ପିଢ଼ିର ଷ୍ଟେଲଥ ଯୁଦ୍ଧ ବିମାନ ନିର୍ମାଣ କରିବାକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ 'ଆଡଭାନ୍ସଡ୍ ମିଡିୟମ୍ କମ୍ବାଟ୍ ଏୟାରକ୍ରାଫ୍ଟ (ଏଏମସିଏ)' ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଅନୁମୋଦନ ଦେଇଛନ୍ତି । ଏଏମସିଏ ହେଉଛି ଭାରତୀୟ ବାୟୁସେନା ପାଇଁ ଡିଜାଇନ୍ କରାଯାଇଥିବା ଏକ ପଞ୍ଚମ ପିଢ଼ିର ଉନ୍ନତ ମଧ୍ୟମ ଯୁଦ୍ଧ ବିମାନ । ଏହାକୁ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାରେ ପ୍ରସ୍ତୁତ କରାଯିବା ସହିତ ଏଥିରେ ସୁପରକ୍ରୁଜ୍, ଉନ୍ନତ ସେନ୍ସର, ଏଆଇ ପ୍ରଯୁକ୍ତିବିଦ୍ୟା ଏବଂ ଷ୍ଟେଲଥ ପ୍ରଯୁକ୍ତିବିଦ୍ୟା ଭଳି ବୈଶିଷ୍ଟ୍ୟ ରହିବ । ଷ୍ଟେଲଥ ପ୍ରଯୁକ୍ତିବିଦ୍ୟା ଯୋଗୁ ଏହି ବିମାନ ଶତ୍ରୁପକ୍ଷ ରାଡାରକୁ ମାତ୍ ଦ୍ଇ ନିଜ ଲକ୍ଷ୍ୟସାଧନ କରିପାରିବ । ଏହା ବ୍ୟତୀତ ଏହା ଶବ୍ଦର ବେଗ ତୁଳନାରେ ଯଥେଷ୍ଟ ଅଧିକ ବେଗରେ ଗତି କରିବାର କ୍ଷମତା ରଖିବ । ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଅଧୀନରେ କାର୍ଯ୍ୟ କରୁଥିବା ଏରୋନଟିକାଲ୍ ଡେଭଲପମେଣ୍ଟ ଏଜେନ୍ସି (ଏଡିଏ) ଏହି ପ୍ରକଳ୍ପର ନେତୃତ୍ୱ ନେବ ବୋଲି କୁହାଯାଇଛି । ଏଡିଏ ଘରୋଇ ଏବଂ ସରକାରୀ କ୍ଷେତ୍ରରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡ଼ିକ ସହିତ ମିଳିତ ଉଦ୍ୟମରେ ଏହି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବ ବୋଲି ଯୋଜନା ରହିଛି । ୨୦୩୦ ସୁଦ୍ଧା ଭାରତୀୟ ବାୟୁସେନାକୁ ଏହି ଅତ୍ୟାଧୁନିକ ବିମାନ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି । ଏହି ବିମାନର ଓଜନ ପ୍ରାୟ ୨୫ ଟନ୍ ହେବ ଏବଂ ଏହା ରାଫେଲ ଓ ସୁଖୋଇ ଅପେକ୍ଷା ଆକାରରେ ଛୋଟ ହେବା ସହିତ ଅଧିକ ଦ୍ରୁତ ଗତିରେ ଉଡାଣ କରିପାରିବ । ଏହା ଆକାଶରୁ ଆକାଶ ଏବଂ ଆକାଶରୁ ଭୂମି ଉପରେ ଲକ୍ଷ୍ୟ ସାଧନ କରିବାକୁ ସକ୍ଷମ ହେବ ବୋଲି କୁହାଯାଇଛି ।

# ଚିନ୍ତା ବଢ଼ାଇଛି କରୋନାର ଦୁଇ ନୂଆ ଭ୍ୟାରିଆଣ୍ଟ



ନୂଆଦିଲ୍ଲୀ,୨୭।୫(ଏଜେନ୍ସି): ଦକ୍ଷିଣ ଏସିଆର ବିଭିନ୍ନଦ୍ଦେଶରେ ଏବେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢି ଚାଲିଥିଲା ବେଳେ ଭାରତରେ ମଧ୍ୟ ସ୍ଥିତି ଚିନ୍ତାଜନକ ହେବାରେ ଲାଗିଛି । ସପ୍ତାହ ମଧ୍ୟରେ କରୋନା ସକ୍ରିୟ ମାମଲା ବୃଦ୍ଧି ପାଇ ମଙ୍ଗଳବାର ସୁଦ୍ଧା ୧୦୧୦ରେ ପହଞ୍ଚିଥିବା କୁହାଯାଇଛି । କେରଳରୁ କର୍ଣ୍ଣାଟକ ଏବଂ ମହାରାଷ୍ଟ୍ରରୁ ଦିଲ୍ଲୀ ପର୍ଯ୍ୟନ୍ତ ପ୍ରାୟ ୨୦ ରାଜ୍ୟରେ ନୂଆ ମାମଲା ବଢି ଚାଲିଛି । ଏବେ ସୁଦ୍ଧା ଦେଶରେ ୧୧ ଜଣଙ୍କର ମୃତ୍ୟୁ ହୋଇଥିଲା ବେଳେ କେବଳ ମହାରାଷ୍ଟ୍ରରେ ୫ ଜଣଙ୍କ ମୃତ୍ୟୁ ହୋଇଛି । ତେବେ ଏହାମଧ୍ୟରେ କରୋନାର ଦୁଇଟି ନୂଆ ଭ୍ୟାରିଆଣ୍ଟ ଚିନ୍ତା ବଢାଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଥିବା ତଥ୍ୟ ଅନୁଯାୟୀ ଦେଶରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହଜାରେ ଅତିକ୍ରମ କରିଥିଲା ବେଳେ କେରଳ, ମହାରାଷ୍ଟ୍ର ଏବଂ ଦିଲ୍ଲୀରେ ସର୍ବାଧିକ ମାମଲା ସାମ୍ନାକୁ ଆସିଛି ।ସକ୍ରିୟ ମାମଲା ମଧ୍ୟରୁ ୭୫୨ଟି ମାମଲା ସମ୍ପର୍କରେ ରିପୋର୍ଟ କରାଯାଇଛି । ଏଭଳି ସ୍ଥିତିରେ ଭାରତୀୟ ମେଡିକାଲ ଗବେଷଣା ପରିଷଦ(ଆଇସିଏମଆର) ପକ୍ଷରୁ ସ୍ଥିତି ଉପରେ ନଜର ରଖାଯିବା ସହିତ ପଦକ୍ଷେପ ନେବାକୁ ପ୍ରୟାସ ଆରମ୍ଭ ହୋଇଛି । ଆଇସିଏମଆର କହିଛି ଯେ , ଦେଶରେ ଏବେ ଏଲଏଫ.୭, ଏକ୍ସଏଫଜି, ଜେଏନ.୧ ଏବଂ ଏନବି.୧.୮.୧ ଭଳି ୪ ପ୍ରକାରର ଭ୍ୟାରିଆଣ୍ଟ ଦେଖାଦେଇଛି । ଏହାମଧ୍ୟରୁ କେତେକଙ୍କ ରିପୋର୍ଟରେ ଏନବି.୧.୮.୧ଏବଂ ଏଲଏଫ.୭ ଚିହ୍ନଟ ହୋଇଛି । ମୁମ୍ବାଇ, ପୁଣେ ଏବଂ ଥାନେ ଭଳି ସହରରେ ନୂଆ ଭାରିଆଣ୍ଟ ଦ୍ୱାରା ସର୍ବାଧିକ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ତେବେ କେରଳରେ କରୋନା ସ୍ଥିତି ସବୁଠୁ ଚିନ୍ତାଜନକ ରହିଥିବା କୁହାଯାଇଛି । ଏଠାରେ ୪ ଶହରୁ ଅଧିକ ସକ୍ରିୟ କରୋନା ମାମଲା ପଞ୍ଜିକୃତ ହୋଇଛି । ଏହା ପଛକୁ ମହାରାଷ୍ଟ୍ର, ଦିଲ୍ଲୀ ଏବଂ କର୍ଣ୍ଣାଟକ ରହିଛି । ସେଥିପାଇଁ ଏହିସବୁ ରାଜ୍ୟଗୁଡିକ ପକ୍ଷରୁ ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଉଛି । ସମସ୍ତ ହସ୍ପିଟାଲରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି ।

# ବିପଦ ସୃଷ୍ଟି କରୁଛି ବୁଡ଼ି ଯାଇଥିବା ଜାହାଜର ତେଲ

ତିରୁଅନନ୍ତପୁରମ୍,୨୭।୫(ଏଜେନ୍ସି): ଆରବ ସାଗର ମଧ୍ୟରେ କେରଳ ଉପକୂଳରେ ଗତ ରବିବାର ବୁଡିଯାଇଥିବା ଏକ ଲାଇବେରିଆ ପଣ୍ୟବାହୀ ଜାହାଜରୁ ନିର୍ଗତ ତୈଳକୁ ନେଇ ବୈଜ୍ଞାନିକ ଏବଂ ପରିବେଶବିତ୍‌ମାନେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି । କେବଳ ତୈଳ ନୁହେଁ ଏହି ଜାହାଜରେ ଯାଉଥିବା ୧୪ଟି କଣ୍ଟେନରରେ କ୍ୟାଲସିୟମ କାର୍ବାଇଡ୍ ଭଳି ଅତ୍ୟନ୍ତ ବିଷାକ୍ତ ପଦାର୍ଥ ଏବେ ସମୁଦ୍ର ଜଳରେ ମିଶିଥିବାରୁ ଉପକୂଳ ପରିବେଶ ପାଇଁ କ୍ଷତି ସାଧନ କରିପାରେ ବୋଲି ବୈଜ୍ଞାନିକମାନେ ଆଶଙ୍କିତ ହୋଇପଡ଼ିଛନ୍ତି । ଏମଏସସି ଏଲସା-୩ ନାମକ ଏହି ଜାହାଜରୁ ନିର୍ଗତ ତୈଳ ଯେଭଳି ସମଦ୍ର ଉପକୂଳରେ ନ ପହଞ୍ଚେ ତାହାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ବୈଜ୍ଞାନିକମାନେ ପରାମର୍ଶ ଦେଇଛନ୍ତି । ଏହାପୂର୍ବରୁ କେରଳ ସରକାରଙ୍କ ପକ୍ଷରୁ ସର୍ବସାଧାରଣଙ୍କ ପାଇଁ ସତର୍କତା ଜାରି କରାଯିବା ସହିତ ମତ୍ସ୍ୟଜୀବୀମାନଙ୍କ ପାଇଁ ମଧ୍ୟ ସ୍ୱତନ୍ତ୍ର ଭାବେ



ମାର୍ଗଦର୍ଶିକା ଜାରି କରାଯାଇଥିଲା ବେଳେ ଏବେ କେନ୍ଦ୍ର ସାମୁଦ୍ରିକ ମତ୍ସ୍ୟ ଗବେଷଣା ପ୍ରତିଷ୍ଠାନ(ସିଏମଏଫଆରଆଇ), ସାମୁଦ୍ରିକ ଜୈବ ବିଭାଗ ଏବଂ ସୀମା ତଟରକ୍ଷୀ ବାହିନୀ ପକ୍ଷରୁ ପ୍ରଦୂଷଣ ରୋକିବାକୁ ଜୋରଦାର ଉଦ୍ୟମ କରାଯାଉଛି । ଏହି ଜାହାଜରେ ପରିବହନ ହେଉଥିବା କ୍ୟାଲସିୟମ କାର୍ବାଇଡ୍ ବିପୁଳ ପରିମାଣରେ ସମୁଦ୍ର ଜଳରେ ମିଶିଯାଇଥିବାରୁ ଏହା ସାମୁଦ୍ରିକ ଜୀବସତ୍ତା ପାଇଁ ମଧ୍ୟ ବିପଦ ସୃଷ୍ଟି କରିପାରେ ବୋଲି କୁହାଯାଉଛି । ଏହାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରୟାସ ଆରମ୍ଭ କରାଯାଇଛି ।

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ସୃଜାନାତ୍ମକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଅଧିକ ପରିଶ୍ରମ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ବିଦେଶ ଯାତ୍ରା ଯୋଗ ଅଛି। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।


**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୮୩- ମହାନ୍ କ୍ରାନ୍ତିକାରୀ ବିନାୟକ ଦାମୋଦର ସାବରକରଙ୍କ ଜନ୍ମ।
- ୧୯୫୯- ଦୁଇଟି ଆମେରିକୀୟ ମାଙ୍କଡ଼ ମହାକାଶକୁ ଯାତ୍ରା କଲେ।
- ୧୯୯୬- ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ଅଟଳ ବିହାରୀ ବାଜପେୟୀ।
- ୧୯୯୮-ପାକିସ୍ତାନ ପରମାଣୁ ପରୀକ୍ଷା କଲା।
- ୨୦୦୮- ନେପାଳରେ ୨୪୦ ବର୍ଷ ଧରି ଚାଲି ଆସୁଥିବା ରାଜତନ୍ତ୍ରର ବିଲୋପ।

## ପ୍ରଥମ ଥର କରିବେ ଅମିର୍ ଏହି କାମ



ବଲିଉଡ୍‌ର ମିଷ୍ଟର ପରଫେକ୍ଟନିଷ୍ଟ ଅମିର୍ ଖାନ୍ 'ସିତାରେ ଜମିନ୍ ପର୍' ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି। ଏହାର ପୋଷ୍ଟର୍ ଓ ଟ୍ରେଲର୍ ଲଞ୍ଚ୍ ହେବା ପରେ ଦର୍ଶକେ ଫିଲ୍ମଟିକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ତେବେ ଅମିର୍ ଏହି ଫିଲ୍ମ ମାଧ୍ୟମରେ ଏପରି କିଛି କରିଛନ୍ତି ଯାହା ତାଙ୍କ ୩୦ ବର୍ଷର ଫିଲ୍ମି କ୍ୟାରିୟରରେ କରି ନ ଥିଲେ। ବଲିଉଡ୍‌କୁ ଅନେକ ବ୍ଲକ୍‌ବଷ୍ଟର ଫିଲ୍ମ ଦେଇଥିବା ଅମିର୍ କେବେ ପୂର୍ବରୁ ସିକ୍ୱେଲ ଫିଲ୍ମରେ କାମ କରି ନ ଥିଲେ। 'ସିତାରେ ଜମିନ୍ ପର' ତାଙ୍କ କ୍ୟାରିୟରର ପ୍ରଥମ ସିକ୍ୱେଲ ଫିଲ୍ମ ହେବ। ଏଠାରେ ପ୍ରକାଶ ଥାଉ କି, ୨୦୦୭ରେ 'ତାରେ ଜମିନ୍ ପର୍' ଫିଲ୍ମ ଆସିଥିଲା। 'ସିତାରେ ଜମିନ୍ ପର୍' ଏହାର ସିକ୍ୱେଲ। ଏହି ଫିଲ୍ମ ମାଧ୍ୟମରେ ଅମିର୍ ୧୦ ଜଣ ନୂଆ କଳାକାରଙ୍କୁ ସୁଯୋଗ ଦେଇଛନ୍ତି। ଫିଲ୍ମରେ ଜେନେଲିଆ ଡିସୁଜା ଅମିର୍‌ଙ୍କ ବିପକ୍ଷରେ ନଜର ଆସିବେ। ଆର୍. ଏସ୍ ପ୍ରସନ୍ନା ଏହାର ନିର୍ଦ୍ଦେଶନା ଦେବେ। ଅମିର୍ ଏହି ଫିଲ୍ମରେ ଅଭିନୟ କରିବା ସହ ଏହାର ପ୍ରଯୋଜନା ଭାର ମଧ୍ୟ ସମ୍ଭାଳିଛନ୍ତି।

## କିଛି ନ କରିବାର ପ୍ରତିଯୋଗିତା



ଦକ୍ଷିଣ କୋରିଆରେ ପ୍ରତିବର୍ଷ ଏକ ନିଆରା ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଆସୁଛି। ଏଥର ମଧ୍ୟ ଏହାର ୧୧ତମ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହା ଏମିତି ଏକ ପ୍ରତିଯୋଗିତା, ଯେଉଁଥିରେ ପ୍ରତିଯୋଗୀଙ୍କୁ କିଛି ବି କରିବାକୁ ପଡ଼ି ନ ଥାଏ। ସେମାନେ କେବଳ ବସି ରୁହନ୍ତି। ଏହି ପ୍ରତିଯୋଗିତାର ନାଁ 'ସ୍ପେସ୍ ଆଉଟ୍'। ଏଥିରେ ସାମିଲ ପ୍ରତିଯୋଗୀଙ୍କୁ ୯୦ ମିନିଟ୍ ପର୍ଯ୍ୟନ୍ତ କିଛି କରିବାକୁ ପଡ଼ି ନ ଥାଏ। ଅର୍ଥାତ୍ ସେମାନେ କାହାରି ସହିତ କଥାବାର୍ତ୍ତା କରିବେନି କି ଶୋଇବେ ନାହିଁ। ଏପରିକି ଏହି ସମୟ ମଧ୍ୟରେ ସେମାନେ କୌଣସି ଇଲେକଟ୍ରୋନିକ୍ ଡିଭାଇସ୍ ମଧ୍ୟ ବ୍ୟବହାର କରି ନ ଥାନ୍ତି। କେବଳ ସେମାନଙ୍କୁ ଶାନ୍ତ ଭାବେ ବସି ରହି ହୃଦ୍ ସ୍ପନ୍ଦନକୁ ନିୟନ୍ତ୍ରଣରେ ରଖିବାକୁ ହୋଇଥାଏ। ଅବଶ୍ୟ ହୃଦ୍ ସ୍ପନ୍ଦନର ଗତିର ମନିଟରିଂ ଆଧାରରେ ପ୍ରତିଯୋଗିତାରେ ବିଜେତାଙ୍କୁ ମନୋନୀତ କରାଯାଏ। ତେବେ ହୃଦ୍‌ସ୍ପନ୍ଦନ ଅଧିକ ସ୍ଥିର ଥିବା ପ୍ରତିଯୋଗୀ ହିଁ ଏହାର ବିଜେତା ହୋଇଥାନ୍ତି। ପ୍ରତିଯୋଗିତା ଦେଖୁଥିବା ଦର୍ଶକଙ୍କ ଭୋଟ୍ ଆଧାରରେ ବିଜେତା ଘୋଷଣା କରାଯାଏ। ହେଲେ ଏହି ପ୍ରତିଯୋଗିତା ଆୟୋଜନର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ଚିନ୍ତାମୁକ୍ତ ରଖିବା ଏବଂ ଡିଜିଟାଲ ଦୁନିଆରୁ କିଛି ସମୟ ପାଇଁ ଆଶ୍ୱସ୍ତି ପ୍ରଦାନ କରିବା। ଏଥର ଏଥିରେ ଭାଗ ନେବା ପାଇଁ ୪,୫୪୭ ଟିମ୍ ଆବେଦନ କରିଥିଲେ। ହେଲେ ୮୦ଟି ଟିମ୍‌ରୁ କେବଳ ୧୨୬ ଜଣଙ୍କୁ ଏଥିରେ ସାମିଲ ହେବାର ସୁଯୋଗ ମିଳିଥିଲା। ସେହିପରି ଏହି ପ୍ରତିଯୋଗିତା ଚଳିତ ବର୍ଷ ସିଓଲର ଜାମସୁ ବ୍ରିଜ୍‌ର ବାନପୋ ହାନଗାଙ୍ଗ ପାର୍କରେ ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଏହି ପ୍ରତିଯୋଗିତାଟିକୁ ୨୦୧୪ ମସିହାରେ କୋରିଆର ଭିଜୁଆଲ ଆର୍ଟିଷ୍ଟ ଉପସ୍ୟାଙ୍ଗ ପରିଚିତ କରାଇ ଥିଲେ।

## ବିଦେଶରେ ଭାରତୀୟ ବ୍ୟାଗ୍

ଆମେରିକାର ଲଗଜୁରି ରିଟେଲ ୱେବ୍‌ସାଇଟ୍ ନର୍ଡଷ୍ଟ୍ରମ୍ ଏକ ସାଧାରଣ ଭାରତୀୟ କପଡ଼ା ବ୍ୟାଗ୍‌କୁ ପ୍ରାୟ ୪,୧୦୦ ଟଙ୍କାରେ ବିକ୍ରି କରୁଛି। ଜାପାନୀ ବ୍ରାଣ୍ଡ ପ୍ୟୁବକୋ ଏହାକୁ 'ଇଣ୍ଡିଆନ୍ ସୋଭେନିୟର ବ୍ୟାଗ୍' ନାଁ ଦେଇଛି। ରୋଚକୀୟ କଥାଟି ହେଲା, ଏଭଳି ବ୍ୟାଗ୍ ପ୍ରତିଟି ଭାରତୀୟଙ୍କ ଘରେ ଦେଖିବାକୁ ମିଳେ। ଏହା ପୁଣି ମାଗଣାରେ ମିଳିଥାଏ। ଅର୍ଥାତ୍ ଲୋକେ ଅଧିକ ଜିନିଷ କିଣାକିଣି କରିବା ପରେ ଦୋକାନୀ ଏହାକୁ ମାଗଣାରେ ଦେଇଥାନ୍ତି। ଏଥିରେ ଦୋକାନର ନାଁ ମଧ୍ୟ ଉଲ୍ଲେଖ ଥାଏ। ସେହିପରି ପ୍ୟୁବକୋ ଏହି ବ୍ୟାଗ୍‌କୁ ଷ୍ଟାଇଲିସ୍ ଓ ନିଆରା ଡିଜାଇନ୍ ବୋଲି କହିଛି। ତା'ସହ ଏହା ଯାତ୍ରୀଙ୍କ ପାଇଁ ଜରୁରି ବୋଲି କହିଛି। ଏହି ବ୍ୟାଗ୍‌କୁ ରିସାଇକଲ ସାମଗ୍ରୀରେ ତିଆରି କରାଯାଇଛି। ଏହାକୁ ଭାରତୀୟ ସଂସ୍କୃତିର ପ୍ରତୀକ ବୋଲି କୁହାଯାଇ ବିକ୍ରି କରାଯାଉଛି। ହେଲେ ଭାରତୀୟଙ୍କ ପାଇଁ ଏହା ଅତି ସାଧାରଣ ବ୍ୟାଗ୍। ଯାହାକୁ ସେମାନଙ୍କୁ ତେଜରାତି ତଥା ମିଠା କିଣିବା ବେଳେ ମାଗଣାରେ ମିଳିଥାଏ। ସାମାଜିକ ଗଣମାଧ୍ୟମରେ ଏକଥା ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି। ଲୋକେ ଏହା ଉପରେ ଭିନ୍ନ ଭିନ୍ନ ମଜାଦାର ପ୍ରତିକ୍ରିୟା ଦେଇଛନ୍ତି।




# ସମ୍ଭାବନା



## ଥ୍ରୀଡି ଜବ୍

**ସାଧାରଣତଃ ବିଦେଶରେ ଚାକିରି କରିବା କଥା ଉଠିଲେ, ସମସ୍ତେ ଭାବନ୍ତି ସେଠାକାର ଜୀବନ ଆରାମଦାୟକ ଓ ଶାନ୍ତିପୂର୍ଣ୍ଣ ହୋଇଥିବ। ହେଲେ ବାସ୍ତବରେ କିଛି ଲୋକ ବିଦେଶରେ ଏମିତି କିଛି କାମ କରିଥାନ୍ତି, ଯାହାକୁ ଥ୍ରୀଡି ଚାକିରି ବୋଲି କୁହାଯାଏ।**

ଥ୍ରୀଡିର ଅର୍ଥ ହେଉଛି ଡାର୍ଟି, ଡେଞ୍ଜରିୟସ୍ ଓ ଡିଫିକଲ୍ଟ। ଅର୍ଥାତ୍ ଖରାପ, ଭୟାନକ ଏବଂ କଠିନ କାମ। ଏହି ଚାକିରିରେ ମୁଖ୍ୟତଃ ଶାରୀରିକ ପରିଶ୍ରମ ଅଧିକ ହୋଇଥାଏ ଏବଂ କାମର ପରିବେଶ ଅସୁରକ୍ଷିତ ଓ କଷ୍ଟକର ହୋଇଥାଏ। କନଷ୍ଟ୍ରକସନ ସାଇଟ୍‌ରେ କାମ କରିବା, ସଫେଇ କାମ, ଫ୍ୟାକ୍ଟ୍ରିରେ ଭାରି ମେସିନ ସହିତ କାମ କରିବା, ଜାହାଜ ସଫେଇ ଏବଂ ଖଣିରେ କାମ କରିବା ଚାକିରି ଏଥିରେ ସାମିଲ ଅଛି।

ଅଧିକାଂଶ ଥ୍ରୀଡି ଚାକିରିରେ କାମ କରୁଥିବା ଲୋକେ ଭାରତ, ନେପାଳ, ବାଂଲାଦେଶ, ପାକିସ୍ତାନ, ଫିଲିପିନ୍ସ ଭଳି ବିକାଶଶୀଳ ଦେଶରୁ ଆସିଥାନ୍ତି। ସେମାନେ ଭଲ ରୋଜଗାର ଏବଂ ପରିବାରକୁ ସାହାଯ୍ୟ କରିବା ପାଇଁ ବିଦେଶ ଆସି ଥ୍ରୀଡି ଚାକିରି କରନ୍ତି। ଏଭଳି ଚାକିରିରେ କାମ କରିବାର ପରିବେଶ ଅସୁରକ୍ଷିତ ହୋଇଥାଏ। ଅନେକ ସମୟରେ ଲୋକଙ୍କୁ ବିନା ହେଲମେଟ୍, ଗ୍ଲୁଭସ୍ ତଥା ଅନ୍ୟ ସୁରକ୍ଷା ଉପକରଣରେ କାମ କରିବାକୁ ହୁଏ। ଏପରି ଚାକିରିରେ ଦୀର୍ଘ ସମୟ ପର୍ଯ୍ୟନ୍ତ କାମ କରିବାକୁ ପଡ଼େ। ତା'ସହ କମ୍ ବିଶ୍ରାମ, କମ୍ ବେତନ ମିଳିଥାଏ।



ତେବେ ଏତେ କଷ୍ଟ ତଥା ସମସ୍ୟା ସାମ୍ନା କଲେ ବି ଲୋକେ ଏହି ଚାକିରି କରିବାକୁ କାହିଁକି ବିଦେଶ ଆସନ୍ତି, ମନରେ ପ୍ରଶ୍ନ ଆସିବା ସ୍ୱାଭାବିକ। ବିଦେଶରେ ମିଳୁଥିବା ଦରମା ଅନ୍ୟ ଦେଶ ତୁଳନାରେ ଖୁବ୍ ଅଧିକ ହୋଇଥାଏ। ଯଦିଓ କାମ କଠିନ ଥାଏ, ତଥାପି ବିଦେଶରେ କାମ କରି ଲୋକେ ନିଜ ଘର ପରିବାରକୁ ଟଙ୍କା ପଠାଇବାରେ ସଫଳ ହୋଇଥାନ୍ତି ଏବଂ ଜୀବନରେ ସୁଧାର ଆସେ। ଏହି କାରଣ ଯୋଗୁଁ ପ୍ରତିବର୍ଷ ଲକ୍ଷାଧିକ ଲୋକେ ଚାକିରି ପାଇଁ ବିଦେଶ ଆସିଥାନ୍ତି।

## ଜିନିଷର ପ୍ରଚାର ପ୍ରସାର କରୁଥିଲେ...

**କୌଣସି ଜିନିଷର ପ୍ରଚାର ପ୍ରସାର କରିବା ଲାଗି ବିଭିନ୍ନ କମ୍ପାନି ଭିନ୍ନ ଭିନ୍ନ ରଣନୀତି ପ୍ରସ୍ତୁତ କରିଥାଏ। ତେବେ ପ୍ରଚାର ପ୍ରସାର ଦିଗରେ ଶବ୍ଦର ଭୂମିକା ଥାଏ ଗୁରୁତ୍ୱପୂର୍ଣ୍ଣ। ତେଣୁ ଯଦି ଶବ୍ଦରେ ଟିକେ ପରିବର୍ତ୍ତନ ଅଣାଯାଏ, ତେବେ ଜିନିଷର ପ୍ରଭାବ ଏବଂ ବଜାରରେ ବି ଏହାର ଚାହିଦା ବୃଦ୍ଧି ପାଏ।**



କୌଣସି ଜିନିଷ ଲାଗି 'ଭେରି ଗୁଡ୍' ବଦଳରେ 'ଏକ୍ସିଲେଣ୍ଟ' ତଥା 'ଅସମ୍' ବ୍ୟବହାର କରିପାରିବେ। ନଚେତ୍ ଏହାକୁ 'ଟପ୍ ପ୍ରଡକ୍ଟ' ବୋଲି ବି କୁହାଯାଇପାରିବ। ସେହିପରି ଜିନିଷ ଉପରେ ରିହାତି ଦେଉଥିଲେ 'ଡିସ୍‌କାଉଣ୍ଟ' ଶବ୍ଦକୁ ବ୍ୟବହାର ନ କରି 'ଲିମିଟେଡ୍ ଟାଇମ୍ ଅଫର୍' ବୋଲି କହିପାରିବେ। ଏହାବାଦ୍ 'ଚିପ୍' ଏବଂ 'ଆଫଡେବଲ' ନ କହି 'ଆସେସବଲ' ଶବ୍ଦ କହିବା ଏକ ଉତ୍ତମ ବିକଳ୍ପ। ସେହିପରି ୱେବ୍‌ସାଇଟ୍‌ରେ ଅଫର୍ ଲାଗି 'ସାଇନ୍ ଅପ୍' କରିବାକୁ କୁହାଯାଏ। ହେଲେ ଏହା ପରିବର୍ତ୍ତେ 'ଜଏନ୍ ଦ ମୁଭମେଣ୍ଟ' କହିଲେ ଅଧିକ ପ୍ରଭାବଶାଳୀ ଲାଗେ।

## ସମର୍ କୋର୍ସ

**ଗ୍ରୀଷ୍ମ ଛୁଟିରେ ସମର କ୍ୟାମ୍ପର ଚାହିଦା ବୃଦ୍ଧି ପାଏ। ତା'ସହ ସମର୍ କୋର୍ସର ବି। ଏହି ଛୁଟିରେ ପିଲାମାନଙ୍କୁ ନୂଆ ନୂଆ ଜ୍ଞାନ କୌଶଳ ଶିଖିବାକୁ ପ୍ରୟାସ କରାଯାଏ। ହେଲେ କିଛି କୋର୍ସ ଏଭଳି ଅଛି, ଯାହାକୁ ଏହି ଛୁଟିରେ କରିବା ଉତ୍ତମ।**

**କୋଡିଂ:** କୋଡିଂ କେବଳ ବଡ଼ମାନେ ନୁହନ୍ତି, ବରଂ ଏହାକୁ ଛୋଟ ପିଲାମାନେ ମଧ୍ୟ ଶିଖିପାରିବେ। ଏନେଇ ଉଭୟ ଅନଲାଇନ୍ ଏବଂ ଅଫଲାଇନ୍‌ରେ ସୁବିଧା ଅଛି। ଖରା ଛୁଟିରେ ଏହି କ୍ଲାସ୍ ପିଲାଙ୍କ ପାଇଁ ଲାଭଦାୟକ ହେବ। ଏହା ଦ୍ୱାରା ପିଲା କେବଳ ଭବିଷ୍ୟତ ଟେକ୍ନୋଲୋଜି ଶିଖିବେ ନାହିଁ, ବରଂ ସ୍କୁଲର କମ୍ପ୍ୟୁଟର କ୍ଲାସ୍ ପାଇଁ ବି ପ୍ରସ୍ତୁତ ହୋଇଯିବେ।

**ଷ୍ଟୋରି ଟେଲିଂ:** ଶିକ୍ଷାଦାନର ମଜାଦାର ଶୈଳୀ ହେଉଛି ଷ୍ଟୋରି ଟେଲିଂ। ଷ୍ଟୋରି ଟେଲିଂ ଦ୍ୱାରା ପିଲାଙ୍କ ପଢ଼ାଭ୍ୟାସରେ ସୁଧାର ଆସିଥାଏ। ପିଲା ଏହା ମାଧ୍ୟମରେ ନୂଆ ଶବ୍ଦ ଶିଖିଥାନ୍ତି।

**ଆର୍ଟ ଆଣ୍ଡ କ୍ରାଫ୍ଟ:** ଖରା ଛୁଟିରେ ପିଲାଙ୍କୁ ଆର୍ଟ ଆଣ୍ଡ କ୍ରାଫ୍ଟ କୋର୍ସ ପାଇଁ ପଠାଇପାରିବେ। ଏକ ଗବେଷଣାନୁସାରେ, ଅଳ୍ପ ବୟସରେ ସୃଜନାତ୍ମକ ଜିନିଷ ତିଆରି କରିବା ଦ୍ୱାରା ମସ୍ତିଷ୍କ ପ୍ରଖର ହୋଇଥାଏ। ଏହା ଦ୍ୱାରା ପିଲାଙ୍କ ଚିନ୍ତନଶକ୍ତି ବୃଦ୍ଧି ପାଏ। ଏହା ମାଧ୍ୟମରେ ପିଲାମାନେ ବହୁତ କିଛି ନୂଆ ତିଆରି କରିବା ଶିଖନ୍ତି।

**କମ୍ୟୁନିକେସନ:** କମ୍ୟୁନିକେସନ ସ୍କିଲ୍ ଆଜିର ସମୟରେ ଖୁବ୍ ଜରୁରି। ନିଜ କଥାକୁ ପ୍ରଭାବି ଶୈଳୀରେ ରଖିବାରେ ଏହାର ଆବଶ୍ୟକତା ଅଛି। କମ୍ୟୁନିକେସନରେ କାମ କରିବା ପାଇଁ ଏଥିରେ ବି ନାମ ଲେଖାଇପାରିବେ।

**ଏଆଇ:** ଏଆଇର ଚାହିଦା ଏବେ ବେଶି ଥିବାରୁ ପିଲାଙ୍କୁ ଏହା ସହିତ ପରିଚିତ କରାଇବା ଉଚିତ। ବିଭିନ୍ନ ସ୍ଥାନରେ ଏହି କୋର୍ସ ଚାଲୁଛି। ଏଆଇ ଦ୍ୱାରା ପିଲା ଡିଜାଇନିଂ ଏବଂ କଣ୍ଟେଣ୍ଟ ରାଇଟିଂ ବି ଶିଖିପାରିବେ।

**ଭଏସ୍ ଓଭର:** ଏବେ ଭଏସ୍ ଓଭର ଆର୍ଟିଷ୍ଟଙ୍କ ଗୁରୁତ୍ୱ ମଧ୍ୟ ବେଶି। ସ୍ପିଚ୍ ଥେରାପି ପାଇଁ ଏହା ଏକ ଉତ୍ତମ ବିକଳ୍ପ। ସେହିପରି ଶବ୍ଦର ଠିକ୍ ଉଚ୍ଚାରଣରେ ବି ସାହାଯ୍ୟ ମିଳେ। ଖରାଦିନ ଛୁଟିରେ ଏହି କୋର୍ସ ଲାଭଦାୟକ ହୋଇପାରେ।





## ହ୍ୱାଟ୍ସଆପର 'ଭଏସ୍ ଚାଟ୍ ଫିଚର୍'

ହ୍ୱାଟ୍ସଆପ୍ ବ୍ୟବହାରକାରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ନୂଆ ଫିଚର୍ ଆଣିଥାଏ। ଏହି କ୍ରମରେ ସମସ୍ତ ଗ୍ରୁପ୍ ଚାଟ୍ ପାଇଁ ଭଏସ୍ ଚାଟ୍ ଫିଚର୍ ଲଞ୍ଚ କରାଯାଇଛି। ତେବେ ପୂର୍ବରୁ ଏହା କେବଳ ବଡ଼ ଗ୍ରୁପ୍ ପର୍ଯ୍ୟନ୍ତ ସୀମିତ ଥିଲା। ହେଲେ ଏହି ଫିଚର ଏବେ ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ପ୍ଲାଟଫର୍ମ ପାଇଁ ଉପଲବ୍ଧ। ସେହିପରି ଗ୍ରୁପ୍ ଚାଟ୍‌କୁ ଅଧିକ ମଜାଦାର କରିବା ପାଇଁ ଏହି ଫିଚର୍‌କୁ ସାମିଲ କରାଯାଇଛି। ଏହି ଫିଚର୍ ବ୍ୟବହାରକାରୀଙ୍କୁ ଗ୍ରୁପ୍‌ରେ ରିୟଲ ଟାଇମ୍ ଅଡିଓ ଚାଟ୍ କରିବାର ସୁବିଧା ପ୍ରଦାନ କରେ। ବିଶେଷକଥା ହେଉଛି, ଏହା ଦ୍ୱାରା ଗ୍ରୁପ୍‌ରେ କାହାକୁ କଲ୍ କରିବାକୁ ପଡ଼ି ନ ଥାଏ, ବରଂ ଗ୍ରୁପ୍ ମଧ୍ୟରେ ଏକ ଅଡିଓ ସେସନ୍ ଆରମ୍ଭ ହୋଇଥାଏ। ତେବେ ଅଧିକ ସଦସ୍ୟ ଥିବା ଗ୍ରୁପ୍ ପାଇଁ ଏହା ଉଦ୍ଦିଷ୍ଟ। ଅନ୍ୟପଟେ ଏହି ଭଏସ୍ ଚାଟ୍ ଫିଚର୍‌ରେ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ ଦିଆଯାଇଛି। ଅର୍ଥାତ୍ ଏହା ଦ୍ୱାରା ଅଡିଓ କଥାବାର୍ତ୍ତା ଗୋପନୀୟ ଓ ସୁରକ୍ଷିତ ରହିବ। ଗ୍ରୁପ୍ ବାହାରେ କୌଣସି ବ୍ୟକ୍ତି ଏହାକୁ ଶୁଣିପାରିବେ ନାହିଁ କି ଏଥିରେ ସାମିଲ ହୋଇପାରିବେ ନାହିଁ। ଅନ୍ୟପଟେ ଏହି ଫିଚର୍ ବ୍ୟବହାର କରିବା ପାଇଁ ଆପ୍‌ର ଅପଡେଟ୍ ଭର୍ସନ ଡାଉନଲୋଡ୍ କରିବାକୁ ହେବ।



# ଆଇପିଏଲ୍ ଉଦ୍‌ଯାପନୀ ଉତ୍ସବରେ ଅପରେସନ ସିନ୍ଦୂରକୁ ଦିଆଯିବ ଶ୍ରଦ୍ଧାଞ୍ଜଳି

**ନୂଆଦିଲ୍ଲୀ,୨୭।୫(ଏଜେନ୍ସି):** ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଉଦ୍‌ଯାପନୀ ଉତ୍ସବରେ 'ଅପରେସନ ସିନ୍ଦୁର'କୁ ସ୍ୱତନ୍ତ୍ର ଭାବେ ଶ୍ରଦ୍ଧାଞ୍ଜଳି ଦିଆଯିବ। ଏଥିପାଇଁ ସେନାର ପରାକ୍ରମକୁ ସମ୍ମାନିତ କରାଯିବ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି। ଅପରେସନ ସିନ୍ଦୁରର ସଫଳତାକୁ ନେଇ ଉତ୍ସବ ମନାଇଇବା ପାଇଁ ୩ଜଣ ସେନା ମୁଖ୍ୟଙ୍କୁ ଆମନ୍ତ୍ରଣ କରାଯିବ। ସ୍ଥଳ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌ ସେନା ମୁଖ୍ୟ ଆଡମିରାଲ ଦୀନେଶ କେ ତ୍ରିପାଠୀ ଓ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଅମର ପ୍ରୀତ ସିଂହଙ୍କ ସମେତ ସେନାର ପ୍ରମୁଖ ଅଧିକାରୀମାନଙ୍କୁ ଅହମ୍ମଦାବାଦରେ ଆୟୋଜନ ହେବାକୁ ଥିବା ଆଇପିଏଲ୍ ଫାଇନାଲ ମ୍ୟାଚ୍ ଦେଖିବାକୁ ନିମନ୍ତ୍ରଣ କରାଯିବ। ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଜୁନ୍ ୩ରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଉଲ୍ଲେଖଥାଉ କି, ଏପ୍ରିଲ ୨୨ ତାରିଖରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ମେ ୬ ଓ ୭ ତାରିଖରେ ଅପରେସନ ସିନ୍ଦୂର ଚଳାଇ ପାକିସ୍ତାନର ୯ ଆତଙ୍କବାଦୀ ଠିକଣା ଉପରେ ମିସାଇଲ ମାଡ କରିଥିଲା। ଅବଶ୍ୟ ପରେ ପାକିସ୍ତାନର ଅନୁରୋଧ କ୍ରମେ ଭାରତ ଏହି ଅପରେସନ ରୋକିବାକୁ ସହମତି ଜଣାଇଥିଲା। ଫଳରେ ସିଜଫାୟାର ଘୋଷିତ ହୋଇଥିଲା। ଏଥିପାଇଁ ଆଇପିଏଲ୍‌କୁ ଗୋଟିଏ ସପ୍ତାହ ପାଇଁ ସ୍ଥଗିତ ରଖାଯାଇଥିଲା ଓ ମେ ୧୭ରୁ ପୁଣି ଆଇପିଏଲ୍ ଆରମ୍ଭ ହୋଇଥିଲା।

# ୩ ଖେଳାଳିଙ୍କୁ ବିଦାୟ ଦେଲା ମୁମ୍ବାଇ

**ମୁମ୍ବାଇ, ୨୭।୫ (ଏଜେନ୍ସି):** ପଞ୍ଜାବ କିଙ୍ଗ୍‌ସଠାରୁ ପରାଜିତ ହେବା ପରେ ମୁମ୍ବାଇ ଇଣ୍ଡିଆନ୍ସ ତାହାର ୩ଜଣ ବିଦେଶୀ ଖେଳାଳିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଛି। ଏହି ୩ଜଣ ହେଲେ ରିୟାନ ରିକେଲଟନ, କର୍ବିନ ବୋଶ୍ଚ ଓ ୱିଲ ଜ୍ୟାକ୍ସ। ଏହି ୩ ଜଣ ସେମାନଙ୍କ ଦେଶ ପକ୍ଷରୁ ଖେଳିବା ଲାଗି ମୁମ୍ବାଇର ପ୍ଲେ ଅଫ୍ ମ୍ୟାଚ୍ ଖେଳିପାରିବେ ନାହିଁ। ମେ ୩୦ରେ ଖେଳାଯିବାକୁ ଥିବା ପ୍ଲେ ଅଫ୍‌ର ଏଲିମିନେଟରରେ ଖେଳିବ ମୁମ୍ବାଇ। ବିଦାୟ ନେଇଥିବା ୩ ଖେଳାଳିଙ୍କ ମଧ୍ୟରୁ ଦକ୍ଷିଣ ଆଫ୍ରିକାର ରିକେଟଲଟନ ଓ ବୋଶ୍ଚ ଅଷ୍ଟ୍ରେଲିଆ ସହ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଖେଳିବାକୁ ଇଂଲଣ୍ଡ ଯିବେ। ଇଂଲଣ୍ଡ ୱିଲ ଜ୍ୟାକ୍ସ ଜୁନ୍ ୨୯ରୁ ଆରମ୍ଭ ହେବାକୁ ଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦିନିକିଆ ସିରିଜ୍‌ରେ ଦଳ ପକ୍ଷରୁ ଖେଳିବାକୁ ମନୋନୀତ ହୋଇଛନ୍ତି। ଲିଗ୍ ମ୍ୟାଚ୍ ଶେଷ ହୋଇଥିବା ଦଳର ଅଷ୍ଟ୍ରେଲୀୟ, ଆଫ୍ରିକୀୟ ଓ ଇଂଲଣ୍ଡ ଖେଳାଳି ସ୍ୱଦେଶ ଫେରିଯାଇଛନ୍ତି।

● ଓଡ଼ିଆ ଖେଳାଳିଙ୍କ କରିଶ୍ମା

# ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସ ଗେଟ୍‌ବଲ୍‌ରେ ଭାରତକୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୭।୫ (ସମିସ):** ଓଡ଼ିଆ ଖେଳାଳିଙ୍କୁ ନେଇ ଗଠିତ ଭାରତୀୟ ଗେଟବ୍‌ଲ ଟିମ୍ ତାଇୱାନ୍‌ରେ ଅନୁଷ୍ଠିତ ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସ ଗେଟବଲ ଖେଳରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ଭୁବନେଶ୍ୱରସ୍ଥିତ ଇଣ୍ଡିଆନ ଗେଟବଲ ୟୁନିଅନ ଏହି ପ୍ରତିଯୋଗିତାରେ ଭାରତର ପ୍ରତିନିଧିତ୍ୱ କରିଥିଲା। ଭେଟେରାନ ଯନ୍ତ୍ରୀ




ଦ୍ୱିପାୟନ ପଟ୍ଟନାୟକଙ୍କ ନେତୃତ୍ୱରେ ଉମାକାନ୍ତ ପାଣି, ସର୍ବେଶ୍ୱର ମହାପାତ୍ର ଓ ଦିଲୀପ ଷଡଙ୍ଗୀ ଓଡ଼ିଆ ଖେଳାଳି ଭାବେ ଅଂଶଗ୍ରହଣ କରିଥିଲେ। ସମଗ୍ର ଟୁର୍ଣ୍ଣାମେଣ୍ଟରେ ଭାରତୀୟ ଦଳ ଗୋଟିଏ ହେଲେ ମ୍ୟାଚ୍ ହାରି ନ ଥିଲା। ଭାରତର ଯୁବ ଖେଳାଳିମାନେ ଅନ୍ତର୍ଜାତୀୟସ୍ତରରେ ଯେଉଁ ସଫଳତା ପାଉ ନାହାନ୍ତି, ତାହା ମାଷ୍ଟର୍ସ ଖେଳାଳିମାନେ କରି ଦେଖାଇଛନ୍ତି ବୋଲି ଗେଟ୍‌ବଲ୍‌ରେ ସ୍ୱର୍ଣ୍ଣବିଜୟରୁ ସ୍ପଷ୍ଟ ହୋଇଛି। ତାଇପେଇ ସିଟିର ୬୧ଟି ଭେନ୍ୟୁରେ ଖେଳାଯାଇଥିବା ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସରେ ୩୫ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୮ଟି ଦେଶରୁ ୨୫,୦୪୯ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ଆଇପିଏଲ୍ ୧୮ : ଲକ୍ଷ୍ନୌ ବନାମ ବେଙ୍ଗାଲୁରୁ

# ପନ୍ତ୍‌ଙ୍କ ଶତକ ଓ ମାର୍ଶଙ୍କ ଅର୍ଦ୍ଧଶତକ

**ଲକ୍ଷ୍ନୌ, ୨୭।୫ (ଏଜେନ୍ସି):** ଚଳିତ ଆଇପିଏଲ୍‌ର ୭୦ତମ ତଥା ଶେଷ ଲିଗ୍ ମ୍ୟାଚ୍ ଲକ୍ଷ୍ନୌ ସୁପର ଜାଏଣ୍ଟସ (ଏଲଏସ୍‌ଜି) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଘରୋଇ ମାଟିରେ ଖେଳୁଥିବା ଏଲଏସ୍‌ଜି ପକ୍ଷରୁ ଅଧିନାୟକ ଋଷଭ ପନ୍ତ୍ ଶତକ ଓ ଓପନର ମିଚେଲ ମାର୍ଶ ଅର୍ଦ୍ଧଶତକ ହାସଲ କରିଛନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ ଦାମି ଖେଳାଳି ପନ୍ତ୍‌ଙ୍କ ବ୍ୟାଟରୁ ଦ୍ୱିତୀୟ ଅର୍ଦ୍ଧଶତକ ମିଳିଛି। ପୂର୍ବରୁ ସେ ଚେନ୍ନାଇ ବିପକ୍ଷରେ ୬୩ ରନ୍‌ର ଇନିଂସ ଖେଳିଥିଲେ। ଏମାନଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ପ୍ରଥମେ




ବ୍ୟାଟିଂ କରିଥିବା ଏଲଏସ୍‌ଜି ୩ ୱିକେଟ ହରାଇ ୨୨୭ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ପନ୍ତ୍ ୬୧ ବଲ୍‌ରୁ ୧୧ ଚୌକା ଓ ୮ ଛକା ସହ ଅପରାଜିତ ୧୧୮ ଏବଂ ମିଚେଲ ମାର୍ଶ ୩୭ ବଲ୍‌ରୁ ୪ ଚୌକା ଓ ୫ ଛକା ସହ ୬୭ ରନ୍ କରିଥିଲେ। ଚଳିତ ଆଇପିଏଲ୍‌ରେ ଡେବ୍ୟୁ କରିଥିବା ଦକ୍ଷିଣ ଆଫ୍ରିକା ୱିକେଟରକ୍ଷକ ମାଥ୍ୟୁ ବ୍ରିଜ୍‌କେ ୧୪ ରନ୍ କରି ଆଉଟ ହୋଇଛନ୍ତି। ଏହି ୱିକେଟଟି ବେଙ୍ଗାଲୁରୁ ପକ୍ଷରୁ ଚଳିତ ସିଜନରେ ପ୍ରଥମ ମ୍ୟାଚ୍ ଖେଳୁଥିବା ନୁୱାନ ତୁଷାରାଙ୍କୁ ମିଳିଛି। ଅନ୍ୟ ଦୁଇଟି ୱିକେଟ ଭୁବନେଶ୍ୱର କୁମାର ଓ ରୋମାରିଓ ସେଫର୍ଡ ନେଇଥିଲେ। ଏହି ମୁକାବିଲା ପୂର୍ବରୁ ୧୩ଟି ମ୍ୟାଚ୍‌ରୁ ୬ଷ୍ଠ ବିଜୟ ସହ ଏଲଏସ୍‌ଜି ପ୍ଲେଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି। ଅନ୍ୟ ପକ୍ଷରେ ପ୍ଲେଅଫ୍‌ରେ ପ୍ରବେଶ କରିଥିବା ବେଙ୍ଗାଲୁରୁ ୧୩ଟି ମ୍ୟାଚ୍‌ରୁ ୧୭ ପଏଣ୍ଟ ସହ ପଏଣ୍ଟ ଟେବଲର ତୃତୀୟ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ ବେଙ୍ଗାଲୁରୁ ବିଜୟୀ ହେଲେ ପ୍ରଥମ କ୍ୱାଲିଫାୟରରେ ପଞ୍ଜାବ କିଙ୍ଗ୍‌ସ ସହ ମେ ୨୯ରେ କିମ୍ବା ପରାଜିତ ହେଲେ ମୁମ୍ବାଇ ଇଣ୍ଡିଆନ୍ସ ସହ ଏଲିମିନେଟରରେ ଖେଳିବ। ଦୁଇଟିଯାକ ମ୍ୟାଚ୍ ଚଣ୍ଡିଗଡ଼ସ୍ଥିତ ମୁଲାନପୁରରେ ଖେଳାଯିବ।

### ପ୍ରଥମ କ୍ୱାଲିଫାୟରରେ ପଞ୍ଜାବ କିଙ୍ଗ୍‌ସ

**ଜୟପୁର:** ୩୦ ବର୍ଷୀୟ ଅଷ୍ଟ୍ରେଲୀୟ ୱିକେଟକିପର ଜୋଶ ଇଂଲିଶ ଓ ୨୩ ବର୍ଷୀୟ ଦିଲ୍ଲୀ ଖେଳାଳି ପ୍ରିୟାଂଶ ଆର୍ଯ୍ୟଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ପଞ୍ଜାବ କିଙ୍ଗସ ୭ ୱିକେଟରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରି ଆଇପିଏଲ୍-୧୮ ପଏଣ୍ଟ ଟେବଲର ଶୀର୍ଷସ୍ଥାନକୁ ଉନ୍ନୀତ ହୋଇଛି। ଏଠାରେ ସୋମବାର ଖେଳାଯାଇଥିବା ମ୍ୟାଚ୍ ସହ ପଞ୍ଜାବ ୧୪ଟି ମ୍ୟାଚ୍‌ରୁ ୧୯ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହି ଲିଗ୍ ପର୍ଯ୍ୟାୟ ଶେଷ କରିଛି। ସେହିପରି ୧୪ଟି ମୁକାବିଲାରୁ ୬ଷ୍ଠ ପରାଜୟ ବରଣ କରି ମୁମ୍ବାଇ ପୂର୍ବପରି ଚତୁର୍ଥ ସ୍ଥାନରେ ରହିଛି। ଦଳ ଏବେ ଏଲିମିନେଟର ଖେଳିବ। ଜୟପୁରର ସୱାଇ ମାନସିଂ ଷ୍ଟାଡିୟମ୍‌ରେ ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବଙ୍କ ଧୈର୍ଯ୍ୟପୂର୍ଣ୍ଣ ୫୭ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ମୁମ୍ବାଇ ଇଣ୍ଡିଆନ୍ସ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୮୪ ରନ୍ କରିଥିଲା। ଜବାବରେ ପଞ୍ଜାବ ୧୮.୩ ଓଭରରେ ୩ ୱିକେଟ ହରାଇ ୧୮୭ ରନ୍ କରି ୭ ୱିକେଟରେ ମ୍ୟାଚ୍ ଜିତିନେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ଦଳ ୩୪ ରନ୍‌ରେ ପ୍ରଭସିମରନ ସିଂହଙ୍କ ୱିକେଟ ହରାଇଥିଲା। କିନ୍ତୁ ଯୁବ ଓପନର ପ୍ରିୟାଂଶ ଆର୍ଯ୍ୟଙ୍କ ସହ ଜୋଶ ଇଂଲିଶ ଯୋଗ ଦେଇ ଦ୍ୱିତୀୟ ୱିକେଟରୁ ୫୯ ବଲ୍‌ରେ ୧୨୧ ରନ୍ ଉଠାଇ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇଥିଲେ। ୨୭ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିଥିବା ପ୍ରିୟାଂଶ ୩୫ ବଲ୍‌ର ସମ୍ମୁଖୀନ ହୋଇ ୯ ଚୌକା ଓ ୨ଛକା ସହ ୬୨ ରନ୍‌ରେ ଆଉଟ ହୋଇଥିଲେ। ଅନ୍ୟପକ୍ଷରେ ଦମ୍‌ଦାର ବ୍ୟାଟିଂ କରିଥିବା ଇଂଲିଶ ୪୨ ବଲ୍ ଖେଳି ୯ ଚୌକା ଓ ୩ ଛକା ସହ ୭୩ ରନ୍‌ରେ ଆଉଟ ହୋଇଥିଲେ। ଏମାନଙ୍କ ଆଉଟ ପରେ ଦଳ ଆଉ କୌଣସି ୱିକେଟ ନ ହରାଇ ବିଜୟୀ ହୋଇଥିଲା।

**ଆଇପିଏଲ୍-୨୦୨୫: ପଏଣ୍ଟ ସାରଣୀ**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ବାତିଲ୍ | ପଏଣ୍ଟ | ରନରେଟ୍ |
|---|---|---|---|---|---|---|
| ପଞ୍ଜାବ | ୧୪ | ୯ | ୪ | ୧ | ୧୯ | +୦.୩୭୨ |
| ଗୁଜରାଟ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ | ୧୪ | ୮ | ୬ | ୦ | ୧୬ | +୧.୧୪୨ |
| ଦିଲ୍ଲୀ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ହାଇଦରାବାଦ୍ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| କୋଲକାତା | ୧୪ | ୫ | ୭ | ୨ | ୧୨ | +୦.୩୦୫ |
| ରାଜସ୍ଥାନ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

## ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ୍

# ଭୁବନେଶ୍ୱର-ଏ, ରାଉରକେଲା ବିଜୟୀ

**କଟକ, ୨୭।୫ (ସମିସ):** କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଆଜି ଦୁଇଟି ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର-ଏ ଏବଂ ରାଉରକେଲା ବିଜୟୀ ହୋଇଛନ୍ତି।







ବିଡାନାସୀ ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୩୬ ରନରେ ଗଞ୍ଜାମକୁ ହରାଇଥିଲା। ଶ୍ରେୟାଂଶୁ ପଟ୍ଟନାୟକଙ୍କ ୫୪ରନ ଏବଂ ଶାଶ୍ୱତ ରାଉତଙ୍କ ୫୩ରନ ସହାୟତାରେ ଭୁବନେଶ୍ୱର-ଏ ସମସ୍ତ ୱିକେଟ ହରାଇ ୧୭୭ରନ କରିଥିଲା। ଗଞ୍ଜାମର ଅଭିନୀତ ପଟ୍ଟନାୟକ ଏବଂ ଅନିରୁଦ୍ଧ ପଟ୍ଟନାୟକ ୪ଟି ଲେଖାଏ ୱିକେଟ ହାସଲ କରିଥିଲେ। ୨୦ ଓଭର ଖେଳ ଶେଷ ସୁଦ୍ଧା ଗଞ୍ଜାମ ୮ ୱିକେଟ ବିନିମୟରେ ୭୧ରନ ସଂଗ୍ରହ କରିଥିଲା। ବର୍ଷା ଯୋଗୁଁ ମ୍ୟାଚ୍ ବନ୍ଦ ରହିଥିବା ବେଳେ ଭୁବନେଶ୍ୱର-ଏ ଡିଏଲଏସ୍ ପଦ୍ଧତିରେ ବିଜୟୀ ଘୋଷିତ ହୋଇଥିଲା। ୭ରନ ବ୍ୟୟ କରି ୩ଟି ୱିକେଟ ଦଖଲ କରିଥିବା ଭୁବନେଶ୍ୱର-ଏର ସୌମ୍ୟ ମହାନ୍ତି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ରେଭେନ୍ସା ଗ୍ରାଉଣ୍ଡ-୧ରେ ରାଉରକେଲା ୪ ୱିକେଟରେ ନୂଆପଡାକୁ ହରାଇଥିଲା। ନୂଆପଡା ୧୦୪ ରନରେ ଅଲଆଉଟ ହୋଇଥିଲା। ଜବାବରେ ରାଉରକେଲା ୨୫.୩ ଓଭରରେ ୬ ୱିକେଟ ହରାଇ ୯୯ରନ କରିଥିବା ବେଳେ ବର୍ଷା ବାଧକ ସାଜିଥିଲା। ରାଉରକେଲା ଡିଏଲଏସ୍ ପଦ୍ଧତିରେ ବିଜୟୀ ହୋଇଥିବା ବେଳେ ୩ ୱିକେଟ ଦଖଲ ସହ ୧୯ରନ ସଂଗ୍ରହ କରିଥିବା ରାଉରକେଲାର କ୍ରୀଷ୍ଣା ସିଂହ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। କଟକ-ଏ ଓ ବାଲେଶ୍ୱର, କେନ୍ଦୁଝର ଓ ପୁରୀ, ଢ଼େଙ୍କାନାଳ ଓ କନ୍ଧମାଳ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଛି।

# ଜାତୀୟ ଶକ୍ତିଉତ୍ତୋଳନରେ ଓଡ଼ିଶାର ପ୍ରତିଷ୍ଠା ସିଂ ଶ୍ରେଷ୍ଠ

**ଭୁବନେଶ୍ୱର, ୨୭।୫ (ସମିସ):** ମହାରାଷ୍ଟ୍ରର କୋଲ୍‌ହାପୁରଠାରେ ଅନୁଷ୍ଠିତ ଜାତୀୟ ଉପକନିଷ୍ଠ ଓ କନିଷ୍ଠ ଭାରୋତ୍ତୋଳନ ଚାମ୍ପିଅନସିପ୍‌ରେ ଓଡ଼ିଶାର ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ଦଳର ଦୁଇ ପ୍ରତିଯୋଗୀ ପ୍ରତିଷ୍ଠା ସିଂ ଓ ସୋମେନ ସେନାପତି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏପରିକି କନିଷ୍ଠ ବାଳିକା ବିଭାଗ ୬୯ କିଲୋଗ୍ରାମ୍ ବେଞ୍ଚ୍‌ପ୍ରେସ୍‌ରେ ସ୍ୱର୍ଣ୍ଣପଦକ ସହ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିବା ପ୍ରତିଷ୍ଠାଙ୍କୁ ପ୍ରତିଯୋଗିତାର ସର୍ବଶ୍ରେଷ୍ଠ ଭାରୋତ୍ତୋଳିକା ବିବେଚନା କରାଯାଇଛି। ଏହି ପ୍ରତିଯୋଗିତାରେ ଓଡ଼ିଶା ୧୨ଟି ପଦକ ବିଜୟୀ ହୋଇଛି। ଅନ୍ୟ ପଦକ ବିଜେତାମାନେ ହେଲେ ସୋମେନ ସେନାପତି, ପ୍ରିୟାଂଶୁ ପଟ୍ଟନାୟକ, ପ୍ରଜ୍ଞାନ ପ୍ରଧାନ, ଜ୍ୟୋତି ଖରା ପଦକ ବିଜୟୀ ହୋଇଛନ୍ତି। ପଦକ ବିଜେତାଙ୍କୁ ଓଡ଼ିଶା ଶକ୍ତିଉତ୍ତୋଳନ ସଂଘ ସଭାପତି ଇଂ ଚିତ୍ତରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି।

● ଏସିଆନ ଆଥଲେଟିକ୍ ଚାମ୍ପିଅନସିପ୍

# ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଗୁଲବୀର୍

**ଗୁମି,୨୭।୫(ଏଜେନ୍ସି):** ଦକ୍ଷିଣ କୋରିଆ ଗୁମିଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୨୬ତମ ସଂସ୍କରଣରେ। ପ୍ରଥମ ଦିବସରେ ଲଙ୍ଗ-ଡିଷ୍ଟାନ୍ସ ରନର ଗୁଲବୀର ସିଂ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସ୍ଥାନୀୟ ଗୁମି ସିଭିକ ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ୧୦,୦୦୦ ମିଟର ରେସ୍ ଇଭେଣ୍ଟରେ ୨୬ ବର୍ଷୀୟ ଗୁଲବୀର ୨୮ ମିନିଟ୍ ୩୮.୬୩ ସେକେଣ୍ଡ ସମୟ ନେଇ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣିମ ସଫଳତା ଅର୍ଜନ କରିଛନ୍ତି। ଏହି ଇଭେଣ୍ଟରେ ଅନ୍ୟତମ ଭାରତୀୟ ଆଥଲେଟ୍ ସାବନ ବରୱାଲ ୨୮ ମିନିଟ୍ ୫୦.୫୩ ସେକେଣ୍ଡ ସମୟ ନେଇ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଏହି ଇଭେଣ୍ଟରେ ଜପାନର ମେବୁକି ସୁଜୁକି (୨୮:୪୩.୮୪) ରୌପ୍ୟ ଓ ବାହରିନର ଆଲବର୍ଟ କିବିଚି ରୋପ (୨୮:୪୬.୮୨) କାଂସ୍ୟ ପଦକ ହାସଲ କରିଛନ୍ତି।




**୨୦କିମି ଚାଲିରେ ସେର୍ଭିନଙ୍କୁ କାଂସ୍ୟ:** ସେହିପରି ଭାରତର ଅନ୍ୟତମ ଲଙ୍ଗ ଡିଷ୍ଟାନ୍ସ ରନର ସେର୍ଭିନ ସେବାଷ୍ଟିଆନ୍ ପୁରୁଷ ୨୦କି.ମି. ଚାଲିରେ କାଂସ୍ୟ ପଦକ ହାସଲ କରିଥିଲେ ଓ ଦେଶ ପାଇଁ ପ୍ରଥମ ପଦକ ହାସଲ କରିଥିଲେ। ସେର୍ଭିନ୍ ୧ ଘଣ୍ଟା ୨୧ ମିନିଟ୍ ୧୩.୬୦ ସେକେଣ୍ଡ ସମୟ ନେଇ ତୃତୀୟ ସ୍ଥାନରେ ରହି କାଂସ୍ୟ ପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ଭାରତର ଅମିତ ଖାତ୍ରୀ (୧:୨୨.୧୫) ପଞ୍ଚମ ସ୍ଥାନରେ ରହିଥିଲେ। ମହିଳା ଜାଭେଲିନ୍ ଥ୍ରୋରେ ଅନୁ ରାନୀ ତୃତୀୟ ପ୍ରୟାସରେ ୫୮.୪୦ ମିଟର ଥ୍ରୋ କରି ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକ ହାସଲରୁ ବଞ୍ଚିତ ହୋଇଥିଲେ। ୩୧ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମିଟ୍‌ରେ ୪୩ଟି ଦେଶରୁ ୨୦୦୦ ଆଥଲେଟ ଅଂଶଗ୍ରହଣ କରିଛନ୍ତି।

ଫ୍ରେଞ୍ଚ୍ ଓପନ୍ ଟେନିସ

# ସିନର, ଜ୍ୱେରେଭ, ଜୋକୋଭିଚ୍‌ଙ୍କ ଅଭିଯାନ ଆରମ୍ଭ

**ପ୍ୟାରିସ,୨୭।୫(ଏଜେନ୍ସି):** ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ୍‌ର ପୁରୁଷ ଏକକ ପ୍ରତିଯୋଗିତାରେ ସିଡେଡ୍ ଖେଳାଳିମାନେ ଅଭିଯାନ ଆରମ୍ଭ କରିଛନ୍ତି। ମଙ୍ଗଳବାର ତୃତୀୟ ଦିବସରେ ଟପ୍ ସିଡ୍ ଖେଳାଳି ଇଟାଲୀର ଜାନିକ ସିନର, ତୃତୀୟ ସିଡ୍ ଜର୍ମାନୀ ଆଲେକଜାଣ୍ଡର ଜ୍ୱେରେଭ, ଷଷ୍ଠ ସିଡ୍ ସର୍ବିଆରେ ଷଷ୍ଠ ସିଡ୍ ନୋଭାକ ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ସିନର ୬-୪, ୬-୩, ୭-୫ ସେଟ୍‌ରେ ଫ୍ରାନ୍ସର ଅଣସିଡ୍ ଖେଳାଳି ଆର୍ଥର ରିଣ୍ଡେରକ୍ନେଚଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି ରବିବାର ଜେନିଭା ଓପନ୍‌ରେ ଚାମ୍ପିଅନ ହୋଇ ୧୦୦ତମ ଟାଇଟଲ ଜିତିଥିବା ସର୍ବିଆ ଅଭିଜ୍ଞ ଖେଳାଳି ଜୋକୋଭିଚ୍ ପ୍ରଥମ ରାଉଣ୍ଡରେ ୬-୩, ୬-୩, ୬-୩ ସିଧାସଳଖ ସେଟ୍‌ରେ ଆମେରିକାର ମ୍ୟାକେଞ୍ଜି ମ୍ୟାକ୍‌ଡୋନାଲ୍ଡଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ଜ୍ୱେରେଭ ୬-୩, ୬-୩, ୬-୪ ସେଟ୍‌ରେ ଆମେରିକାର ଲର୍ଣ୍ଣର ଟିଏନଙ୍କୁ, ୯ମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର ୬-୩, ୬-୪, ୭-୬ ସେଟ୍‌ରେ ସର୍ବିଆର ଲାସଲୋ ଡିଜେରେଙ୍କୁ, କାଜାଖସ୍ତାନର ଆଲେକଜାଣ୍ଡର ବଲବିକ୍ ୬-୨,





୬-୪, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ଜେମ୍ସ ଡକୱର୍ଥଙ୍କୁ ପରାସ୍ତ କରି, ବୁଲଗେରିଆର ଗ୍ରିଗର ଡିମିଟ୍ରୋଭ ଆମେରିକାର ଇଥାନ କୁଇନ୍‌ଙ୍କ ବିପକ୍ଷ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୱାକ୍‌ଓଭର ପାଇ ଦ୍ୱିତୀୟ ରାଉଣ୍ଡକୁ ଉଠିଛନ୍ତି। ତେବେ ରୁଷିଆର ୧୧ତମ ସିଡ୍ ଖେଳାଳି ଡାନିଲ ମେଦଭେଦେଭ ୫-୭, ୩-୬, ୬-୪, ୬-୧, ୫-୭ ମାରାଥନ ସେଟ୍‌ରେ ବ୍ରିଟେନର କାମେରନ ନୋରିଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି।

### ଗଫ୍, ଆନ୍ଦ୍ରିଭା ଦ୍ୱିତୀୟ ରାଉଣ୍ଡରେ

ମହିଳା ଏକକରେ ଆମେରିକାର ଦ୍ୱିତୀୟ ସିଡ୍ ଖେଳାଳି କୋକୋ ଗଫ୍, ତୃତୀୟ ସିଡ୍ ଜେସିକା ପେଗୁଲା, ୩୧ତମ ସିଡ ସୋଫିଆ କେନିନ୍, ଷଷ୍ଠ ସିଡ୍ ରୁଷିଆରେ ମୀରା ଆନ୍ଦ୍ରିଭା, ବେଲାରୁଷର ଭିକ୍ଟୋରିଆ ଆଜାରେଙ୍କା ଅନ୍ୟ ତାରକ ଖେଳାଳି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ଗଫ୍ ୬-୨, ୬-୨ ସିଧା ସେଟ୍‌ରେ ଅଷ୍ଟ୍ରେଲିଆର ଓଲିଭିଆ ଗାଡେକିଙ୍କୁ, ପେଗୁଲା ୬-୨, ୬-୪ ସିଧା ସେଟ୍‌ରେ ରୋମାନିଆର ଅନକା ଟୋଡନୀଙ୍କୁ, ଆନ୍ଦ୍ରିକା ୬-୪, ୬-୩ ସେଟ୍‌ରେ ସ୍ପେନର କ୍ରିଷ୍ଟିନା ବୁସ୍କାଙ୍କୁ, ଆଜାରେଙ୍କା ୬-୦, ୬-୦ ସେଟ୍‌ରେ ବେଲଜିୟମର ୟାନିନା ୱିକମାୟରଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। କିନ୍ତୁ ଗ୍ରୀସ୍‌ର ମାରିଆ ସାକାରି ୩-୬, ୬-୭ ସେଟ୍‌ରେ ଫ୍ରାନ୍ସର ଏଲ୍‌ସା ଜାକ୍ୱେମୋଟଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଏହା ଫଳରେ ମାରିଆ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

# ୨୦୨୭ ବିଶ୍ୱକପ୍ ପୂର୍ବରୁ ୨୭ଟି ଦିନିକିଆ ଖେଳିବ ଭାରତ

**ନୂଆଦିଲ୍ଲୀ, ୨୭।୫ (ଏଜେନ୍ସି):** ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଓ ନାମିବ୍ୟାରେ ୨୦୨୭ ଅକ୍ଟୋବର-ନଭେମ୍ବରରେ ଖେଳାଯିବ ଦିନିକିଆ ବିଶ୍ୱକପ୍। ଏହି ମେଗା ଇଭେଣ୍ଟ ଲାଗି ଭାରତୀୟ ଦଳର ପ୍ରସ୍ତୁତି ଅଗଷ୍ଟ ମାସରୁ ଆରମ୍ଭ ହେବ। ଏବେ ବରିଷ୍ଠ କ୍ରିକେଟ ଦଳ ଇଂଲଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଇଂଲଣ୍ଡ ଗସ୍ତରେ ଯିବ। ଏହା ପରେ ବାଂଲାଦେଶ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରୁ ଭାରତର ଦିନିକିଆ ବିଶ୍ୱକପ୍ ପ୍ରସ୍ତୁତି ଆରମ୍ଭ ହେବ। ଏହାରି ମଧ୍ୟରେ ଭାରତ ୮ଟି ଜାତୀୟ ଦଳ ସହ ଭିନ୍ନ ଭିନ୍ନ ପରିବେଶରେ ୯ଟି ସିରିଜ ବା ୨୭ଟି ଦିନିକିଆ ମ୍ୟାଚ୍ ଖେଳିବ। କିନ୍ତୁ ଏହି ୯ଟି ସିରିଜ୍ ମଧ୍ୟରେ ଗୋଟିଏ ହେଲେ ଯୁଗ୍ମ ଆୟୋଜକ ଦେଶରେ ହେବ ନାହିଁ। ଦକ୍ଷିଣ ଆଫ୍ରିକା ସହ ଭାରତ ଖେଳିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଘରୋଇ ମାଟିରେ ଅର୍ଥାତ୍ ଭାରତରେ ଖେଳାଯିବ। ଭାରତୀୟ ପିଚ୍ ଓ ଆଫ୍ରିକୀୟ ପିଚ୍ ମଧ୍ୟରେ ଅନେକ ତଫାତ୍ ରହିଛି। ୯ଟି ସିରିଜ୍ ମଧ୍ୟରୁ ଘରୋଇ ମାଟିରେ ୬ଟି ଓ ବିଦେଶରେ ୩ଟି ଯଥା ବାଂଲାଦେଶ, ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସହ ଖେଳିବ। ନ୍ୟୁଜିଲାଣ୍ଡ ସହ ୨ଟି ସିରିଜ୍ ଖେଳାଯିବାକୁ ଥିଲାବେଳେ ୨ଟିଯାକ ଭାରତୀୟ ମାଟିରେ ଖେଳାଯିବ। ଏଣୁ ଭାରତ ପର୍ଯ୍ୟାପ୍ତ ମ୍ୟାଚ୍ ଖେଳିବାକୁ ଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକା ପିଚ୍ ସହ ସାମଞ୍ଜସ୍ୟ ଥିବା ପିଚ୍‌ରେ ମାତ୍ର ୬ଟି ମ୍ୟାଚ୍ ଖେଳିବ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆରେ ଏହି ୬ଟି ମ୍ୟାଚ୍ ଖେଳାଯିବ।

**ଭାରତର ଦିନିକିଆ ଖେଳସୂଚୀ**

| ପ୍ରତିଦ୍ୱନ୍ଦ୍ୱୀ | ମ୍ୟାଚ୍ | ଆୟୋଜକ | ଖେଳସମୟ |
|---|---|---|---|
| ବାଂଲାଦେଶ | ୩ | ବାଂଲାଦେଶ | ଅଗଷ୍ଟ, ୨୦୨୫ |
| ଅଷ୍ଟ୍ରେଲିଆ | ୩ | ଅଷ୍ଟ୍ରେଲିଆ | ଅକ୍ଟୋବର-ନଭେମ୍ବର |
| ଦ.ଆଫ୍ରିକା | ୩ | ଭାରତ | ନଭେମ୍ବର-ଡିସେମ୍ବର |
| ନ୍ୟୁଜିଲାଣ୍ଡ | ୩ | ଭାରତ | ଜାନୁଆରୀ ୨୦୨୬ |
| ଆଫଗାନିସ୍ତାନ | ୩ | ଭାରତ | ଜୁନ୍ |
| ଇଂଲଣ୍ଡ | ୩ | ଇଂଲଣ୍ଡ | ଜୁଲାଇ |
| ୱେଷ୍ଟଇଣ୍ଡିଜ୍ | ୩ | ଭାରତ | ସେପ୍ଟେମ୍ବର-ଅକ୍ଟୋବର |
| ନ୍ୟୁଜିଲାଣ୍ଡ | ୩ | ଭାରତ | ଅକ୍ଟୋବର-ନଭେମ୍ବର |
| ଶ୍ରୀଲଙ୍କା | ୩ | ଭାରତ | ଡିସେମ୍ବର, ୨୦୨୬ |
| ବିଶ୍ୱକପ୍ | - | ଦଆଫ୍ରିକା+ | ଅକ୍ଟୋବର-ନଭେମ୍ବର, ୨୦୨୭ |


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS